ପ୍ରତିଷ୍ଠାତା - ରାମକୃଷ୍ଣ ନନ୍ଦ

ସଂସାର

ଉପଦେଷ୍ଟାମଣ୍ଡଳୀ

ଶ୍ରୀ ସହଦେବ ସାହୁ
ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ
ଇଂ ପ୍ରଭାତ କୁମାର ନନ୍ଦ

ସମ୍ପାଦିକା

ଅନସୂୟା ନନ୍ଦ

୬୬ ବର୍ଷ, ପ୍ରଥମ ସଂଖ୍ୟା
ଅଗଷ୍ଟ, ୨୦୧୬
ବାର୍ଷିକ ମୂଲ୍ୟ--୧୨୦ ଟଙ୍କା
ପ୍ରତିଖଣ୍ଡ-- ୧୫ ଟଙ୍କା

ଯୋଗାଯୋଗ
ତଳତେଲେଙ୍ଗା ବଜାର,
କଟକ-୭୫୩୦୦୯
ଦୂରଭାଷ : **୯୮୬୧୦୬୪୮୯୧,**
୨୪୨୨୫୯୭, ୨୪୨୦୦୭୫
email :
nandaanasuya@hotmail.com
www:odisha publication.com

ଅନ୍ୟାନ୍ୟ ବିଭାଗର ଲେଖକ--
ସୁଭଦ୍ରା ବେହେରା, ଅଦ୍ୱୈତ ପ୍ରସାଦ ନାୟକ, ପ୍ରତାପ ଚନ୍ଦ୍ର ଭଞ୍ଜ, ସ୍ୱାମୀ ଜୟଦେବ ଭାରତୀ, ଇଂ ପ୍ରଭାତ ନନ୍ଦ

ଗଳ୍ପ

ସାମାନ୍ୟ କଥା	କାଞ୍ଚନାରାୟଣ ମହାନ୍ତି	୫
ଶିକ୍ଷକଙ୍କ ଗୁପ୍ତ ରହସ୍ୟ	ଚନ୍ଦ୍ରିକା ପଣ୍ଡା	୧୦
ଧୂପକାଠି	ସୁରେଶ କୁମାର ପଣ୍ଡା	୧୬
ଗର୍ବ କଲେ ଖର୍ବ ହୁଏ	ସୁଭାଷ ଚନ୍ଦ୍ର ମହାନ୍ତି	୧୮
ଚାରି ପଇସା ଆୟର ଉପଯୋଗ	ନଗେନ୍ଦ୍ରନାଥ ପଟ୍ଟନାୟକ	୨୩
ବୁଢ଼ା ମାଙ୍କଡ଼	କାଳିକିଙ୍କର	୨୪
ଭଗବାନ ହିଁ ଭିକ୍ଷାଦାତା	ଜଗନ୍ନାଥ ପଣ୍ଡା	୩୦
ଝିଅଟି କାହାର ?	ନାମଯଜ୍ଞ ମିଶ୍ର	୩୫
ଭେଲୁର ସନ୍ଦେଶଖିଆ	ନନ୍ଦକିଶୋର ସିଂହ	୩୭
ବିଲେଇନାନୀର ବାହାଘର	ମାଳାକାର	୩୯
ବାଘ ବନାମ ଗୁରୁବାରୀ	ଅଜୟ କୁମାର ପଟ୍ଟନାୟକ	୪୨
ଗଛକୁ ସୁନ୍ଦର ସବୁଜ ପତର	ଡ. ସୁଧାଂଶୁ ଦ୍ୱିବେଦୀ	୪୫

କବିତା

କହିଲ ଦେଖି କିଏ ?	ସୁଶାନ୍ତ କୁମାର ନନ୍ଦ	୭
କଥା ହେଲେ କଟାକଟି	ବିଷ୍ଣୁ ମୋହନ	୧୫
କାଦୁଅରୁ ସିନା ଜନମ	ରାଜକିଶୋର ପାଢ଼ୀ	୨୧
ଛାଇ ନିଦ ଲାଗିଗଲା	ସନ୍ତୋଷ କୁମାର ପଣ୍ଡା	୨୮
ହେବ ଉପକାର	ରାଧାମାଧବ ରଥ	୩୮
ଆସ ଦେଖିଯିବା ପିଲେ ଯାତରା	ରାଜଲକ୍ଷ୍ମୀ ତ୍ରିପାଠୀ	୪୨
ଭାବି ବିଚାରି କାମ କର	କୁମୁଦଲତା ମହାନ୍ତି	୪୭

ଭ୍ରମଣ କାହାଣୀ

ନାଗପୁରର ଅନନ୍ୟ ପର୍ବ...	ଶୁଭେନ୍ଦ୍ର ମୋହନ ଶ୍ରୀଚଂନ୍ଦନ ସିଂହ	୮
ମହିମାନ୍ୱିତ ପୀଠ ଶନି ସିଗ୍ନାପୁର	ଡ. ଜ୍ୟୋତିର୍ମୟୀ ମହାନ୍ତି	୨୬

ଜ୍ଞାନବିଜ୍ଞାନ

ଶିଉଳିରୁ ଜୈବ ଇନ୍ଧନ ପ୍ରସ୍ତୁତି	ଡ. ପ୍ରସନ୍ନ କୁମାର ପଣ୍ଡା ହିମାଂଶୁ ଶେଖର ପଣ୍ଡା	୧୨
ପୋଲିଓ	ଡାକ୍ତର ସଚ୍ଚିଦାନନ୍ଦ ଶତପଥୀ	୩୨

ମନୋରଞ୍ଜନ

ସାଧାରଣଜ୍ଞାନ ପରୀକ୍ଷା	ଜ୍ୟୋତିରଂଜନ ବିଶ୍ୱାଳ	୨୦
ବୁଦ୍ଧି ପରୀକ୍ଷା	ସହଦେବ ସାହୁ	୨୨
ଭାବି ଦେଖନ୍ତୁ	ଅନସୂୟା ନନ୍ଦ	୪୮
ଚିରସବୁଜ କଳାକାର ଦେବାନନ୍ଦ	....	୫୦
ଶବ୍ଦଧନ୍ଦା	ଡ. ନିରଞ୍ଜନ ସାହୁ	୫୩



ଆମ ଚିଠି ମୁଣିରୁ

ଚମ୍ପୁଆ, କେନ୍ଦୁଝରରୁ ରାସେଶ୍ୱର ମହାନ୍ତ-- ସକାଳର ସୂର୍ଯ୍ୟ କହିଦିଏ ଦିନଟି କିପରି ହେବ । ସେମିତି ଚଳିତ ସଂଖ୍ୟା 'ସଂସାର'ର ପ୍ରଚ୍ଛଦ ହିଁ ଚିନ୍ତାର ବିଷୟ ଓ ସବୁଠାରୁ ଶିକ୍ଷଣୀୟ । ପ୍ରଚ୍ଛଦ ବାହାରପଟେ ପରିବେଶ ଧ୍ୱଂସଲୀଳାର ସୂଚନା ଓ ଭିତରପଟେ ଗୋଟିଏ ନୂତନ ସନ୍ଦେଶ ସାଙ୍ଗକୁ ଓଡ଼ିଆ ସିନେମା ଜଗତର ସଂସ୍କୃତି ଓ ଆଦର୍ଶ ଧାରଣ କରିଥିବା କେତୋଟି ଚଳଚ୍ଚିତ୍ର କଥା ମନେପକାଇ ଦେଉଛି । ମନେହେଉଛି– "କି ଥିଲା ଏ ରାଜ୍ୟ, କି ହୋଇଛି ଆଜ !"

ପୁରୁଣିଆ, ନୟାଗଡ଼ରୁ ରସାନନ୍ଦ ଘଡ଼େଇ-- ଏ ସଂଖ୍ୟାରେ 'କଉଡ଼ି' ଗୀତରେ ଷଠିଦୂଷୀ ଶବ୍ଦଟି ଭୁଲ୍ । ଷଠୀଦେବୀ ବା ଷଠୀବୁଢ଼ୀ ହୋଇଥିଲେ ଠିକ୍ ହୋଇଥାନ୍ତା । 'ବଣମଲ୍ଲୀ' କବିତାରେ 'ମାଳି' ନ ହୋଇ 'ମାଳୀ' ହୋଇଥାନ୍ତା ।

ଓଡ଼ଗାଁ, ନୟାଗଡ଼ରୁ ରାଜକିଶୋର ସାହୁ-- ଏ ମାସର ଶବ୍ଦଧନ୍ଦା ଟିକିଏ ଜଟିଳ ବୋଧ ହେଉଛି । ଏହା ଯଥାସମ୍ଭବ ସରଳ ହେଲେ ବହୁ ପାଠକ ଏଥିରେ ଅଂଶଗ୍ରହଣ କରିପାରିବେ । ପ୍ରତି ମାସରେ ଲେଖନୀର ପାଠଶାଳା ଓ ବୁଦ୍ଧିପରୀକ୍ଷା ପ୍ରକାଶ କରିବାକୁ ଅନୁରୋଧ । ଶବ୍ଦଧନ୍ଦାର ୧୪ ନମ୍ବର ଘରଟିରେ କୌଣସି ଶବ୍ଦ ନ ଥିବାରୁ ଛାଡ଼ି ଦିଆଗଲା ।

(ଅବଶିଷ୍ଟାଂଶ ୫୨ ପୃଷ୍ଠାରେ)

ଆମ ପରିଚିତ ଲେଖକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ୰ଶ୍ରୀନିବାସ ଖଣ୍ଡାୟୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ 'ସ୍ମରଣିକା' ପ୍ରକାଶ ପାଇବ । ତାଙ୍କର ଯେକୌଣସି ଦିଗ ସମ୍ପର୍କରେ ପ୍ରବନ୍ଧ, କବିତା, ଆଲୋଚନା ତଥା ଅନୁଭୂତିମୂଳକ ଲେଖା ଯଥାଶୀଘ୍ର ପଠାଇବାକୁ ବିନମ୍ର ଅନୁରୋଧ । --**ଶ୍ରୀନିବାସ ଖଣ୍ଡାୟୀ ସ୍ମୃତିସଂସଦ**

ଯୋଗାଯୋଗ– **ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଖଣ୍ଡାୟୀ**

୩/୧୬୦– ନୀଳାଦ୍ରି ବିହାର, ପୋ– ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର– ୭୫୧୦୨୧

ମେଲ୍– connectprasant@gmail.com, ଦୂରଭାଷ– ୯୪୩୭୧୦୫୫୦୮ **କିମ୍ବା ଶ୍ରୀଯୁକ୍ତ ଅକ୍ଷୟ କୁମାର ବେହେରା**– ୯୪୩୮୩୪୦୨୩୩, **ଶ୍ରୀଯୁକ୍ତ ରତ୍ନାକର ଦାସ**– ୯୪୩୭୭୫୧୭୩୩

'ସଂସାର' ଜନ୍ମଦିନ

୧୯୫୧ ଅଗଷ୍ଟ ମାସରେ 'ସଂସାର' ପତ୍ରିକାକୁ ଜନ୍ମ ଦେଇଥିଲେ ମହାନ୍ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ । ତାଙ୍କର ସେହି ବରଦ ହସ୍ତର ଯାଦୁକରୀ ସ୍ପର୍ଶରେ ଏ ପତ୍ରିକା ଚିରନ୍ତନ ଶକ୍ତି ହାସଲ କରିପାରିଛି । ଯେଉଁଥିପାଇଁ କି ୧୯୫୧ରୁ ଆଜି ପର୍ଯ୍ୟନ୍ତ ଶିଥିଳ ହୋଇନାହିଁ ତା'ର ଗତି ।

ଆମର ପାଠକ, ଲେଖକ ତଥା ଏଜେଣ୍ଟ୍ ଓ ଗ୍ରାହକମାନଙ୍କର ସ୍ପର୍ଶ ଏ ଯାବତ୍ ଆମେ ଅନୁଭବ କରୁଛୁ । ଏହା ଚିରଦିନ ଉଜ୍ଜୀବିତ ରହୁ– ଏତିକି ଈଶ୍ୱରଙ୍କ ନିକଟରେ କାମନା ସହିତ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ।

–'ସଂସାର' ପରିବାର

ଶୋକାଞ୍ଜଳି

ସଂସାର ପରିବାରର ପରିଚିତ, ଶୁଭେଚ୍ଛୁ, ପୂର୍ବତନ ଉପଦେଷ୍ଟା ତଥା ପ୍ରଥିତଯଶା ସାହିତ୍ୟିକ **ମହାପାତ୍ର ନୀଳମଣି ସାହୁ** ଆଉ ଆମ ଗହଣରେ ନାହାନ୍ତି । ତାଙ୍କର ମୃତ୍ୟୁରେ 'ସଂସାର' ପରିବାର ମର୍ମାହତ । ସେ ମହାନ୍ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । **– ସଂସାର ପରିବାର**

ଅଭିନନ୍ଦନ

ଆମର ପରିଚିତ ଲେଖିକା ଓ **ସାହିତ୍ୟିକା କୁମୁଦଲତା ମହାନ୍ତିଙ୍କୁ** 'ଫକୀର ମୋହନ ସାହିତ୍ୟ ସଂସଦ' ପକ୍ଷରୁ ବରିଷ୍ଠ ସାହିତ୍ୟିକା ଭାବେ ସମ୍ମାନିତ କରାଯାଇଛି । ତାଙ୍କର ଏ କୃତିର ଗୌରବରେ 'ସଂସାର' ପରିବାର ଗର୍ବିତ । ତାଙ୍କର ଦୀର୍ଘାୟୁ କାମନା କରିବା ସହିତ ତାଙ୍କୁ ଅଭିନନ୍ଦନ ଜଣାଉଛୁ । **– ସଂସାର ପରିବାର**

ଏ ମାସ ପ୍ରଚ୍ଛଦରେ 'ଡ୍ୟାନ୍‌ସିଂ ହାଉସ୍'(ନୃତ୍ୟରତ ଗୃହ) ବିଷୟରୁ ଚିତ୍ର ପ୍ରଦତ୍ତ ।

ସାମାନ୍ୟ କଥା

ଶ୍ରୀ କାଞ୍ଚନାରାୟଣ ମହାନ୍ତି

ଶାନ୍ତିର ଆରମ୍ଭ, ମୁହଁର ଗୋଟିଏ ଛୋଟିଆ ହସରୁ ସୃଷ୍ଟି ହୋଇଥାଏ । ସାନ ସାନ କଥାର ଖିଅକୁ ଚିମୁଟି ଧରି ବଡ଼ ବଡ଼ ଆଶାନ୍ତିର ନିଆଁରେ ଜଳିବାକୁ ପଡ଼ିଥାଏ । ଯେଉଁଠି ଯେତେ ଯେତେ ଘଟଣା ଘଟି ଚାଲିଛି, ତାର ମୂଳ କଥାକୁ ଖୋଜି ବସିଲେ ଦେଖିବାକୁ ମିଳେ ଯେ କାରଣ କେତେ କ୍ଷୁଦ୍ର । ସେଥିପାଇଁ ଅନୁତାପ ସାର ହୁଏ । ତେଣୁ ପ୍ରତ୍ୟେକ ଘଟଣା ବା ପରିସ୍ଥିତିକୁ ସାବଲୀଳ ମନେକରି, ତାହା ତତ୍‌କାଳ ସମାଧାନ କରିଦେଲେ ତାହା ଦୁଇପକ୍ଷର ଅନ୍ତରରେ ଦୀର୍ଘ ସମୟ ଧରି ଉଦ୍‌ବେଳନ ସୃଷ୍ଟି କରି ନ ଥାଏ । ସେଥିପାଇଁ କୁହାଯାଇଛି– ଝିମିଟି ଖେଳରୁ ମହାଭାରତ । ସହଜ ଓ ଶୀଘ୍ର ସମାଧାନ ମଣିଷ ଜୀବନରେ ଶାନ୍ତି ପ୍ରଦାନ କରିଥାଏ ।

ଧୀରବାବୁ, ତାଙ୍କ ସ୍ତ୍ରୀ ମିନତି ଆଉ ସାତ ବର୍ଷର ପୁଅକୁ ଧରି ବୁଲିଯାଇଥିଲେ ମଧୁବାବୁଙ୍କ ଘରକୁ । ଗୋଟିଏ ଅଫିସରେ ଚାକିରି, ତେଣୁ ସମ୍ପର୍କ ଭଲ । ଅଲଗା ଅଲଗା ଜାଗାରେ ଘର ନେଇ ରହୁଥାନ୍ତି । ଧୀରବାବୁଙ୍କର ଗୋଟିଏ ବୋଲି ପୁଅ ମୁନା, ମଧୁବାବୁଙ୍କର ମଧ୍ୟ ସମବୟସର ପୁଅ ସୁମା ।

ଦୁଇ ପରିବାର ଏକାଠି ହୋଇ ବେଶ୍ ହସଖୁସିରେ ଗପସପରେ ମାତିଯାଇଥିଲେ ।

ତେଣେ ପିଲା ଦି'ଜଣ ମଧ୍ୟ ଖେଳରେ ମାତି ମଜା କରୁଥିଲେ । ସୁମାର ଏତେପ୍ରକାରର ଛୋଟରୁ ବଡ଼ ଯାଏଁ ଖେଳନା ଦେଖି ମୁନାର ମନ ଉଣା ହୋଇଯାଉଥାଏ । ସେ ମଝିରେ ମଝିରେ ତା ବାପାମା'ଙ୍କ ପାଖକୁ ଧାଇଁଆସି– "ମୋ ପାଇଁ ଏଇ ଖେଳନାଟା କିଣିଦେବନା କୁହ !" ବୋଲି ଅଳି କରୁଥାଏ ।

ଗପସପ ଖିଆପିଆ ଚର୍ଚ୍ଚା ପରେ ଧୀରବାବୁ ତାଙ୍କ ପରିବାର ନେଇ ବସାଘରକୁ ଫେରିଆସିଥିଲେ । ମିନତିଦେବୀଙ୍କୁ ମଧ୍ୟ ଏମିତି ମଝିରେ ମଝିରେ କୁଆଡ଼େ କେମିତି ବୁଲିଆସିଲେ ମନଟା ହାଲ୍‌କା ଲାଗେ । କେତେ ସେଇ ଘରଟାରେ ଖାଲି ରନ୍ଧାବଢ଼ା, ଟି.ଭି ଦେଖା, ଫୋନ୍‌ରେ କଥାବାର୍ତ୍ତା ଚାଲିଥିବ । ରବିବାର ବୁଲାଟା ତେଣୁ ଗୋଟିଏ ଜରୁରୀ ଆବଶ୍ୟକତା ଥାଏ । ସେ ମଧ୍ୟ ସ୍ୱାମୀଙ୍କ ଆଗରେ ମଧୁବାବୁଙ୍କ ପରିବାରର ପ୍ରଶଂସା କରୁଥିଲେ ।

ତା'ପରଦିନ ମଧୁବାବୁଙ୍କ ସ୍ତ୍ରୀ ଧୀରବାବୁଙ୍କ ପାଖକୁ ଫୋନ୍ କଲେ, "ଆଜ୍ଞା ନମସ୍କାର । ଗୋଟିଏ ଛୋଟକଥା କହିବି କି ନାହିଁ ଭାବୁଥିଲି । ପିଲାଟା ଖାଲି କାନ୍ଦୁଛି । ସେମିତି କିଛି ବଡ଼କଥା ନୁହେଁ । ସୁମାର ମାମୁ, ମାନେ

ମୋ ସାନଭାଇ, ଯିଏ କି ଦୁବାଇରେ ଅଛି, ସେ ଗୋଟିଏ ରିମୋଟ୍‌ବାଲା ଖେଳନା ଆଣିଥିଲା । କାର୍‌ଟି ଏତେ ଛୋଟ ଯେ ପକେଟ୍‌ରେ ପୂରାଇ ନେଇହେବ । କାଲେ ଖେଳପାଳିଆରେ ଆପଣଙ୍କର ପୁଅ ମୁନା....... ଏତିକି କହି ମଧୁବାବୁଙ୍କ ସ୍ତ୍ରୀ ରହିଗଲେ । ଧୀରବାବୁ ତାଙ୍କୁ ଆପଣାର ଭାବେ କହିଲେ– ଠିକ୍ ଅଛି, ମୁଁ ଦେଖୁଛି । ହଁ ହଁ ଯଦି ନେଇ ଆସିଥାଏ, ଆପଣଙ୍କୁ ଜଣେଇଦେବି ।

ଫୋନ୍ ରଖିଦେଇ ଟିକେ ଭାରୀ ଭାରୀ ମନେକଲେ ଆଉ ପୁଅ ମୁନା କୁଆଡ଼େ ଗଲା ବୋଲି ସ୍ତ୍ରୀଙ୍କୁ ପଚାରିଲେ ।

"କାହିଁକି କ'ଣ ହେଲା କି?" ମିନତି ପଚାରିଲେ । ଧୀରବାବୁ ମଧୁବାବୁଙ୍କ ପୁଅର କାର୍ ହଜିଯାଇଥିବା କଥା କହିଲେ ।

ସବୁ ମାଆ ତ ସମାନ ନୁହନ୍ତି, ସେ ତତ୍‌କାଳ ଝଡ଼ର ପ୍ରତାପ ଦେଖାଇ ଆରମ୍ଭ କଲେ– ଆମ ପୁଅ କ'ଣ ଚୋର ! ସାମାନ୍ୟ ଖେଳନାଟା ପାଇଁ ସେ କେତେ ବଡ଼ ଅପବାଦ ତିଆରି କରିପାରୁଛନ୍ତି । ଅନ୍ୟମାନେ ଶୁଣିଲେ କ'ଣ ଭାବିବେ? ଗୋଟିଏ ଛୋଟପିଲା ଦେହରେ ଏମିତି କଳଙ୍କ ବୋଳିଦେବା କ'ଣ ଠିକ୍ କଥା? ତମର ସେମାନେ କେମିତିଆ ସାଙ୍ଗ କେଜାଣି... ।

ଏତିକିବେଳେ ମୁନା ଆସି ପହଞ୍ଚିଲା । ହାତରେ ତାର ସେଇ ନାଲି ରିମୋଟ୍ ଚାଇନା କାର୍ ।

ସ୍ୱାମୀସ୍ତ୍ରୀ ପୁଅ ହାତରେ ମଧୁବାବୁଙ୍କ ପୁଅ ସୁମାର କାର୍‌ଟି ଦେଖି କ୍ଷଣେ ନୀରବ ହୋଇଗଲେ ।

ମିନତି ଆରମ୍ଭ କଲେ, "ତମେ କଣ ଚାହୁଁଛ ପିଲାଟା ହାତରୁ ଖେଳନା ଛଡ଼େଇନେଇ ତାଙ୍କ ପୁଅକୁ ଦେଇଆସିବ? ମୋ ପିଲାଟା କେତେ ଯେ କାନ୍ଦିବ ।" ଧୀରବାବୁଙ୍କ ଭିତରଟା ଟକ୍‌ମକ୍ ହୋଇ ରାଗରେ ଫାଟି

ପଡୁଥିଲେ ବି ସେ ସ୍ତ୍ରୀଙ୍କୁ ବିଷଦୃଷ୍ଟିରେ ଚାହିଁ କେବଳ ଭାବୁଥିଲେ ଏହିଭଳି ମାଆମାନଙ୍କର ପାଇଁ ପିଲାମାନଙ୍କର ଭବିଷ୍ୟତ ଜଳିପୋଡ଼ି ପାଉଁଶ ହୋଇଯାଇଥାଏ । ମାଆ ହିଁ ସନ୍ତାନର ଶିକ୍ଷକ । ତାକୁ ଉଚ୍ଚତର ମାର୍ଗରେ ପ୍ରତିଷ୍ଠିତ ହେବାକୁ ପଥ ଦେଖାଇଥାଏ । ଏ ତ ମାଆ ନୁହେଁ, ସନ୍ତାନକୁ ବିପଥଗାମୀ କରିବାର ମାରଣାସ୍ତ୍ର ।

କିଛି ସମୟ ପରେ ଧୀରବାବୁ ଧୀରସ୍ଥିର ଭାବରେ କହିଲେ, "ଶୁଣ ମିନତି ! ଏ ଖେଳନାଟି ସୁମାର । ତେଣୁ ଆମେ ତାକୁ ଫେରାଇଦେବା କଥା । ଏତିକିରେ ତ କଥା ଶେଷ ।'' ମିନତି କହିଲେ, "ତମ ମୁଣ୍ଡ ତଳକୁ ହୋଇଯିବ ନାହିଁ?"

ଧୀରବାବୁ ପଚାରିଲେ– "କାହିଁକି?"

ମିନତି ଲୁହ ଛଳଛଳ ହୋଇ କହିଲେ, "ଚୋରି ବୋଲି ପ୍ରମାଣିତ ହେଲା ନା? ମୋ ପୁଅ କ'ଣ ଚୋର?''

–ଛୋଟ ପିଲାଟାଏ । ସିଏ ଖେଳନାପ୍ରିୟ । ଆମେ ତାକୁ ସେଭଳି ଭଲ ଖେଳନା କିଣି ଦେଇପାରିନାହୁଁ ବୋଲି

ସେ ତାକୁ ଶ୍ରଦ୍ଧାରେ ନେଇଆସିଛି । ଚୋରି ଶବ୍ଦ କ'ଣ ସେ ଏଯାଏଁ ବୁଝିନାହିଁ । ତାକୁ ବୁଝାଇଦେବା ଯେ ବିନା ଅନୁମତିରେ କେବେ କାହାରି ଜିନିଷ ଛୁଇଁବା କଥା ନୁହେଁ । ଚୋର, ଠକ, ପାଜି– ଏସବୁ ତାକୁ କହିଲେ ତା' ମନ ଭିତରେ ଖରାପ ପ୍ରଭାବ ପଡ଼ିବ । ସେ ସତ ନ କହି ମିଛ କହିବ । ତମେ ଯାହା ଭାବୁଛ ଯେ ସେମାନେ ଆମକୁ ଖରାପ ଭାବିବେ, ତାହା ନୁହେଁ । ଆମ ପିଲାଙ୍କୁ ବୁଝାଇ ଆମେ କହିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେମାନଙ୍କୁ ତାଙ୍କ ଜିନିଷଟା ଫେରାଇଦେଇ ଆସିଲେ ସେମାନଙ୍କ ଦୃଷ୍ଟିରେ ଆମେ ସେତିକି ଦାୟିତ୍ୱସମ୍ପନ୍ନ ବୋଲି ବିବେଚିତ ହେବା । ତମେ ମା' ହୋଇ, ସମାଧାନର ଦିଗ ଠିକ୍ ଭାବେ ଜାଣିନ ବୋଲି ତାକୁ ଏତେ ବଡ଼ ରୂପ ଦେଉଛ । ଚାଲ ଦେଖିବ ମୁନା, ସୁମା କେତେ ଖୁସି ହେବେ ଆଉ ତାଙ୍କ ବାପାମାଆ କେତେ ଆପଣାର ହୋଇଉଠିବେ । ଧୂଳିପ୍ରମାଣ କଥାକୁ ତମେ ତମ ଦେହକୁ ଟାଣି ପାହାଡ଼ କରୁଛ କାହିଁକି ?

ଧୀରବାବୁ ଏତକ କହି ପୁଅକୁ ବୁଝେଇଦେଲେ– "ସୁମାର ଗାଡ଼ିଟା ଆମେ ଦେଇଦେବା । ଯା'ଠୁ ଆଉ ଗୋଟେ ବଡ଼ ଗାଡ଼ି ଆଣିବା । ଆଲୁଅ ଜଳୁଥିବ, ହର୍ଣ୍ଣ ବାଜୁଥିବ, ରିମୋଟ୍‌ରେ ଚାଲୁଥିବ ।" ମୁନା କହିଲା– "ଚାଲ ବାପା ତାଙ୍କ ଗାଡ଼ି ଫେରାଇଦେଇ ଆମେ ନୂଆ ଗାଡ଼ି କିଣିଆଣିବା ।'' ମାଆ ମିନତି ଅଳ୍ପ ହସି କହିଲେ, "ହଁ ଭଲ ହେଲା । ମୁଁ ଅଲଗା ବୁଝୁଥିଲି ସିନା !"

ଆଶ୍ରମ, ଶ୍ରୀବିହାର କଲୋନି, ତୁଳସୀପୁର, କଟକ-୮

କହିଲ ଦେଖି କିଏ ?

ଶ୍ରୀ ସୁଶାନ୍ତ କୁମାର ନନ୍ଦ

ପାଖକୁ ଡାକି କହିଲେ ଜେଜେ
'ପଢୁଛୁ ପାଠ ଏତେ ।
ପଚାରେ ଯାହା ବୁଝିକି ଥରେ
କହିଲୁ ଦେଖି ମୋତେ ।'
କହିଲା 'ତୁମେ ପଚାର ଜେଜେ
ଉତ୍ତର ଦେବି କହି
ଜାଣିବ ତୁମେ ବୁଝିବ ସବୁ
ବୁଦ୍ଧିଆ କେତେ ମୁହିଁ ।'
କହିଲେ ଜେଜେ 'ଶୁଣୁ ତେବେ
ଧନ୍ଦା ପଚାରେ ମୁହିଁ ।
ବେଲୁନ୍, ବଲ୍ କିଣି ମୁଁ ଦେବି
ଉତ୍ତର ଦେଲେ କହି ।'
ତିନି ଅକ୍ଷରେ ନାମ ତ ତାର
ପତ୍ରିକା ପରା ସିଏ
ଏଇ ଦୁନିଆ ତାର ନାଆଁ ତ
କହିଲୁ ଦେଖି କିଏ ?
ପ୍ରଥମ ସାଥେ ଶେଷକୁ ତୁହି
ରଖିବୁ ଯେବେ ନେଇ
କ୍ଷୀରରୁ ଜାତ ସୁଆଦ ଖାଦ୍ୟ
ନାମକୁ ଦେବ କହି ।'
'ଜାଣିଛି ଜେଜେ ସଭିଙ୍କ ପ୍ରିୟ
ଅତି ନିଜର ସିଏ ।
ଗପ, ଗୀତରେ ଭରି ରହିଛି
ମନକୁ ମୋର ମୋହେ ।
ଜାଣିବା କଥା ଶିଖୁଛି କେତେ
ତାଆ ପାଖରୁ ମୁହିଁ ।
ଅମୂଲ ମୂଲ ମୋ ପାଇଁ ଅଟେ
'ସଂସାର' ପରା ସେହି ।'

ମାରତା, ଗୋପୀନାଥପୁର, କେନ୍ଦୁପାଟଣା, କଟକ- ୭୫୪୨୦୩

ନାଗପୁରର ଅନନ୍ୟ ପର୍ବ 'ପୋଳା'

ଶ୍ରୀ ଶୁଭେଂନ୍ଦ୍ର ମୋହନ ଶ୍ରୀଚଂନ୍ଦନ ସିଂହ

ସମାଜରେ ମଉଜମଜଲିସ୍ ପାଇଁ, ଆନନ୍ଦ ପାଇଁ ସୃଷ୍ଟି ହୁଏ ବିଭିନ୍ନ ଉତ୍ସବ । ଏଗୁଡ଼ିକ ପଛରେ ବି ଥାଏ ବିଭିନ୍ନ କାରଣ । ନାଗପୁର ଏକ ମହାନଗର । ଏହା ମଧ୍ୟ ମହାରାଷ୍ଟ୍ରର ଦ୍ୱିତୀୟ ରାଜଧାନୀ । ସମଗ୍ର ଭାରତର ମଧ୍ୟସ୍ଥଳରେ ଥିବାରୁ ଏହାକୁ ମଧ୍ୟ ବୋଲାଯାଏ 'ଭାରତର ହୃଦୟ' ବା 'ହାର୍ଟ ଅଫ୍ ଇଣ୍ଡିଆ' । ଏଠାରୁ '୦' Zero ମାଇଲ୍‌ରୁ ବିଭିନ୍ନ ସ୍ଥାନର ଦୂରତା ନିର୍ଣ୍ଣୀତ ହୁଏ ।

ଦିନେ ଏ ମହାନଗର ଥିଲା ଭୋଁସଲା ରାଜାମାନଙ୍କ ରାଜଧାନୀ । ଏବେ ବି ତାଙ୍କର ରାଜପ୍ରାସାଦ ଏଠାରେ ରହି ସେ ଦିନର ସାକ୍ଷ୍ୟ ଦେଉଛି । ସେତେବେଳେ ମହାରାଷ୍ଟ୍ରରେ କୃଷି ବଡ଼ ପେସା । ଚାଷ ପାଇଁ ଲୋଡ଼ା ଗାଈ, ବଳଦ, ପୋଡ଼ । ତେଣୁ ଭୋଁସଲା ବଳଦଙ୍କ ପାଇଁ ଗୋଟେ ପର୍ବ ଚଳେଇଲେ । ତାହାର ନାମ ରଖିଲେ 'ପୋଳା' । ସେଦିନ ଚାଷୀଏ ବଳଦଙ୍କୁ କୌଣସି କାମରେ ଲଗାନ୍ତିନି; ବରଂ ସେମାନଙ୍କ ସେବା କରନ୍ତି । ସେମାନଙ୍କୁ ଭଲ କରି ଗାଧୋଇ ସଫା କରନ୍ତି । ଦାନା, ଖାଦ୍ୟ, ଚରା ଦିଅନ୍ତି ।

ଏଦିନ ତିଆରି ହୁଏ 'ପୁରଣପୁରି । ଚାଉଳଗୁଣ୍ଡ, ଗୁଡ଼ ଓ ଘିଅର ଏକ ପିଠା । ଖୁବ୍ ସୁଆଦିଆ । କାକରାଠୁ ବଡ଼ । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଏ ପିଠା ଘରେ ଘରେ ତିଆରି ହୁଏ ।

ତା' ପରଦିନ ବାସିପୋଳା । ଏଇଟା ପିଲାଙ୍କ ପର୍ବ । କାଠରେ ଛୋଟ ଛୋଟ ଖେଳନା ବଳଦ ତିଆରି ହୁଏ । ଚାରିଚକିଆ ଗାଡ଼ିରେ ଏ ଖେଳନା ବଳଦ ରଂଗବେରଂଗ ହୋଇ ବଜାରରେ ମିଳେ । ପିଲାଏ ସେଥିରେ ଛୋଟ ଛୋଟ ଦଉଡ଼ି ବାନ୍ଧି ଘର ଘର ବୁଲନ୍ତି । ଘର ମାଲିକମାନେ କିଛି ଖାଇବା ଜିନିଷ ଦେଇ ପିଲାଙ୍କୁ ମେଲାଣି ଦିଅନ୍ତି ।

ରାଜା ସେଦିନ ପିଲାଙ୍କୁ ଭେଟି ଦେଉଥିଲେ କାଠ ତିଆରି ବିରାଟ ବଳଦ । ପ୍ରାୟ ଆଠ ଫୁଟ ଉଚ୍ଚ । ଲମ୍ବା ଛ'ଫୁଟ । ଚାରି ଖୁରାରେ ରୁପା । ସେ ବଳଦ ଶୋଭାଯାତ୍ରାରେ ବାହାରେ କେବଳ ପିଲାଙ୍କ ଆନନ୍ଦ ପାଇଁ ।

ଏ ଉତ୍ସବ ଚାଲିଲାଣି ପ୍ରାୟ ଦୁଇଶ ନବେ ବର୍ଷ । କିନ୍ତୁ ୧୮୫୭ରେ ଏ ଶୋଭାଯାତ୍ରାରେ ନୂଆ ମୋଡ଼ ଆସିଲା । ସେତେବେଳେ ଆପ୍ପାସାହେବ ଭୋଁସଲା ରାଜା । ତାଙ୍କର ଖୁଡ଼ୀ ଥିଲେ ବାକାବାଈ । ବାକାବାଈ ରାଜାଙ୍କୁ ଆଦୌ ଭଲ ପାଉ ନ ଥିଲେ । ସେ ନିଜେ ସିଂହାସନରେ ବସିବାକୁ ଚାହୁଁଥିଲେ । ମନ୍ଦ ବୁଦ୍ଧି । ସେତେବେଳେ ଇଂରେଜମାନେ ଭାରତରେ ଶାସନ ପାତି ସାରିଲେଣି । ବାକାବାଈ ସେମାନଙ୍କ ସହ ଗୋପନରେ କଥା ଚଳାଇଲେ । ଆପ୍ପା ସାହେବଙ୍କ ଅସ୍ତ୍ରଶସ୍ତ୍ର ଭଣ୍ଡାର, ତୋପ, ବାରୁଦ ଆଦିର ଖବର ସେ ଇଂରେଜମାନଙ୍କୁ ଜଣେଇଦେଲେ । ଆଉ ସେଦିନର ଇଂରେଜ ସେନାପତି ଆନନ୍ଦରେ ସେନା ସଜାଇ ଆପ୍ପା ସାହେବଙ୍କୁ ଆକ୍ରମଣ କଲେ ଅତର୍କିତ, ଅଚାନକ ! ଇଂରେଜ ସେନା ବି ଥାଏ ସଂଖ୍ୟାଧିକ ।

ସୀତାବଡ଼ି ଟେକ୍‌ଲି ଗୁହାରେ ଥାଏ ତୋପ, ବାରୁଦ । ଇଂରେଜ ସହଜରେ ଅସ୍ତ୍ରଭଣ୍ଡାର ଅଧିକାର କରିନେଲେ । ମରାଠା ସେନା ହାରିଲା । ଆପ୍ପା ସାହେବ କେତେକ ଗୁପ୍ତଚର ସାହାଯ୍ୟରେ ପଳାଇଲେ ଏଠାରୁ ପ୍ରାୟ ତିନିଶହ କିଲୋମିଟର । ପାତାଳକୋଟ ପଞ୍ଚମଢ଼ିରେ ଲୁଚିଲେ; ହେଲେ ଇଂରେଜମାନେ ତାଙ୍କର ଠିକଣା ପାଇଗଲେ । ରାଜା ଧରାପଡ଼ିଲେ । ସୈନ୍ୟମାନେ ତାଙ୍କୁ ମାରିଦେଲେ ।

ଏ ଖବର ପାଇଲେ ନାଗପୁରବାସୀ । ସେମାନେ ବାକାବାଈଙ୍କୁ ଘୃଣାକଲେ । ତାଙ୍କ ବିରୋଧରେ ମାତିଲେ । ସେ ବି ଇଂରେଜ ଚକ୍ରାନ୍ତର ଶିକାର ହେଲେ । ଯିଏ ପବନ ବୁଣିବ, ସିଏ ତୋଫାନ୍ ପାଇବନି ! ଏଣେ ଲୋକଙ୍କ ଆଖିରେ ସେ ନିନ୍ଦା ପାଇଲେ । ମନ୍ଦ କାମର ଫଳ ଭଲ କେମତି ହୁଅନ୍ତା ! ଯେଉଁ ଗାତ ଖୋଳିଲେ, ସେଥିରେ ପଡ଼ିଲେ ।

ଲୋକମାନେ ସେଇ ରାଗରେ ବାସିପୋଳାରେ ଯେଉଁ ଶୋଭାଯାତ୍ରା କାଢ଼ିଲେ, ସେଥିରେ ବାକାବାଈଙ୍କ ମୂର୍ତ୍ତି ରହିଲା । ସେ ଥିଲେ କାଳୀ । ପୁଣି ଦେଶଦ୍ରୋହ ଭଳି କଳାକାମ କରିଥିଲେ । ତେଣୁ ତାଙ୍କ ମୂର୍ତ୍ତି ହେଲା କଳା । ତାକୁ କୁହାଗଲା 'କାଳୀ ମାର୍‌ବତ୍' । ତା' ସହ ଆଉ ଏକ ପିତୁଳା ରହିଲା, ତା ନାଁ ହେଲା 'ପିଲୀ ମାର୍‌ବତ୍' । ପିଲୀ ମାନେ ହଳଦିଆ । ମାର୍‌ବତ୍ ମାନେ ମହିଳା । ଏ ପିଲୀ ମାର୍‌ବତ୍ ଇଂରେଜ ରାଣୀ ବା ରାଜାଙ୍କୁ ଚିହ୍ନାଏ । ତେଲୀସମାଜ ଏହି କାଳୀ ମାର୍‌ବତ୍ ଓ ପିଲୀ ମାର୍‌ବତ୍ ମୂର୍ତ୍ତି ତିଆରେ । ଶୋଭାଯାତ୍ରାରେ ସାରା ନଗର ବୁଲାଏ । ଏ ମୂର୍ତ୍ତିଗୁଡ଼ିକ ସାଧାରଣ ଭାବରେ ବାଉଁଶ, କପଡ଼ା, ଛଣରେ ତିଆରି ହୁଏ । ପ୍ରାୟ ତିରିଶ, ଚାଳିଶ ଫୁଟ ଉଚ୍ଚ ।

ଢୋଲ, ବାଜାରେ ସହର ଚମକେ । ଶୋଭାଯାତ୍ରା ଶେଷରେ ଏ ଦୁଇ ମୂର୍ତ୍ତିକି ମିଳାଇ ରାବଣ ପୋଡ଼ି ପରି ପୋଡ଼ାଯାଏ । ଏଥିସହିତ କେତେକ ଛୋଟ ମୂର୍ତ୍ତିକି ମଧ୍ୟ ମେଢ଼ରେ ସ୍ଥାନ ଦିଆଯାଏ । ସେଗୁଡ଼ିକ 'ବଡ୍‌ଗେ' ବୋଲାଯାଏ । ସେଗୁଡ଼ିକ ସ୍ଥାନୀୟ ସମସ୍ୟା ଉପରେ ଆଧାରିତ ହୋଇ ଗଢ଼ା ହୋଇଥାଏ । ଏ ବର୍ଷ ସେଥିରେ ମୂଲ୍ୟବୃଦ୍ଧି, ହରଡ଼ ଡାଲି, ପିଆଜର ଅତ୍ୟଧିକ ଦୁର୍ମୂଲ୍ୟକୁ ନେଇ ମୂର୍ତ୍ତି ହୋଇଥିଲା ।

ଶ୍ରାବଣ ଅମାବାସ୍ୟାରେ ଏ ପର୍ବ ପାଳିତ ହୁଏ । ସମଗ୍ର ଭାରତରେ କେବଳ ନାଗପୁରରେ ଏ ପର୍ବ ପାଳନ କରାଯାଏ । ଏହାମଧ୍ୟରେ କୃଷି, ସଂସ୍କୃତି, ଇତିହାସ ବୋଧ, ଦେଶପ୍ରେମ, ମନ୍ଦ ଚରିତ୍ରର ନିନ୍ଦା, ସ୍ଥାନୀୟ ସମସ୍ୟାର ଚିତ୍ରକୁ ନେଇ ଏ ପର୍ବ ଯେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର, ବିଶେଷତ୍ୱପୂର୍ଣ୍ଣ ଓ ଅନନ୍ୟ; ଏଥିରେ କୌଣସି ସନ୍ଦେହ ନାହିଁ ।

ଯଦୁମଣିପାଟଣା, ରେଢ଼ାଖୋଲ, ସମ୍ବଲପୁର-୭୬୮୧୦୬

ଶିକ୍ଷକଙ୍କ ଗୁପ୍ତ ରହସ୍ୟ

ଶ୍ରୀମତୀ ଚନ୍ଦ୍ରିକା ପଣ୍ଡା

ଚୀନ୍ ଦେଶର କଥା । ଗୋଟିଏ ଛୋଟ ବିଦ୍ୟାଳୟରେ ଜଣେ ଶିକ୍ଷକ ଥାଆନ୍ତି । ସିଏ ବହୁତ ରାଗୀ । ଟିକେ ଟିକେ କଥାରେ ପିଲାଙ୍କୁ କଠିନ ଦଣ୍ଡ ଦିଅନ୍ତି । ପିଲାମାନେ ବି ତାଙ୍କୁ ବହୁତ ଡରୁଥିଲେ । ସେ ଅବଧାନଙ୍କର ଗୋଟିଏ ବିଚିତ୍ର ଅଭ୍ୟାସ ଥିଲା । ପ୍ରତି ଘଣ୍ଟେ ଅଧଘଣ୍ଟେରେ ସିଏ ଶ୍ରେଣୀର କାନ୍ଥ ଆଲମାରି ଖୋଲି ଗୋଟେ ବେତପେଡ଼ି କାଢ଼ନ୍ତି ଓ ଢାଙ୍କୁଣି ଖୋଲି ସେଥିରୁ କ'ଣ କାଢ଼ି ପାଟିରେ ପକାନ୍ତି ।

ପିଲାମାନେ ନିଜ ଭିତରେ କଥା ହୁଅନ୍ତି, "ସାର୍ ଏଗୁଡ଼ା କ'ଣ ସବୁବେଳେ ପାଟିରେ ପକାଉଛନ୍ତି ?" ହେଲେ କାହା ପାଖରେ ତାହାର ଉତ୍ତର ନ ଥାଏ । ସେମାନେ ଫୁସ୍‌ଫାସ୍ ହେଉଥିବାର ଦେଖି ଦିନେ ଶ୍ରେଣୀରେ ସାର୍ କହିଲେ, "ମୁଁ ଜାଣିଛି, ତୁମେ ସବୁ କଥା ହେଉଛ, ମୁଁ ସବୁବେଳେ କ'ଣ ଖାଉଛି ! ଅସଲ କଥା କ'ଣ କି ସେଗୁଡ଼ା ବଡ଼ମାନଙ୍କର ଔଷଧ । ଛୋଟପିଲା ତାକୁ ଖାଇଲେ ସାଙ୍ଗେସାଙ୍ଗେ ମରିଯିବେ ।" ପିଲାମାନେ ଏ କଥା ମନରେ ରଖିଲେ ।

ଦିନେ ଶିକ୍ଷକଙ୍କର ସହରରେ କାମ ପଡ଼ିଲା । ଯିବା ଆଗରୁ ସିଏ ଛାତ୍ରୀମାନଙ୍କୁ ଡାକି କହିଲେ, "ଅତି ଜରୁରୀ କାମରେ ମୋର ସହରକୁ ଯିବାର ଅଛି । ମୁଁ ଫେରିବା ପର୍ଯ୍ୟନ୍ତ ମନ ଦେଇ ପାଠ ପଢୁଥିବ । ଜମା ଦୁଷ୍ଟାମି କରିବ ନାହିଁ; ନ ହେଲେ ତୁମକୁ ପିଟି ପିଟି ମାରିଦେବି ।"

ସାର୍ ଯିବାର କିଛି ସମୟ ପର୍ଯ୍ୟନ୍ତ ଧୀରସ୍ଥିର ହୋଇ ପିଲାଏ ପାଠ ପଢ଼ିଲେ । ତା'ପରେ ଜଣେ ଦୁଷ୍ଟପିଲା ଉଠିପଡ଼ି କହିଲା, "ଆଜ୍ଞା ତ ନାହାନ୍ତି । ସେ ବେତପେଡ଼ି ଭିତରେ କ'ଣ ଅଛି, କାହାର ଦେଖିବାକୁ ଇଚ୍ଛା ହେଉନି ?'' ପାଳି ଦେଇ ଆଉ ଜଣେ କହିଲା, "ହଁ ନିଶ୍ଚୟ ଦେଖିବା । ସେ ପେଡ଼ି ଭିତରେ ଯାହା ଅଛି, ତାକୁ ଖାଇଲେ ବୋଧେ ବହୁତ ବୁଦ୍ଧି ହେଉଥିବ ।" ସମସ୍ତେ ଏକାଠି କହିଲେ, "ହଁ ଚାଲ ଦେଖିବା ସେ ପେଡ଼ି ଭିତରେ କ'ଣ ଅଛି ।"

ପେଡ଼ି ଫିଟାଇ ପିଲାମାନେ ଦେଖିଲାବେଳକୁ ସେଥିରେ କେବଳ ଶୁଖିଲା କମଳା ଅଛି । ପିଲାମାନେ ସମସ୍ତେ ମିଶି ସବୁତକ କମଳା ଖାଇଦେଲେ । ଅଳ୍ପ ସମୟ

ଭିତରେ ପେଡ଼ି ଖାଲି ହୋଇଗଲା । ଖାଲି ପେଡ଼ି ଦେଖି ପିଲାମାନଙ୍କର ହାଲୁକ ଶୁଖିଗଲା । କ'ଣ କରିବେ ! ଆଜ୍ଞା ଫେରିଲେ ତ ମାରି ପକାଇବେ । ସେ ଦୁଷ୍ଟପିଲାଟି ପୁଣି ବୁଦ୍ଧି ବତାଇଲା । ଶିକ୍ଷକଙ୍କ ମେଜ ଉପରେ ଥିବା କାଳି ଦୁଆତ ଆଣି ତଳେ କଚିଦେଲା । ତା'ପରେ ସବୁ ପିଲାଙ୍କୁ କହିଲା, ''ଶ୍ରେଣୀ ଭିତରେ ପଡ଼ିଥିବା ସବୁ ମେଜ, ଚୌକି ଇଆଡ଼େ ସିଆଡ଼େ ପକାଇଦିଅ ।'' ତା'ପରେ ତା' କଥା ଅନୁସାରେ ସମସ୍ତେ ଚେତା ନ ଥିଲା ପରି ଚାରିଆଡ଼େ ପଡ଼ିଗଲେ ।

ଖରା ଗଡ଼ିଲା ପରେ ଅବଧାନେ ଫେରିଲେ । ଶ୍ରେଣୀର ଏ ଅବସ୍ଥା ଦେଖି ପଚାରିଲେ, "ଇଏ ସବୁ କ'ଣ ହେଇଛି ?" ସାର୍‌ଙ୍କ ପ୍ରଶ୍ନରେ ସେ ଦୁଷ୍ଟ ପିଲା ଉଠିପଡ଼ି କହିଲା, "ଆଜ୍ଞା! ଖେଳଛୁଟିରେ ଆମେ ଦୌଡ଼ାଦୌଡ଼ି ଖେଳୁଥିଲୁ । ହଠାତ୍ ମୋ ହାତ ବାଜି କାଳିଦୁଆତ ପଡ଼ିଗଲା । କେତେଗୁଡ଼େ ମେଜ, ଚୌକି ବି ଗଡ଼ି ପଡ଼ିଲା । ଆପଣ ତ କହିଥିଲେ ଦୁଷ୍ଟାମି କଲେ ପିଟିପିଟି ମାରିଦେବେ । ଯେତେବେଳେ ଆମର ଚେତା ପଶିଲା, ଅନୁତାପରେ ପେଡ଼ି ଖୋଲି ଆପଣଙ୍କ ଔଷଧ ସମସ୍ତେ ଖାଇଦେଲୁ । ଏବେ ଶୋଇ କରି ମରିବାକୁ ଅପେକ୍ଷା କରିଛୁ ।''

ପିଲାମାନଙ୍କ କଥାରେ କ'ଣ ଭାବିଲେ ଅବଧାନ ମୁହଁ ବୁଲାଇ ଟିକେ ହସିଲେ ଓ ମନେ ମନେ ଭାବିଲେ, "ପିଲାମାନେ ବଡ଼ ହୋଇଗଲେଣି ।"

(ଚୀନ୍ ଦେଶର କାହାଣୀ) *ବରମୁଣ୍ଡା, ଭୁବନେଶ୍ୱର*

ଓଡ଼ିଶାର କେତେଜଣ ବରପୁତ୍ରଙ୍କ ଆବିର୍ଭାବ ଓ ତିରୋଧାନର ଟିପ୍ପଣୀ

	ଜନ୍ମ	ମୃତ୍ୟୁ
ଅତିବଡ଼ୀ ଜଗନ୍ନାଥ ଦାସ	୧୪୮୭ ଭାଦ୍ର ଶୁକ୍ଳ ଅଷ୍ଟମୀ	୧୫୫୦ ମାଘ ଶୁକ୍ଳ ସପ୍ତମୀ
କବିସମ୍ରାଟ ଉପେନ୍ଦ୍ର ଭଞ୍ଜ	୧୬୭୭ମାଘ ଶୁକ୍ଳ ପଞ୍ଚମୀ	୧୭୨୫ ଖ୍ରୀଷ୍ଟାବ୍ଦ
ଆଶୁକବି ଯଦୁମଣି ମହାପାତ୍ର	୦୮.୧.୧୭୮୧	୧୫.୭.୧୮୬୬
କବିସୂର୍ଯ୍ୟ ବଳଦେବ ରଥ	୧୭୮୯ ଆଷାଢ଼ ଶୁକ୍ଳ ପଞ୍ଚମୀ	୯.୫.୧୮୪୫
ବୀର ସୁରେନ୍ଦ୍ର ସାଏ	୨୩.୦୧.୧୮୦୯	୨୮.୨.୧୮୮୪
ଚନ୍ଦନ ହଜୁରୀ	୩୦.୧୦.୧୮୨୭	୧୮୭୦
ସାମନ୍ତ ଚନ୍ଦ୍ରଶେଖର	୧୩.୧୨.୧୮୩୫	୧୦.୬.୧୯୦୪
ଫକୀର ମୋହନ ସେନାପତି	୧୩.୦୧.୧୮୪୩	୧୪.୦୬.୧୯୧୮
ବାସୁଦେବ ସୁଢ଼ଳ ଦେବ	୧୬.୦୫.୧୮୫୦	୧୯.୧୧.୧୯୦୩
ଭୀମ ଭୋଇ	୨୫.୦୫.୧୮୫୦	୨୩.୦୨.୧୮୯୫
ପଣ୍ଡିତ ସଦାଶିବ ମିଶ୍ର	୦୬.୦୬.୧୮୫୭	୨୭.୦୮.୧୯୨୯
ମାଗୁଣୀ ବ୍ରହ୍ମା	୨୧.୦୯.୧୮୫୭	୦୮.୧୨.୧୯୩୩
ଗଙ୍ଗାଧର ମେହେର	୦୯.୦୮.୧୮୬୨	୦୪.୦୪.୧୯୨୪

ସଂଗ୍ରହ-- **ପଣ୍ଡିତ ଅଦ୍ୱୈତ ପ୍ରସାଦ ନାୟକ**

ଶିଉଳିରୁ ଜୈବ ଇନ୍ଧନ ପ୍ରସ୍ତୁତି

ଡକ୍ଟର ପ୍ରସନ୍ନ କୁମାର ପଣ୍ଡା
ଶ୍ରୀ ହିମାଂଶୁ ଶେଖର ପଣ୍ଡା

ଶିଉଳି– ଏହି ଜଳଜ ଉଦ୍ଭିଦଟି ସମ୍ପର୍କରେ ଆମେ ସମସ୍ତେ ଊଣାଅଧିକେ ପରିଚିତ । ଶିଉଳିର ବିଶେଷତ୍ୱ ହେଲା– ଏହା ସରଳ, ପତ୍ରହରିତ, ଚେରକାଣ୍ଡବିହୀନ ଏବଂ ସୁଖାଦ୍ୟ ପ୍ରକ୍ରିୟାକରଣ କରିପାରୁଥିବା ଏକ ଜଳଜ ଉଦ୍ଭିଦ ଏବଂ ଏହା ଉଭୟ ମଧୁର ଓ ସମୁଦ୍ର ଜଳରେ ବଢ଼ିପାରେ ।

କେବଳ ଜଳ କାହିଁକି, ଶିଉଳିମାନେ ଅନ୍ୟ ପରିବେଶ ଯଥା– ପଥର, ମାଟି, କାଠରେ ବି ବଢ଼ିପାରନ୍ତି । ଶିଉଳିର ଆକାରପ୍ରକାର ପରିବେଶ ଅନୁଯାୟୀ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଶିଉଳିର ଗଠନଗତ ଆକାର ଏକକୋଷୀଠାରୁ ଆରମ୍ଭ କରି ବହୁକୋଷୀ ରୂପରେ ଦେଖାଯାଇଥାଏ । କୌଣସି ବସ୍ତୁର ବାହାର ଭାଗରେ ମାଡୁଥିବା ଶିଉଳିକୁ ବିଜ୍ଞାନ ଭାଷାରେ 'ଫିଟୋପ୍ଲିଙ୍କ୍‌ଟନ୍' କୁହାଯାଏ । ଏହି ଉଦ୍ଭିଦର କାଣ୍ଡ ସହଜରେ ଦେଖା ଯାଉ ନ ଥିଲେ ମଧ୍ୟ ଏଥିରେ ଜୀବକୋଷ ମହଜୁଦ ହୋଇ ରହିଥାଏ । ରଂଗ ଓ ଗଠନଗତ ବୈଶିଷ୍ଟ୍ୟ ଦୃଷ୍ଟିରୁ ଶିଉଳି ଭିନ୍ନ ଭିନ୍ନ ହୋଇଥାଏ ।

ଶିଉଳି କେବଳ ଏକ ଜଳଜ ଉଦ୍ଭିଦ ନୁହେଁ, ବିଭିନ୍ନ ବାଟରେ ଏହା ମଣିଷର ଉପକାରରେ ଆସିଥାଏ । ଶିଉଳି ତାହାର ଭ୍ଲାଶେଷଣ (Photosynthesis) ପ୍ରକ୍ରିୟା ସମୟରେ ପୃଥିବୀର ବାୟୁମଣ୍ଡଳରୁ ଅଧାରୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଗ୍ରହଣ କରିଥାଏ ଏବଂ ସେହି ପରିମାଣରେ ଆମ ପାଇଁ ଉପଯୋଗୀ ଅମ୍ଳଜାନ ଗ୍ୟାସ୍ ପ୍ରସ୍ତୁତ କରିଥାଏ । ସମସ୍ତ ଜଳଜ ପ୍ରାଣୀର ଖାଦ୍ୟଚକ୍ରରେ ଏକ ପ୍ରାଥମିକ ଶକ୍ତିର ଉପାଦାନ ଭାବରେ ଶିଉଳିର ସର୍ବଶକ୍ତିସମ୍ପନ୍ନ ଗୁରୁତ୍ୱ ରହିଛି । ଶିଉଳିର ଅନେକ କାର୍ଯ୍ୟକାରୀ ଦିଗ ରହିଛି । ଏହା ଖାଦ୍ୟ, ଗବେଷଣାର ଜୈବ ଉପାଦାନ ଭାବେ ମଧ୍ୟ ବ୍ୟବହୃତ ହୋଇଥାଏ ।

ବିଶ୍ୱର ସମୂହ ଶକ୍ତି ଆବଶ୍ୟକତାର ସତୁରି ପ୍ରତିଶତ ଇନ୍ଧନ ତୈଳଦ୍ୱାରା ମେଣ୍ଟାଯାଇଥାଏ । ବିଶେଷ କରି ପରିବହନ, ଶିଳ୍ପକ୍ଷେତ୍ରରେ ସାମଗ୍ରୀ ଉତ୍ପାଦନ, ଘରୋଇ ଜାଳେଣି କ୍ଷେତ୍ରରେ ଇନ୍ଧନର ଆବଶ୍ୟକତା ପଡ଼ିଥାଏ । ଯାହା ଆଶା କରାଯାଉଛି– ୨୦୩୦ ବେଳକୁ ବର୍ତ୍ତମାନଠାରୁ ଆହୁରି ୬୦ ପ୍ରତିଶତ ଅଧିକ ଶକ୍ତି ବିଶ୍ୱ ପାଇଁ ଆବଶ୍ୟକ ପଡ଼ିବ । ଏହି ଶକ୍ତିର ଆବଶ୍ୟକତା ସହ ତାଳ ମିଳାଇଲେ ଭବିଷ୍ୟତରେ ସେହି ପରିମାଣରେ ପରିବେଶ ନଷ୍ଟ ହେବାର ମଧ୍ୟ ଆଶଂକା ରହିଛି ।

ପରିବହନ କ୍ଷେତ୍ରରେ ଜୀବାଶ୍ମ ଇନ୍ଧନର ବ୍ୟବହାର ଆଗାମୀ ଦିନରେ କେବଳ ଯେ ଅନୁପଯୋଗୀ ହେବ, ତାହା ନୁହେଁ, ଏଥିସହିତ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ଅଧିକରୁ ଅଧିକ ପରିମାଣରେ ହେବ । ତେଣୁ ସ୍ୱଚ୍ଛ ଓ ନବୀକରଣକ୍ଷମ ଶକ୍ତିଉତ୍ସର ସନ୍ଧାନ ବର୍ତ୍ତମାନ ବିଶ୍ୱ ଆଗରେ ଏକ ବଡ଼ ଆହ୍ୱାନ ହୋଇ ଠିଆହୋଇଛି । ଏହି ନବୀକରଣ ଶକ୍ତି ସହ ବିଶ୍ୱର ଅର୍ଥନୈତିକ ବିକାଶ, ସ୍ଥିରତା, ଗୁଣାତ୍ମକ ଜୀବନ ମଧ୍ୟ ନିର୍ଭର କରୁଛି । ସୁତରାଂ

ଏପରି ଏକ ବିକଳ୍ପ ଶକ୍ତି ଦରକାର, ଯାହା ନବୀକରଣ ହୋଇଥିବ, ଯାହାର ନିମ୍ନ ଅଙ୍ଗାରକାମ୍ଳ ନିର୍ଗମନ କ୍ଷମତା ରହିଥିବ ।

ଏହି ପରିପ୍ରେକ୍ଷୀରେ ଆମ ପରିବେଶରେ ପର୍ଯ୍ୟାପ୍ତ ଭାବେ ମିଳୁଥିବା ବିଭିନ୍ନ ଜୈବ ପଦାର୍ଥରୁ କିପରି ନବୀକରଣକ୍ଷମ ଇନ୍ଧନ ଉତ୍ପାଦନ ହୋଇପାରିବ, ସେଥିପ୍ରତି ଆମକୁ ଦୃଷ୍ଟି ଦେବାକୁ ହେବ । ଜୈବଇନ୍ଧନ ବିଶ୍ୱର ଶକ୍ତି ଆବଶ୍ୟକତାକୁ ମେଣ୍ଟାଇବା ସହ ଆମ ଆଗରେ ନୂଆ ଦିଗନ୍ତମାନ ଉନ୍ମୋଚନ କରିବାରେ ସହାୟକ ହୋଇପାରିବ । ଏହା ଜୀବାଶ୍ମ ଇନ୍ଧନ ସ୍ଥାନ ଗ୍ରହଣ କରିବା ସହ ଅଙ୍ଗାରକାମ୍ଳଜନିତ ପରିବେଶ ପ୍ରଦୂଷଣକୁ ରୋକିପାରିବ । କେବଳ ସେତିକି ନୁହେଁ, ଜୈବ ଇନ୍ଧନ ସବୁଜ ଘର ପ୍ରଭାବକୁ ହ୍ରାସ କରିବା ସହ ପରିବହନ କ୍ଷେତ୍ରରେ ବ୍ୟବହୃତ ଇନ୍ଧନକୁ ଅଙ୍ଗାରକାମ୍ଳ ଗ୍ୟାସ୍‌ମୁକ୍ତ କରିପାରିବ ।

ଜୈବଇନ୍ଧନ ମଧ୍ୟରେ ଜୈବ ଡିଜେଲ୍, ଜୈବ ଇଥାନଲ୍ ସାଧାରଣତଃ ଅଧିକ ଗୁରୁତ୍ୱ ରଖୁଛି । କାରଣ ଏହି ଇନ୍ଧନଗୁଡ଼ିକ କାର୍ବନ୍‌ମନୋକ୍ସାଇଡ୍, ସେଦାକ୍ସ, ନୋର୍କସ୍ ଓ ହାଇଡ୍ରୋକାର୍ବନ୍‌ର ମାରାତ୍ମକ ପ୍ରଭାବକୁ ହ୍ରାସ କରି ପରିବେଶକୁ ସୁଫଳ ପ୍ରଦାନ କରିଥାଏ ।

ଶିଉଳିରୁ ପ୍ରସ୍ତୁତ ଇନ୍ଧନ ବା ଶିଉଳି ଜୈବଇନ୍ଧନ ଜୀବାଶ୍ମ ଇନ୍ଧନର ପ୍ରକୃତ ବିକଳ୍ପ, ଯାହାର ମୂଳଉତ୍ସ ହେଉଛି ପ୍ରକୃତି କୋଳରେ ଗଚ୍ଛିତ ରହିଥିବା ଶିଉଳି ଜଳଜ ଉଦ୍ଭିଦ । ସୁଖର କଥା, ସରକାରୀ ସଂସ୍ଥା ଓ ବିଭିନ୍ନ ଘରୋଇ ସଂଗଠନ ଶିଉଳିରୁ ଜୈବଇନ୍ଧନ ଉତ୍ପାଦନ ଓ ବ୍ୟବସାୟିକ ସୁଲଭତା ପାଇଁ ପ୍ରୟାସ ଆରମ୍ଭ କରିଦେଇଛନ୍ତି । ଜୀବାଶ୍ମ ଇନ୍ଧନ ପରି ଶିଉଳିରୁ ଇନ୍ଧନ ପ୍ରସ୍ତୁତ କରାଯାଇପାରିବ । ଇନ୍ଧନ ବ୍ୟବହାରରୁ ନିର୍ଗତ ଅଙ୍ଗାରକାମ୍ଳ ବଢ଼ନ୍ତା ଶିଉଳି ଦ୍ୱାରା ଗ୍ରହଣକ୍ଷମ ହେଉଥିବାରୁ ବାୟୁମଣ୍ଡଳରେ ଏହାର କୁପ୍ରଭାବ ନାହିଁ । ସତୁରି ଦଶକର ମଧ୍ୟଭାଗରୁ ସୃଷ୍ଟି ହୋଇଥିବା ତୈଳସଂକଟକୁ ଟାଳିବା ପାଇଁ ବିଶ୍ୱସମୁଦାୟ ନିୟତ ବିକଳ୍ପ ଶକ୍ତି ଉତ୍ସର ସନ୍ଧାନ ପ୍ରକ୍ରିୟା ଚାଲିଛି, ଯେଉଁ ବିକଳ୍ପ ଇନ୍ଧନ କି ପେଟ୍ରୋଲିୟମର ସ୍ଥାନ ଗ୍ରହଣ କରିପାରିବ ।

ବିଭିନ୍ନ ବିକଳ୍ପ ଶକ୍ତି ଉତ୍ସର ପରୀକ୍ଷାନିରୀକ୍ଷା ପରେ ଏଇ କେତେ ବର୍ଷ ହେଲା ଜୈବଡିଜେଲ୍ ଉତ୍ପାଦନ ପ୍ରତି ସମସ୍ତଙ୍କର ସ୍ୱତଃ ଆକର୍ଷଣ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳୁଛି । ପ୍ରଥମ ପିଢ଼ିର ଜୈବଇନ୍ଧନ ମୁଖ୍ୟତଃ ତୈଳବୀଜ ଯଥା– ରେପ୍‌ସିଡ୍, ସୋୟାବିନ୍, ଜାଟ୍ରୋଫାରୁ ପ୍ରସ୍ତୁତ କରିବାରେ ବିଜ୍ଞାନୀମାନେ ସଫଳ ହୋଇଛନ୍ତି । ମାତ୍ର ଖାଦ୍ୟ ବା ତୈଳବୀଜ ଫସଲରୁ ଇନ୍ଧନ ପ୍ରସ୍ତୁତି କ୍ଷେତ୍ରରେ ସମସ୍ୟା ହେଲା– ବିଶ୍ୱ ଖାଦ୍ୟ ବଜାର ଓ ଖାଦ୍ୟ ସୁରକ୍ଷା ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ । ଏହି ବିବାଦୀୟ ପରିସ୍ଥିତିରୁ ରକ୍ଷା ପାଇବାକୁ ହେଲେ ଆମକୁ ଦ୍ୱିତୀୟ ପିଢ଼ିର ଜୈବ ଇନ୍ଧନ ପ୍ରସ୍ତୁତି ଉପରେ ଚିନ୍ତା କରିବାକୁ ହେବ ।

ଏହି କ୍ରମରେ ଆମକୁ ଉଦ୍ଭିଦ, ଅନ୍ୟାନ୍ୟ ଫସଲ, ବିଭିନ୍ନ କୃଷିଜାତ ସାମଗ୍ରୀର, ଜଙ୍ଗଲଜାତ ଦ୍ରବ୍ୟର ଓ କାଠର ବର୍ଜ୍ୟ ଅଂଶରୁ ଜୈବଇନ୍ଧନ ପ୍ରସ୍ତୁତି ଉପରେ ଦୃଷ୍ଟି ନିବଦ୍ଧ କରିବାକୁ ପଡ଼ିବ । ମାତ୍ର ପରିତାପର ବିଷୟ ଜୈବଇନ୍ଧନ ପ୍ରସ୍ତୁତିର ଏହି ପଦ୍ଧତି ଅନେକ ଅଞ୍ଚଳରେ ଆଶାନୁରୂପ ବ୍ୟବସାୟିକ ସ୍ତରରେ ପହଞ୍ଚିପାରିନାହିଁ । ଏହି ପରିପ୍ରେକ୍ଷୀରେ ତୃତୀୟ ପିଢ଼ିର ଜୈବଇନ୍ଧନ ପଦ୍ଧତି ରୂପେ ଅଣୁଶିଉଳିରୁ ଜୈବଡିଜେଲ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । କାରଣ କଞ୍ଚାମାଲ୍ ଭାବରେ ବ୍ୟବହାର କରି ଜୈବଡିଜେଲ୍ ପ୍ରସ୍ତୁତି କ୍ଷେତ୍ରରେ ଅଣୁଶିଉଳି ହିଁ ବିକଳ୍ପ ଉତ୍ସ ହୋଇପାରିବ ।

ଶିଉଳିକୁ ଜୈବ ଡିଜେଲ୍ ଉତ୍ପାଦନ ପାଇଁ ବାଛିବା ପଛରେ ଅନେକଗୁଡ଼ିଏ ସକାରାତ୍ମକ ଯୁକ୍ତି ରହିଛି । ଶିଉଳି ବଢ଼ିବା ପାଇଁ ମାତ୍ର ୧ରୁ ୧୦ ଦିନ ସମୟ ଲାଗିଥାଏ । ସୀମିତ ସମୟ ଅବଧିରେ ଏହାକୁ ବାରମ୍ବାର ଅମଳ କରିହୁଏ । ଅନ୍ୟ ଫସଲ ପରି ଶିଉଳି ଚାଷ କରିବାକୁ ସେପରି ଉର୍ବର ଜମିର ଲୋଡ଼ା ପଡ଼େନାହିଁ । ଶିଉଳି ଅନୁର୍ବର ତଥା ଅପନ୍ତରା ମାଟି, ଲବଣାକ୍ତ ମାଟି ଓ ମରୁଡ଼ିପ୍ରପୀଡ଼ିତ ମାଟିରେ ଚାଷ କରାଯାଇପାରେ । ଏଥିରେ ଥିବା ଉଚ୍ଚ ତୈଳଅଂଶ, ଅଧିକ ଅମଳ କ୍ଷମତା, ବ୍ୟାପକ ଅଞ୍ଚଳକୁ ମାଡ଼ି ଯିବାର ଗୁଣ, ବହୁମୁଖୀ ଉତ୍ପାଦନ କ୍ଷମତା, ଅଙ୍ଗାରକାମ୍ଳ ଗ୍ୟାସ ଗ୍ରହଣ କରିବାର ସୁଗୁଣ ଯୋଗୁ ଏହା ଶକ୍ତି ଉତ୍ସ ଭାବେ ସମସ୍ତଙ୍କୁ ଆକର୍ଷିତ କରିବାକୁ କ୍ଷମ ହୋଇପାରିଛି ।

ଏକଥା ସତ ଯେ ଫଟୋବାୟୋରିଆକ୍ଟର (Photobioreacter) ଦ୍ୱାରା ଶିଉଳି ଚାଷକୁ ସୁନିୟନ୍ତ୍ରିତ କରାଯିବା ସହ ଉତ୍ପାଦନ ମଧ୍ୟ ବଢ଼ାଯାଇପାରିବ । କାରଣ କମ୍ କଞ୍ଚାମାଲ୍ କ୍ଷମତା ଥିବା ଶିଉଳି ଅଧିକ କଞ୍ଚାମାଲ୍ କ୍ଷମତା ଥିବା ଶିଉଳିଠାରୁ ୩୦ଗୁଣ ଅଧିକ ଦ୍ରୁତଗତିରେ ବଢ଼ିଥାଏ । ଶିଉଳିରୁ ଉଚ୍ଚମାନର ଜୈବଡିଜେଲ୍ ଉତ୍ପାଦନ ଆହ୍ୱାନ କ୍ରମରେ ଆମକୁ ଏଭଳି ଶିଉଳି ଉତ୍ପାଦନ କରିବାକୁ ପଡ଼ିବ, ଯାହା ମଧ୍ୟରେ ଇନ୍ଧନ ପ୍ରସ୍ତୁତି ପାଇଁ କଞ୍ଚାମାଲ୍ କ୍ଷମତା ପ୍ରଚୁର ଥିବ ଏବଂ ଏହା ଶୀଘ୍ର ମଧ୍ୟ ବଢ଼ିପାରୁଥିବ ।

ତେବେ ଆସନ୍ତୁ, ଆମେ ଅପେକ୍ଷା କରିବା ସେହି ସୁଦିନକୁ, ଯେଉଁଦିନ ଆମର ବିଭିନ୍ନ ଯାନ୍ତ୍ରିକ କାର୍ଯ୍ୟ ଶିଉଳିରୁ ପ୍ରସ୍ତୁତ ଜୈବଇନ୍ଧନ ଦ୍ୱାରା ସମାପିତ ହେବ ।

('ମୋ ଓଡ଼ିଶା' ପୁସ୍ତକରୁ ସଂଗୃହୀତ)

ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ, ଭୁବନେଶ୍ୱର

ଡ୍ୟାନ୍ସି ହାଉସ୍

ପ୍ରେଗ୍‌ର ଭଲଟଭା ନଦୀ ପାଖରେ ଏହି ସୁଦୃଶ୍ୟ ଗୃହଟି ନିର୍ମିତ ହୋଇଛି । ବିରଳ ଅତ୍ୟାଧୁନିକ କୃତିଟି ସହରର ମଧ୍ୟସ୍ଥଳରେ ବିଭିନ୍ନ ଐତିହାସିକ ସ୍ଥାପତ୍ୟ ଦ୍ୱାରା ପରିବେଷ୍ଟିତ ହୋଇଛି ।

ଏହି କଳାକୃତି ୧୯୯୨ ଓ ୧୯୯୬ ମସିହା ମଧ୍ୟରେ ନିର୍ମିତ ହୋଇଥିଲା । ଦୁଃସାହସିକ ପରିକଳ୍ପନା ନେଇ ଏହାର ବାହାରପଟ ବକ୍ର ଭାବେ ନିର୍ମାଣ କରାଯାଇଛି । ଭ୍ଲାଡୋ ମିଲୁନିକ୍ ଏବଂ ଜଣେ ଆମେରିକୀୟ ଫ୍ରାଙ୍କ୍ ଓନ୍ ଗେରିଙ୍କ ଦ୍ୱାରା ଏହାର ପରିକଳ୍ପନା ଓ ନକ୍ସା ପ୍ରସ୍ତୁତ କରାଯାଇଥିଲା । ପ୍ରାଚୀନ ପାରମ୍ପରିକ ନୃତ୍ୟ 'ଡୁଓ'ର ନାମ ଅନୁସାରେ ଏହାର ନାମ ଦିଆଗଲା ଫ୍ରେଡ୍ ଆଣ୍ଡ ଜିଞ୍ଜର ବିଲ୍ଡିଂ (Fred and Ginger Building) । ଏହି ନୃତ୍ୟଗୃହର କେବଳ ଉପର ମହଲାଟି ବାହାର ଦର୍ଶନାର୍ଥୀଙ୍କ ପାଇଁ ଖୋଲାଯାଏ । ଏହି କୋଠାରେ ସହରର ଏକ ନାମଜାଦା ହୋଟେଲ 'ଜିଞ୍ଜର ଆଣ୍ଡ ଫ୍ରେଡ୍ ରେଷ୍ଟୁରାଣ୍ଟ୍' ରହିଛି ।

ପରିଭ୍ରମଣକାରୀଙ୍କ ପାଇଁ ଏଠାରେ ଏକ ସୁସ୍ୱାଦୁ ଅନ୍ତର୍ଜାତୀୟ ଖାଦ୍ୟ 'ଜିଞ୍ଜର ଆଣ୍ଡ ଫ୍ରେଡ୍' ପରିବେଷଣ କରାଯାଇଥାଏ । ସେଠାରେ ଖାଇବା ସମୟରେ ଅତିଥିମାନେ ଏଠାରୁ ଭାଲ୍‌ଟୋଭା ନଦୀ ଉପରେ ଥିବା ଚାର୍ଲସ ବ୍ରିଜ୍ ଏବଂ ପ୍ରେଗ୍ ଦୁର୍ଗର ମନୋରମ ଦୃଶ୍ୟ ଉପଭୋଗ କରିଥା'ନ୍ତି ।

(ପ୍ରଚ୍ଛଦରେ ଉପରୋକ୍ତ କେତୋଟି ଗୃହର ଆଲୋକଚିତ୍ର ଦିଆଯାଇଅଛି ।)



କଥା ହେଲେ କଟାକଟି

ଶ୍ରୀ ବିଷ୍ଣୁ ମୋହନ

ବାଘ, ହାତୀ ଥରେ ଅରଣ୍ୟ ଭିତରେ
ଯେବେ ହେଲେ ଭେଟାଭଟି
ଲାଂଜ ବାଡ଼େଇ ନିଶକୁ ଫୁଲେଇ
ବାଘ କହେ 'ଆରେ ହାତୀ !
ଏତେ ବଡ଼ ଦେହ ପାଇଅଛୁ ସିନା
ମୋ' ପରିକି ଖାଉ ବସି
ଗରବରେ ବାଘ କହିଲାରେ ହାତୀ
ପେଟ ତୋର ଯାଏ ପଶି ।
ଏ ବଣ ଭିତରେ ହରିଣ, ଶମ୍ବର
କୁଟୁରା ଥାଆନ୍ତି ରହି
ଖାଦ୍ୟ ମୋ ପାଇଁ ହୋଇଛି ଖଂଜା
ଚିନ୍ତା ତୋ' ପରି ନାହିଁ ।
ଗୋଟିଏ ଜୀବକୁ ମାରିଦେଲେ ମୁହିଁ
ତା' ରକ୍ତମାଂସ ଖାଇ
ଜାତୀୟ ପଶୁ ମୁଁ ସବୁ ଭୟଭୀତ
ଆରାମରେ ମାରେ ହାଇ ।'
ହାତୀ କହେ 'ବାଘ ପଶୁ ଖାଇ ବଂଚୁ
କେତୋଟି ବରଷ ମାତ୍ର
ଅନେକ ବରଷ ମୋହର ଆୟୁଷ
ଯେଣୁ ଖାଏ ଗଛପତ୍ର ।
ହିଂସ୍ର ସ୍ୱଭାବ ଯୋଗୁ ପିଞ୍ଜରା
ହୋଇଥାଏ ତୋର ଘର
ଯେବେ ରହିଥାଉ ଜଂଗଲରେ ତୁହି
ସଭିଏଁ ରହନ୍ତି ଦୂର ।
ଅନେକ ବାଟରେ ମଣିଷର ସେବା
ମୁହିଁ ସିନା କରିଥାଏ
ହାଲୁକା କରଇ କାମ ମଣିଷର
କେତେ ବୋଝ ବୋହିନିଏ ।
ବୟସରେ ବଡ଼ ଯେଣୁ ମୁଁ ଅଟଇ
ଡାକିଥା'ନ୍ତି ପିଲେ 'ଅଜା'
ଲକ୍ଷ୍ମୀ ଠାକୁରାଣୀ ବାହନ ଯେହେତୁ
କରିଥା'ନ୍ତି ମୋର ପୂଜା ।
ବଡ଼ିମା ଦେଖାଇ ବଡ଼ କଥା କହି
ପଢ଼ାଉଛୁ ମୋତେ ପଟି'
ଏହିପରି ବାଘ ହାତୀ ଜଙ୍ଗଲରେ
କଥା ହେଲେ କଟାକଟି ।

ଏ/ ୫୮, କ୍ରିଷ୍ଣା ଗାର୍ଡନ-୨, ଖଣ୍ଡଗିରି, ଭୁବନେଶ୍ୱର-୩୦

★ ଅଳ୍ପକେ କଥାଟି କହିବାର ଯୋଗ୍ୟତା କେବଳ ବିଜ୍ଞ ଲୋକଙ୍କର ହିଁ ଥାଏ । -- ଇମରସନ୍

★ ଈଶ୍ୱରଙ୍କର ସ୍ଥାୟିତ୍ୱ ସମ୍ପର୍କରେ ମନରେ ସନ୍ଦେହ ରଖିବା ଅନୁଚିତ । ତାଙ୍କର ପଦ୍ମ ପାଦକୁ ସ୍ପର୍ଶ କରିବା ପାଇଁ ଯେଉଁ ପଥ ରହିଛି; ସମସ୍ତ ପ୍ରକାର କଷ୍ଟ ଓ ତ୍ୟାଗ ସ୍ୱୀକାର କରି ପ୍ରଥମେ ସେହି ପଥର ସନ୍ଧାନ ନେବା ଆବଶ୍ୟକ । --ସ୍ୱାମୀ ବିବେକାନନ୍ଦ

ଶ୍ରୀ ସୁରେଶ କୁମାର ପଣ୍ଡା

❋❋ ମୁଁ ଯେମିତି ତୁମେ ମଧ୍ୟ ସେମିତି :

ଭଗବାନ ମହାବୀର ତାଙ୍କର ଜଣେ ଶିଷ୍ୟଙ୍କ ସହିତ କୁଆଡ଼େ ଯାଉଥାଆନ୍ତି । ବାଟରେ ଜଣେ ଗାଉଁଲି ଲୋକ ତାଙ୍କୁ ପାଦଛୁଇଁ ପ୍ରଣାମ କଲା । ତାହା ଦେଖି ମହାବୀର ମଧ୍ୟ ତା'ର ପାଦଛୁଇଁ ପ୍ରଣାମ କଲେ । ଏତେବଡ଼ ଜଣେ ମହାପୁରୁଷଙ୍କୁ ତା' ଭଳି ଜଣେ ସାମାନ୍ୟ ବ୍ୟକ୍ତିର ପାଦ ଛୁଇଁବାର ଦେଖି ଲୋକଜଣକ କହିଲେ– ଆପଣ ଜଣେ ତପସ୍ୱୀ । ଆପଣଙ୍କର ସେଇ ମହାନ ବିଭୂତିକୁ ମୁଁ ପ୍ରଣାମ କରିଥିଲି । ପ୍ରତିବଦଳରେ ମୋ ଭଳି ଜଣେ ତୁଚ୍ଛ ଲୋକର ପାଦ ଛୁଇଁବା କ'ଣ ଆପଣଙ୍କ ପକ୍ଷେ ଉଚିତ ହେଲା ?

"ମୁଁ ଯେମିତି ଜଣେ ମଣିଷ, ତୁମେ ମଧ୍ୟ ସେମିତି ଜଣେ ମଣିଷ । ମୋ ଶରୀରରେ ଯେମିତି ପବିତ୍ର ଆତ୍ମା ବିରାଜିତ, ତୁମ ଶରୀରରେ ମଧ୍ୟ ପବିତ୍ର ଆତ୍ମା ରହିଛି । ତେଣୁ ତୁମକୁ ପ୍ରଣାମ କରିବାରେ ଭୁଲ୍ ରହିଲା କେଉଁଠି ? ପୁଣି ମୋତେ ପ୍ରଣାମ କରି ତୁମେ ଯେଉଁ ସୌଜନ୍ୟ ପ୍ରଦର୍ଶନ କରିଛ, ତା' ତୁଳନାରେ ମୋର ତପସ୍ୟା ବଡ଼ ନୁହେଁ ।" ଉତ୍ତରଦେଲେ ମହାବୀର ।

❋❋ ପ୍ରସନ୍ନତାର ଚାବିକାଠି :

'ଶେଖ୍ ସାଦୀ' ପ୍ରତିଦିନ ନମାଜ କରିବାକୁ ମସ୍‌ଜିଦ୍‌କୁ ଯାଆନ୍ତି । ଦିନେ ଜଣେ ଧନୀବ୍ୟକ୍ତି ନମାଜ କରିବାକୁ ମସ୍‌ଜିଦ୍‌କୁ ଆସିଥାଆନ୍ତି । ତାଙ୍କୁ ଦେଖି ଶେଖ୍ ସାଦୀ ପଚାରିଲେ– କାହିଁ, ଆପଣଙ୍କୁ ତ ଆଗରୁ କେବେ ନମାଜ କରିବା ଦେଖିନାହିଁ । ଆପଣ କେତେଦିନରେ ଥରେ ନମାଜ ପଢ଼ନ୍ତି ? ତାଙ୍କ ପ୍ରଶ୍ନ ଶୁଣି ଧନୀ ବ୍ୟକ୍ତିଙ୍କ ମୁହଁ ଶୁଖିଗଲା । ମୁଣ୍ଡ ତଳକୁ କରି କହିଲେ– ବିଭିନ୍ନ କାମଧନ୍ଦାରେ ବୁଡ଼ି ରହି ସମୟ ପାଏ ନାହିଁ । ସେଥିପାଇଁ ବର୍ଷକୁ କେବଳ ଥରେ ଆସିଥାଏ ।

ଏ ସମୟରେ ତାଙ୍କ ପାଦ ଆଡ଼କୁ ଶେଖ୍ ସାଦୀଙ୍କ ଦୃଷ୍ଟି ପଡ଼ିଲା । ସିଏ ପିନ୍ଧିଥା'ନ୍ତି ସୁନାଜରି ଲଗା ହଳେ ଦାମୀ ଜୋତା । ନିଜର ଫଟା ପୁରୁଣା ଜୋତାହଳକ ମନେପକେଇ ତାଙ୍କ ମନରେ ଗଭୀର ଦୁଃଖ ହେଲା । ମୁଁ ଆସି ଅନେକ ବର୍ଷ ହେଲା ପ୍ରତିଦିନ ନମାଜ ପଢୁଛି । ତା' ବଦଳରେ ଈଶ୍ୱର ମୋତେ ଫଟା ଜୋତା ଦେଲେ । ଆଉ ଯିଏ ବର୍ଷରେ କେବଳ ଗୋଟିଏ ଥର ନମାଜ ପଢୁଚି, ତା'କୁ ସୁନାଜରି ଲାଗିଥିବା ସୁନ୍ଦର ଜୋତା ଦେଇଛନ୍ତି । ଏହା କ'ଣ ତାଙ୍କର ନ୍ୟାୟବିଚାର ?

ଏ ସମୟରେ ଜଣେ ପଙ୍ଗୁ ନମାଜ କରିବାକୁ ଆସିଲା । ସିଏ ଲାଠି ଧରି ଗୋଟିଏ ଗୋଡ଼ରେ ଘୋଷାରି ହୋଇ ଚାଲୁଥାଏ । ତାହା ଦେଖି ଶେଖ୍ ସାଦୀଙ୍କ ବିଚାର ବଦଳିଗଲା । ଭଗବାନଙ୍କୁ ପ୍ରଣାମ କରି କହିଲେ, "ପ୍ରଭୁ ! ଆପଣଙ୍କ ସୃଷ୍ଟିରେ ତ ମୋ' ଠାରୁ ମଧ୍ୟ ଆହୁରି

ଗରିବ ଲୋକ ଅଛନ୍ତି । ଫଟା ଜୋତା ହେଉ ପଛେ, ତାକୁ ପିନ୍ଧିବାକୁ ମୋର ସୁସ୍ଥସବଳ ଦୁଇଟି ପାଦ ଅଛି । ଲୋକଟିର ତ ସେତକ ମଧ୍ୟ ନାହିଁ । ୟା'ଠାରୁ କ'ଣ ମୁଁ ଭାଗ୍ୟବାନ୍ ନୁହେଁ?''

ଈଶ୍ୱରଙ୍କୁ ବାରମ୍ବାର ଧନ୍ୟବାଦ ଦେବା ସହିତ ଭାବିଲେ– ନିଜ ଠାରୁ ସମ୍ପନ୍ନ ବ୍ୟକ୍ତି ସହିତ ନିଜର ତୁଳନା ନ କରି ନିଜଠାରୁ କମ୍ ସାଧନ ଥିବା ବ୍ୟକ୍ତି ସହିତ ତୁଳନା କରିବା ହିଁ ପ୍ରସନ୍ନତାର ଚାବିକାଠି ।

❋❋ ଦେଶ ପାଇଁ ଚପରାସୀ ହେବା ଗର୍ବର କଥା :



ବିହାରର ଚମ୍ପାରଣ ଜିଲ୍ଲାରେ କୃଷକମାନଙ୍କ ଉପରେ ସରକାରଙ୍କ ଅତ୍ୟାଚାରର ଖବର ଗାନ୍ଧିଜୀଙ୍କ ନିକଟରେ ପହଞ୍ଚିଲା । ସଙ୍ଗେ ସଙ୍ଗେ ଗାନ୍ଧିଜୀ ନିଜର ସହକର୍ମୀଙ୍କ ସହ ସେଠାରେ ପହଞ୍ଚିଲେ । ସେଠାରେ ଏକ ଶିବିର ସ୍ଥାପନ ହେଲା । ସେଠାକାର କୃଷକମାନେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଆସି ଗାନ୍ଧିଜୀଙ୍କ ନିକଟରେ ନିଜ ନିଜର ଦୁଃଖ ଜଣାଉଥାଆନ୍ତି । ଶିବିରର ସେକ୍ରେଟେରୀ ଦାୟିତ୍ୱରେ ଥାଆନ୍ତି ଗାନ୍ଧିଜୀଙ୍କ ମୁଖ୍ୟ ସହଯୋଗୀ 'ଆଚାର୍ଯ୍ୟ କୃପାଳିନୀ' ।

ସେଠାକାର କୃଷକମାନଙ୍କୁ ନେଇ ଏକ ଆନ୍ଦୋଳନ ଆରମ୍ଭ ହେଲା । ଆନ୍ଦୋଳନ କାର୍ଯ୍ୟରେ ଅନେକ ଚିଠିପତ୍ର ସେଠାକାର କଲେକ୍ଟରଙ୍କ ପାଖରେ ପହଞ୍ଚେଇବାକୁ ପଡୁଥାଏ । କୃପାଳିନୀ ନିଜେ ସବୁ ଚିଠିନେଇ କଲେକ୍ଟରଙ୍କ ପାଖରେ ପହୁଞ୍ଚାଇ ଥାଆନ୍ତି । ତାଙ୍କୁ ହତୋତ୍ସାହ କରିବା ଉଦ୍ଦେଶ୍ୟରେ ଦିନେ କଲେକ୍ଟର କହିଲେ, "କୃପାଳିନୀ ମହାଶୟ ! ଆପଣ ହେଉଛନ୍ତି ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଏଇ ଆନ୍ଦୋଳନର ମୁଖ୍ୟ । ତଥାପି ଏଇ ସାମାନ୍ୟ ଚପରାସୀର କାର୍ଯ୍ୟ କରିବାକୁ ଆପଣଙ୍କୁ ସଙ୍କୋଚ ଲାଗୁନାହିଁ?''

"ମୁଁ ଜଣେ ସାଧାରଣ ମଣିଷ । ନିଜକୁ ସବୁବେଳେ ଭାରତମାତାର ଜଣେ ସାମାନ୍ୟ ସେବକ ମନେକରେ । ଦେଶପାଇଁ ଚପରାସୀ ହେବା ମୋ ପାଇଁ ଅପମାନଜନକ ନୁହେଁ; ବରଂ ଗର୍ବ ଓ ଗୌରବର ବିଷୟ । ତେଣୁ ଅପମାନିତ ମନେକରିବି କାହିଁକି?" କହିଲେ କୃପାଳିନୀ ।

ତାଙ୍କ ଉତ୍ତର ଶୁଣି କଲେକ୍ଟରଙ୍କ ପାଟିରୁ କଥା ବାହାରିଲା ନାହିଁ ।

ଜୀବଜଗତର କେତେକ ଅଜଣା କଥା

❋ ହାତୀ ଡେଇଁପାରେ ନାହିଁ ।



❋ ପିମ୍ପୁଡ଼ି ଶୁଏ ନାହିଁ, କିନ୍ତୁ ଦିନକୁ ଦୁଇଥର ୮ମିନିଟ୍ ଲେଖାଏଁ ଘୁମେଇପଡ଼େ ।

❋ ବେଙ୍ଗ ତାର କାନକୁ ଘୋଡ଼େଇ ଦେଇପାରେ ।

ସଂଗ୍ରହ : **ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜ**

ଗର୍ବ କଲେ ଖର୍ବ ହୁଏ

ଶ୍ରୀ ସୁଭାଷ ଚନ୍ଦ୍ର ମହାନ୍ତି

କେଉଁ ଏକ ବହଳ ଜଙ୍ଗଲ ଭିତରେ ଗୋଟିଏ ବରଗଛ, ଗୋଟିଏ ପିଜୁଳି ଗଛ ଓ ଗୋଟିଏ ଗୋଲାପ ଗଛ ସାଙ୍ଗ ହୋଇ ଏକାଠି ପାଖାପାଖି ଥା'ନ୍ତି । ସେହି ଗହଳ ଜଙ୍ଗଲ ଭିତରେ ଉଙ୍କିମାରି ନାଲିଆ ସୂର୍ଯ୍ୟ ମୁରୁଜ ବୁଣି ହସିଉଠିଲେ । ଗଲା ରାତିର କାଳିଆ ଅନ୍ଧାର କେଉଁଆଡ଼େ ଦୂରେଇଗଲା । ଟିକି ଟିକି କାକରବିନ୍ଦୁ ସବୁଜ ପତର ଉପରେ ଚିକ୍ ଚିକ୍ କରି ଧୀରେ ଧୀରେ କେଉଁଆଡ଼େ ଉଭେଇଯିବାର ଉପକ୍ରମ କଲେଣି । ନାନା ଜାତି ପକ୍ଷୀଙ୍କର କିଚିରି ମିଚିରି ଶବ୍ଦରେ ସତେଯେପରି ଜଙ୍ଗଲଟି ହସିଉଠୁଥାଏ । ଆଃ, ଆଜି କି ସୁନ୍ଦର ସକାଳ !

ସୁଲୁସୁଲିଆ ପବନରେ କିଳିକିଳିଆ ହୋଇ ଗୋଟିଏ ବଣି ଚଢ଼େଇ ଟିକି ଟିକି ଡେଣାକୁ ଫଡ଼ ଫଡ଼ କରି ଆସି ପହଞ୍ଚିଲା ସେହି ଜଙ୍ଗଲରେ । ମନରେ ତା'ର ଆନନ୍ଦର ଲହଡ଼ି । ଜୀବନରେ ବହୁ ଜାଗା ବୁଲିଛି, ହେଲେ ଏଭଳି ଏକ ସ୍ଥାନ ଜୀବନରେ କେବେ ଦେଖି ନ ଥିଲା । କେଡ଼େ ଶାନ୍ତି ! ମନରେ ମାଦକତା ଛୁଇଁଛୁଇଁ ଯାଉଛି ତା'ର ।

ଦୂରରେ ଝରଣାର ଝରାପାଣି । ଗଛରେ ଅଗଣିତ ଫୁଲଫଳ କାହା ମନକୁ ଛୁଇଁ ନ ଯିବ ଯେ ! ଘୂରିବାକୁ ମନରେ ସୁଅ ମାଡ଼ିଯାଉଛି ଆଗକୁ ଆଗକୁ । ଅସୁମାରି ଭାବନାରେ ସାରା ବଣ ବୁଲିବାକୁ ଲାଗିଲା ସେ ।

ବୁଲି ବୁଲି ଯାଇ ପହଞ୍ଚିଲା ସେହି ବର, ପିଜୁଳି ଓ ଗୋଲାପ ଗଛ ପାଖରେ । ସେତେବେଳେ ପେଟ



ଭିତରେ ଭୋକ ଚିତ୍କାର କରୁଥାଏ । ତଣ୍ଟି ଶୋଷରେ ଫାଟିପଡୁଥାଏ । ଅବଶ ଦେହ ଅଳସ ଲାଗୁଥାଏ । ସୁନ୍ଦର ବରଗଛକୁ ଦେଖିପକାଇ, ତା' ମନ କାହିଁକି କେଜାଣି ସେହି ଆଡ଼କୁ ଟାଣି ହୋଇଗଲା ଆପଣାଛାଏଁ । ଟିକି ଟିକି ଡେଣାକୁ ଫଡ଼ଫଡ଼ କରି ଯାଇ ପହଞ୍ଚିଲା ।

ବରଗଛର ଶାଖାପ୍ରଶାଖା ଚାରିଆଡ଼କୁ ବୁଢ଼ୀ ମାଉସୀ ପରି ହାତଗୋଡ଼ ଲମ୍ବେଇ ବସିଛି । ବଣି ଚଢ଼େଇଟି ମନରେ ଭାବିଲା, ବୋଧେ ଆମରି ପରି ଛୋଟ ଛୋଟ କ୍ଳାନ୍ତ ଜୀବଜନ୍ତୁଙ୍କୁ ଆଶ୍ରୟ ଦେବାପାଇଁ, କୋଳ କରିବା ପାଇଁ ବସିଛି ଏ ବୁଢ଼ୀ ମାଉସୀ । ଶ୍ରଦ୍ଧା ଓ ଭକ୍ତିରେ ମନ ତା'ର ନଇଁଗଲା ଆପଣାଛାଏଁ । ମନରେ କେତେ ଆଶା ନେଇ ସେ ବରଗଛର ପ୍ରଶସ୍ତ ଛାତି ଉପରେ ବସିବାକୁ ଗଲା ।

ଏହା ଦେଖି ବରଗଛ କହିଲା, "ହେ ବଣି ! ତୁମେ ମୋ ଉପରେ ମୋଟେ ବସନି । ତୁମେ କ'ଣ ଜାଣନା, ମୁଁ ଠାକୁରଗଛ ! ମୋତେ ଲୋକମାନେ ଦେଖିଲେ କେଡ଼େ ଆଦରରେ ପୂଜା କରନ୍ତି । ମୋ ମୂଳରେ ପାଣି ଢାଳନ୍ତି । ତୁମେ ସବୁବେଳେ ଝିଣ୍ଟିକା ମାରି ଖାଅ । ତେଣୁ ତୁମେ ମୋତେ ଛୁଅଁନା । ମୋ ଭଳି ଠାକୁରଗଛକୁ ତୁମଭଳି ଜୀବ ହତ୍ୟା କରୁଥିବା ପାପୀ ଛୁଇଁବେ, ଏ କଥା ହୋଇପାରିବ ନାହିଁ ।"

ବରଗଛ କଥା ଶୁଣି, ବଣି ହତାଶାରେ ଠିଆ ହୋଇଗଲା । ନିଜେ କ'ଣ ସତରେ ପାପୀ ? ମନରେ ଚିନ୍ତା କଲା–

“ଜୀବ ମାରିଣ ଜୀବ ଖାଇ
ସେ ଜୀବ ବଇକୁଣ୍ଠେ ବସଇ ।”

ମୋର ଯାହା ଆହାର ମୁଁ ଖାଉଛି ଆଉ ଯାହାକୁ ଖାଉଛି ସେ ବୈକୁଣ୍ଠକୁ ଯାଉଛି । ଏଥିରେ ମୋର ପାପ କେଉଁଠି ରହିଲା ? ହଉ, ହତାଶିଆ ହୋଇ ଆଗେଇଲା ।

ପେଟରେ ଭୋକ, ମନରେ ଦୁଃଖ । ପାଖରେ ଥିବା ପିଜୁଳି ଗଛରେ ଦେଖିଲା, ଲାଲ ପିଜୁଳି ସବୁ ଗଛ ଭାଙ୍ଗୁଛି । ଅନେକ ଆଶାରେ ତା' ପାଖରେ ପହଞ୍ଚିଲା । ସେ ଲାଲ ଟକ୍ ଟକ୍ ପିଜୁଳିକୁ ଖାଇବାକୁ ବସିଲା । ଏଥିରେ ପିଜୁଳି ଗଛ ବାଧା ଦେଇ କହିଲା, “ମୋ ଭଳି ପିଜୁଳି ଗଛରୁ ପିଜୁଳି ଖାଇବା ପାଇଁ ତୁମେ ଉପଯୁକ୍ତ ନୁହଁ । ତୁମେ ବୋଧେ ଜାଣନା, ମୋ ପିଜୁଳି ଭଗବାନଙ୍କ ପାଖରେ ଭୋଗ ଲାଗେ । କେତେ ଲୋକ ଖୋଜି ଖୋଜି ଆସି ଏଠାରୁ ପିଜୁଳି ନିଅନ୍ତି । ଏ ବଣକୁ ଯିଏ ଆସନ୍ତି, ସମସ୍ତେ ଏହି ପିଜୁଳି ନେଇ ପାଖରେ ଥିବା ଶିବଙ୍କ ପାଖରେ ଭୋଗ ଲଗାନ୍ତି । ତୁମ ଅଣ୍ଟ ଏଥିରେ ଲାଗିଲେ ମୁଁ ଭୋଗ ହେବାପାଇଁ ଅଯୋଗ୍ୟ ହେବି ।”

ବଣିର ମନ ଆହୁରି ଦବିଗଲା । ଭୋକ ଆଉ କ୍ଳାନ୍ତିରେ ଚାରିଆଡ଼ ଅନ୍ଧାର ଦେଖାଗଲା । ଜ୍ଞାନଶୂନ୍ୟ ହୋଇ ପଡ଼ିରହିଲା ନିକଟରେ ଥିବା ଗୋଲାପ ମୂଳରେ ।

ବଣିର ଏପରି ଅବସ୍ଥା ଦେଖି ଗୋଲାପ ମନରେ ବଡ଼ ଦୟା ହେଲା । କ'ଣ ବା ଅଛି ତା'ର ଯେ ବଣିର ସେବାରେ ଲାଗିପାରିବ ? ଦୁଃଖିତ ମନରେ ସେ ଭାବିଲା । ପାଖରେ ଧନ ଥାଇ ଲୋକଙ୍କର ବିପଦ ବେଳରେ ଯଦି ଉପକାରରେ ନ ଲାଗେ, ତେବେ ସେ ଧନ ଥାଇ ଲାଭ କ'ଣ ? ଅମାରରେ ଧାନ ଥାଇ ଲୋକ ଯଦି ଭୋକ ଉପାସରେ ପୋକଜୋକ ପରି ଝଡ଼ି ମରନ୍ତି, ତେବେ ସେ ଧାନ ଥାଇ ଆଉ କ'ଣ ହେବ ?

ଗୋଲାପ ପାଖରେ ସିନା ଧନ ନ ଥିଲା, ହେଲେ ସାହାଯ୍ୟ କରିବା ପାଇଁ ମନଟି ଥିଲା ।

ଭଅଁରଟିଏ ଏ ଗୋଲାପ ଫୁଲରୁ ସେ ଗୋଲାପ ଫୁଲକୁ ଉଡ଼ି ଉଡ଼ି ମହୁ ନେଉଥାଏ । ତାକୁ ଗୋଲାପ ଅନୁରୋଧ କରି କହିଲା, “ଭଅଁରଭାଇ ! ମୋ ଦେହରେ ଯେତେ ମହୁ ଅଛି, ସବୁ ଶୋଷିନେଇ ଯା' ପଛକେ, ମୋର ଦୁଃଖ ନାହିଁ; କିନ୍ତୁ ତୁ ଗୋଟିଏ କାମ କର । ସବୁ ମହୁ ନେଇ ଟୋପି ଟୋପି କରି ଏ ବଣିର ମୁହଁରେ ଦେ । ସେ ଯଦି ଉଠି ହସି ହସି ଆକାଶରେ ଉଡ଼େ, ତେବେ ତା' ପାଇଁ ମୋ ଜୀବନ ଗଲେ ବି ମୁଁ ଖୁସି ହେବି ।”

ଭଅଁର ଗୋଲାପର ଏପରି କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲା । ସେ ନିଜ କାନକୁ ବିଶ୍ୱାସ କରିପାରିଲା ନାହିଁ । ଏଭଳି ଏକ ନିଃସ୍ୱ ସୁ-କୋମଳା ମନରେ ଯେ କି ଆଦର୍ଶ, କି ସମବେଦନା, ଏହା ଦେଖି ସେ ହତବାକ୍ ହୋଇଗଲା ।

ତାହାରି କଥା ଅନୁସାରେ ଭଅଁର ମହୁ ସଂଗ୍ରହ

କରି ଟୋପି ଟୋପି କରି ବଣି ମୁହଁରେ ଦେଲା । ଆସ୍ତେ ଆସ୍ତେ ବଣିଟି ସାଷ୍ଟାଙ୍ଗ ହୋଇ ଉଠିବସିଲା । ଏଥିରେ ଗୋଲାପ ଦୁଇ ଗୁଣରେ ହସିଉଠିଲା ।

ବଣି ଉଠି ଗୋଲାପର ଏପରି କାର୍ଯ୍ୟ ଦେଖି ଆନନ୍ଦ ଓ କୃତଜ୍ଞତାର ଦୁଇବୁନ୍ଦା ଲୁହ ଗଡ଼ାଇ ସେ ଜଙ୍ଗଲ ଛାଡ଼ି ଚାଲିଗଲା ।

ସେହିଦିନରୁ ଲୋକମାନେ ଦେଖନ୍ତି, ସେ ବରଗଛରେ ଶାଗୁଣା ବସା କରି ରହେ । ରାତିରେ ହଜାର ହଜାର କାଉ ଆଶ୍ରୟ ନିଅନ୍ତି । ଦିନରେ ବାଦୁଡ଼ି ଓହଳି ରହନ୍ତି । ସେ ବରଗଛକୁ ଆଉ କେହି ପୂଜା କରିବାର ଦେଖାଯାଏନା ।

ଯେତେବେଳେ ସେ ପିଜୁଳି ଗଛକୁ ଦେଖିବ, ଖାଲି ଖଣ୍ଡିଆ ପିଜୁଳି ଓହଳିଥିବ । କେହି ଆଉ ସେ ପିଜୁଳି ଗଛକୁ ଆସନ୍ତି ନାହିଁ କି ପିଜୁଳି ଭୋଗ ଲଗାନ୍ତି ନାହିଁ ।

ଗୋଲାପ ଗଛରେ କିନ୍ତୁ ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟେ । ଫୁଲର ବାସନାରେ ବଣ ମହକେ । ସବୁବେଳେ ସେହି ଗଛରୁ ଫୁଲ ନେଇ ଶିବଙ୍କ ମୁଣ୍ଡରେ ଚଢ଼ାହୁଏ ।

ସଂସାରରେ ଧନ ବଡ଼ ନୁହଁ, ମନ ବଡ଼ ।
"ଯା'ର ମନ ଯେଡ଼େ /ତାର ପ୍ରଭୁ ସେଡ଼େ ।"

ଉତ୍କଳ ସଙ୍ଗୀତ ସମାଜ, କଟକ-୭୫୩୦୦୯

ସାଧାରଣ ଜ୍ଞାନ ପରୀକ୍ଷା

ଶ୍ରୀ ଜ୍ୟୋତିରଂଜନ ବିଶ୍ୱାଳ

୧ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କିଏ ?

୨ । କେଉଁ ରାଜ୍ୟ ଗର୍‌ବା ନୃତ୍ୟର ଜନ୍ମଭୂମି ଅଟେ ?

୩ । ଗ୍ରୀକ ପୁରାଣରେ କୃଷିର ଦେବତା କିଏ ?

୪ । ଭାରତର ସର୍ବପୁରାତନ ଯାଦୁଘର କେଉଁଟି ?

୫ । ଗନରସ୍ (Gunners) କେଉଁ ଇଂଲିଶ୍ ଫୁଟବଲ୍ କ୍ଲବ୍‌ର ଶ୍ରଦ୍ଧାନାମ ଅଟେ ?

୬ । ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଥିବା ପ୍ରଥମ ଖେଳାଳି ଜଣକ କିଏ ?

୭ । ଶାହାଜାହାନାବାଦ୍ ବର୍ତ୍ତମାନ କେଉଁ ନାମରେ ପରିଚିତ ?

୮ । ଭାରତୀୟ ଇତିହାସରେ କିଏ ମହାରାଜାଧିରାଜ ଭାବରେ ପରିଚିତ ?

୯ । ଭାରତୀୟ ଅଲିମ୍ପିକ୍ ସଂଘ (Indian Olympic Association)ର ପ୍ରଥମ ସଭାପତିଙ୍କର ନାମ କ'ଣ ?

୧୦ । 'ଓଁକାର ଧ୍ୱନି' ପୁସ୍ତକର ରଚୟିତା କିଏ ?

ଦୁର୍ଗାପୁର, ଭାୟା-ତାଳଚେର, ଅନୁଗୁଳ- ୭୫୯୧୦୦

(ଉତ୍ତର ୨୫ ପୃଷ୍ଠାରେ)

ଶ୍ରୀ ରାଜକିଶୋର ପାଢ଼ୀ

କାଦୁଅରୁ ହେଲି ଜନମ ବୋଲି ମୁଁ
ମନ କରୁନାହିଁ ଜମା ଊଣା
ଦୂର ଆକଶର ଜହ୍ନକୁ ଚାହିଁଲେ
ମନ ଖୁସି ହୁଏ ବହୁଗୁଣା ।
ପାଖୁଡ଼ାରେ ମୋର ପଙ୍କର ଛିଟା
କେଉଁଠି ଟିକିଏ ଲାଗିନାହିଁ ।
ଭଲପାଇବାର ଧିଆନ ମୋ'ର
ଟିକିଏ ହେଲେ ବି ଭାଙ୍ଗିନାହିଁ ।
ଅପନ୍ତରା ଗାଁ ପଚରା ଗାଡ଼ିଆ
ଜନମ ଭୂଇଁ ମୋ ଜଣାଅଛି
ତଥାପି ଗୋଟିଏ ନିରମଳ ଦିନ
ପାରୁଛି ଖୁସିରେ ମୁଁ ବଞ୍ଚି ।
ହାଲୁକା ମିଠା ସେ ବାସନା ଟିକିଏ
ପାଖୁଡ଼ାରେ ମୋର ଅଛି ପୂରି
ମହୁମାଛିମାନେ ଅଧୀର ହେଇ ଯା'
ପାଖକୁ ଆସନ୍ତି ଘୂରି ଘୂରି ।
ପାହିଯିବ ରାତି ଆସିବ ସକାଳ
ଝାଉଁଳିଯିବି ମୁଁ ଧୀରେ ଧୀରେ
ଦେଖୁଛ କି ମୋତେ ଯାଉଛ ଯେ ପଥେ
ଏଇ ଗାଡ଼ିଆର ତୀରେ ତୀରେ ।
ଦେଖ କି ନ ଦେଖ ମୋ ମନ ନୟନ
ଲୟ ଲଗାଇଛି ଯା'ଠାରେ
ସେଥିରୁ ଟିକିଏ ଓଲମ ବିଲମ
ହେବିନାହିଁ ମୁଁ ଭାବନାରେ ।
ଫୁଲଟିଏ ମୁଁ ନାଆଁ ମୋ କଅଣ
ତମେ ସବୁ ଜାଣି ସାରିବଣି
କେତୋଟି ପାଖୁଡ଼ା ଅଛି ମୋ' ଠାରେ
କୁହ ଏବେ ତୁମେ ଗଣି ଗଣି ।

କୋଟପୁର, ଯାଜପୁର- ୭୫୫୦୦୮

ଶିକ୍ଷକ–କୌଣସି ମାନ୍ୟଗଣ୍ୟ ବ୍ୟକ୍ତି ଚୌକିରେ ବସିଥିଲେ ତୁମେ କେଉଁଠି ବସିବ ?
ଛାତ୍ର– ତଳେ, ଆଜ୍ଞା ।
ଶିକ୍ଷକ– ସେ ଯଦି ତଳେ ବସିଥାନ୍ତି ?
ଛାତ୍ର– (ଟିକିଏ ଭାବି) ମୁଁ ସେଇଠି ଶୋଇପଡ଼ିବି ।

–ଶ୍ରୀ ମନୋଜ କୁମାର

ଅନେକ ଦିନ ପରେ ଶ୍ୟାମକୁ ଦେଖି ତା ସାଙ୍ଗ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ତୋ ହାତ ଆଙ୍ଗୁଠି କେମିତି କଟିଲା ?''
–''ମୁଁ ଘୋଡ଼ାର କେତେଟା ଦାନ୍ତ ଅଛି ଦେଖିବାକୁ ତା' ପାଟିରେ ହାତ ପୂରାଇଥିଲି । ସେ ପାଟି ବନ୍ଦ କରିଦେଲା ମୋର କେତେଟା ଆଙ୍ଗୁଠି ଅଛି ଦେଖିବାକୁ ।''

–ସସ୍ମିତା ସ୍ୱାଇଁ

ବୁଦ୍ଧି ପରୀକ୍ଷା

ଶ୍ରୀ ସହଦେବ ସାହୁ

୧ । ଦୁଧେଇ ନଈକୂଳରେ ଚାରୋଟି ଠାକୁରାଣୀ ମନ୍ଦିର ଅଛି । ବେଢ଼ା ଭିତରେ ମନ୍ଦାର ଗଛଗୁଡ଼ିଏ ଅଛି । ଦିନେ ମୁଁ ନଈରେ ଗାଧୋଇ ସାରି ବେଢ଼ା ଭିତରୁ କିଛି ଫୁଲ ଧରି ପ୍ରଥମ ମନ୍ଦିରକୁ ଗଲି । ମନ୍ଦିରରେ ପ୍ରବେଶ କଲା ମାତ୍ରେ ମୋ ହାତରେ ଫୁଲର ସଂଖ୍ୟା ଦୁଇଗୁଣ ହୋଇଗଲା । ପ୍ରଥମ ଠାକୁରାଣୀଙ୍କୁ ୧୬ଟି ଫୁଲ ଦେଇ ଅବଶିଷ୍ଟତକ ଘେନି ଦ୍ୱିତୀୟ ମନ୍ଦିରକୁ ଗଲି । ସେଠାରେ ମଧ୍ୟ ସେହିପରି ଫୁଲସଂଖ୍ୟା ଦୁଇଗୁଣ ହୋଇଗଲା ଏବଂ ମୁଁ ୧୬ଟି ଫୁଲ ଚଢ଼ାଇଲି । ଏହି ରୀତିରେ ମୁଁ ପ୍ରତ୍ୟେକ ମନ୍ଦରକୁ ଗଲି । ଚତୁର୍ଥ ମନ୍ଦିରକୁ ଫେରି ଆସିବା ବେଳେ ଦେଖିଲି ମୋ ହାତରେ ଆଉ ଫୁଲ ନାହିଁ । ପ୍ରଥମେ ମୁଁ କେତୋଟି ଫୁଲ ଘେନି ପ୍ରଥମ ମନ୍ଦିରରେ ପ୍ରବେଶ କରିଥିଲି ?

୨ । ଓଡ଼ିଆ ସାହିତ୍ୟରେ ଶବ୍ଦସଜ୍ଜାରେ ବୁଦ୍ଧି ଚାଳନା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏହି କାରଣରୁ ବହୁତ ଢଗଢମାଳି ଦୁର୍ବୋଧ ହୋଇ ରହିଯାଇଛି । ନିମ୍ନରେ ଗୋଟିଏ ଦିଆଗଲା ! ତା'ର ମର୍ମ କ'ଣ କହିପାରିବେ କି ?

''ଘର ଚାରିପଟେ ସହସ୍ର ଜଳା
ମୁହଁ ମାରିଦେଇ ଲେଉଟି ପଳା ।''

୩ । ନିମ୍ନରେ କେତେଗୁଡ଼ିଏ ସାଧାରଣ ପ୍ରଶ୍ନ ଦିଆ-ଯାଇଛି । ସାମାନ୍ୟ ବୁଦ୍ଧି ଖର୍ଚ୍ଚ କଲେ ଆପଣ ଉତ୍ତର କରିପାରିବେ । ଚେଷ୍ଟା କରି ଦେଖନ୍ତୁ ତ ?

କ) ଯେତେ ବଡ଼ ପଣ୍ଡିତ ହେଲେ ମଧ୍ୟ ଭାଷାକୋଷର କେଉଁ ଶବ୍ଦଟିକୁ ଭୁଲ ଉଚ୍ଚାରଣ କରେ ?

ଖ) କେବେ ନଥିଲା କିମ୍ବା କେବେ ନୋହିବ– ଏପରି କ'ଣ ଅଛି ?

ଗ) ଜଣେ ଲୋକ ତା'ର ବିଧବା ପତ୍ନୀର ଭଉଣୀକୁ ବିବାହ କରିପାରେ କି ?

୪ । ଗୋଟିଏ କାଗଜରେ '୧' ଠାରୁ '୨୦' ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକ ଲେଖିସାରି ନିମ୍ନସ୍ଥ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

କ) ପଞ୍ଚମ ମୌଳିକ ସଂଖ୍ୟାଟି କେତେ ?

ଖ) ୧୧ ଓ ୧୯ ଠିକ ମଝିରେ ଥିବା ସଂଖ୍ୟାଟି କେତେ ?

ଗ) ପ୍ରଥମ ଓ ଶେଷ ମୌଳିକ ସଂଖ୍ୟା ଦୁଇଟିର ସମଷ୍ଟି କେତେ ?

(ଉତ୍ତର ୩୮ ପୃଷ୍ଠାରେ)

ଶବ୍ଦସନ୍ଧାନ--

ମଝି ଘରେ ଏମିତି ଗୋଟିଏ ଦୁଇ ଅକ୍ଷରବିଶିଷ୍ଟ ଶବ୍ଦ ଲେଖନ୍ତୁ, ଯାହାକୁ ଦିଆଯାଇଥିବା ପ୍ରତ୍ୟେକର ଆଗରେ ଲଗାଇଲେ ଆଉ ଗୋଟିଏ ଅର୍ଥପ୍ରକାଶକ ଶବ୍ଦ ହୋଇପାରିବ ଓ ଏହି ଶବ୍ଦଗୁଡ଼ିକର ଅର୍ଥ ବୁଝିବାକୁ ଯତ୍ନବାନ ହୁଅନ୍ତୁ ।

--**ସୁଭଦ୍ରା ବେହେରା,** *ଭଗତପୁର, କଟକ-୯*

(ଉତ୍ତର ୩୪ ପୃଷ୍ଠାରେ)

ଚାରି ପଇସା ଆୟର ଉପଯୋଗ

ଶ୍ରୀ ନଗେନ୍ଦ୍ରନାଥ ପଟ୍ଟନାୟକ

ଏକଦା ସଂଜବେଳେ ଜଣେ ରାଜା ନିଜର ସୈନ୍ୟବାହିନୀ ଆଗରେ କିମ୍ବା ପଛରେ ନ ଆସି ଏକୁଟିଆ ଶିକାରରୁ ଫେରୁଥିଲେ । ସେତିକିବେଳେ ସେ ଦେଖିଲେ କାଠୁରିଆଟିଏ କାଠ ହାଣୁଛି ଓ ତଲ୍ଲୀନ ହୋଇ ଗୀତ ବୋଲୁଛି । ଟିକିଏ କଥାଭାଷା ଭିତରେ ରାଜା ତାକୁ ପଚାରିଲେ, "ତୁମର ଆୟ କେତେ ଆଉ ସେଥିରେ କେମିତି ପରିବାର ଚଳାଉଛ ?" କାଠୁରିଆ ଉତ୍ତରଦେଲା, "ମହାରାଜ ! ମୁଁ ଚାରି ପଇସା ନିତି କମାଉଛି ଆଉ ତହିଁରୁ ଗୋଟିଏ ପଇସା କୂଅରେ ଫିଙ୍ଗିଦେଉଛି, ଦ୍ୱିତୀୟ ପଇସାଟିରେ କରଜ ଶୁଝୁଛି, ତୃତୀୟ ପଇସାଟିକୁ ଉଧାର ଦେଉଛି ଏବଂ ସବା ଶେଷ, ଅର୍ଥାତ୍ ଚତୁର୍ଥ ମୁଦ୍ରାଟି ତଳେ ପୋତିଦେଉଛି ।"

ନିଜ କମାଣିର ଉପଯୋଗ ଏମିତି ବାଗରେ କରିବା କଥାକୁ ରାଜା ଜମା ବୁଝିପାରିଲେନି । ତେବେ କଥାଟି ବଢ଼ିବା ଆଗରୁ ସେନାପତି ନିଜର ସୈନ୍ୟବାହିନୀ ସହିତ ରାଜାଙ୍କୁ ଖୋଜୁ ଖୋଜୁ ରାଜାଙ୍କ ନିକଟତର ହୋଇଗଲେ । ଶେଷରେ ସେ ନିଜର ଫୌଜଙ୍କ ସାଙ୍ଗରେ ନିଜ ରାଜ୍ୟକୁ ଫେରିଆସିଲେ ।

ନିଜର ଆୟକୁ କାଠୁରିଆଜଣକ ଖର୍ଚ୍ଚ କରିବା କଥାର ଉଦ୍ଦେଶ୍ୟ କ'ଣ, ତାଙ୍କୁ ବୁଝେଇବାକୁ ରାଜା ତା' ଆରଦିନ ନିଜର କର୍ମଚାରୀଙ୍କୁ ଆଦେଶ ଦେଲେ । ହେଲେ କୌଣସି ଜଣେ ରାଜକର୍ମଚାରୀଙ୍କ ଉତ୍ତର ରାଜାଙ୍କୁ ସନ୍ତୁଷ୍ଟ କରିପାରିଲାନି । ତା'ପରେ ରାଜା କାଠୁରିଆକୁ ତାଙ୍କ ସମ୍ମୁଖରେ ହାଜର କରିବାକୁ ସୈନ୍ୟବାହିନୀକୁ ପଠାଇଲେ । ନିଜର ଆୟ ଚାରିଗୋଟି ପଇସାକୁ ସେ କିଭଳି ଭାବେ ଉପଯୋଗ କରନ୍ତି, ତାହା ବିସ୍ତୃତ ଭାବେ ବୁଝାଇବାକୁ କହିବାରୁ, କାଠୁରିଆ କହିଲା– "ମହାରାଜ ! ପ୍ରଥମ ପଇସାଟିକୁ କୂଅ ଭିତରେ ଫିଙ୍ଗିଦେବାର ଅର୍ଥ– ନିଜ ପରିବାରର ଭରଣପୋଷଣ କାମରେ ଲଗାଇବା, ଦ୍ୱିତୀୟ ପଇସାରେ ମୁଁ କରଜ ଶୁଝିଛିର ତାତ୍ପର୍ଯ୍ୟ ହେଉଛି, ମୋ ମାତାପିତା ଯିଏ ମୋତେ ଜନ୍ମ ଦେଇ ଏଡୁଟିଏ କରିବାରେ ନିଜ ରକ୍ତକୁ ପାଣି କରିଛନ୍ତି, ସେମାନଙ୍କ ବୃଦ୍ଧାବସ୍ଥାଜନିତ ସବୁ ସମସ୍ୟାକୁ ଦୂର କରିବା କାମରେ ପଇସାଟି ଲାଗିଥାଏ । ତୃତୀୟ ପଇସାକୁ ନେଇ ଉଧାର ଦେଇଥାଏ, ଅର୍ଥାତ୍ ନିଜର ପିଲାପିଲିଙ୍କୁ ଉଚିତ ଶିକ୍ଷାଦୀକ୍ଷା କାମରେ ଲଗାଇଥାଏ । ବାକି ରହିଲା ଶେଷ ଅର୍ଥାତ୍ ଚତୁର୍ଥ ମୁଦ୍ରାଟି, ଯାହାକୁ ମାଟିତଳେ ପୋତି ଦେଇଥାଏ, ମାନେ ଧର୍ମ ତଥା ସମାଜ– ଯେଉଁଠି ମୋର ଯୋଗଦାନର ଆବଶ୍ୟକତା ରହିଛି, ସେହି ସ୍ଥାନରେ ଉପଯୋଗ କରିଥାଏ ।

କାଠୁରିଆ ନିଜ ଆୟକୁ କିଭଳି ଭାଗ ଭାଗ କରି ଉପଯୋଗ କରୁଥିଲା, ତାର ସମ୍ପୂର୍ଣ୍ଣ ଉତ୍ତର ଶୁଣି ରାଜା ଓ ତାଙ୍କ କର୍ମଚାରୀମାନେ ବେଶ୍ ପ୍ରଭାବିତ ହେଲେ । ଶେଷରେ ପର୍ଯ୍ୟାପ୍ତ ପୁରସ୍କାର ରାଶି ସହିତ ସମ୍ମାନ ଦେଇ ରାଜା ସେଇ କାଠୁରିଆକୁ ବିଦାୟଦେଲେ ।

ଜିଲ୍ଲା କୋଷାଧ୍ୟକ୍ଷ ଅଧିକାରୀ, ପୁରୀ

ବୁଢ଼ା ମାଙ୍କଡ଼

କାଳିକିଙ୍କର

ବୈଶାଖ ମାସ ଖରା ଦେହକୁ ବହୁତ ଲାଗୁଥାଏ । ସେହି ଖରାବେଳେ ଗଛର ଏକ ଡାଳରେ ବସିଥାଏ ବୁଢ଼ା ମାଙ୍କଡ଼ । ବୟସ ବହୁତ ହୋଇଯାଇଥିବାରୁ ସେ ଆଉ ଏଆଡ଼େ ସେଆଡ଼େ ଯାଉନାହିଁ । ଏହି ତା ଜନ୍ମକାଳର ବରଗଛ କୋଳକୁ ସେ ଫେରିଆସିଛି । ଏଇଠି ସେ ମରିବ ବୋଲି ସିଦ୍ଧାନ୍ତ ନେଇଛି । ଏଣୁ ତାର ସ୍ତ୍ରୀ, ପୁଅ, ଝିଅ ଯେତେ କରି କହିଲେ ମଧ୍ୟ ବୁଢ଼ା ମାଙ୍କଡ଼ ଯିବାକୁ ମଙ୍ଗୁନାହିଁ ।

ବୁଢ଼ାମାଙ୍କଡ଼ କହେ, "ଆରେ ଜନ୍ମମାଟି, ଜନ୍ମଭୂଇଁ କେତେ ଆପଣାର, ତୁମେ ସବୁ କେମିତି ବୁଝିବ ? ତୁମେ ସବୁ ଆଜିର ଦୁନିଆରେ କେବଳ ଆପଣା ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଦୌଡ଼ ଲଗାଇଛ । କେବେ ଦେଖିଛ ଯେ ଏଇ ମାଟିର କେତେ ଦୁର୍ଦ୍ଦଶା ହେଉଛି ଦିନକୁ ଦିନ । ଗଛଲତା ଲୋକେ କାଟୁଛନ୍ତି ବେଶି, ଲଗାଉଛନ୍ତି କମ୍ । ବଣଜଙ୍ଗଲର ଅଭାବରେ ଆମର ଅନେକ ପଶୁପକ୍ଷୀ ନିଶ୍ଚିହ୍ନ ହୋଇଗଲେଣି । କେହି ବୁଝିଲେ ନାହିଁ ମାତୃଭୂମିର ମହତ୍ତ୍ୱ ।

ମୁଁ ଏହି ଖରାବେଳେ ମାଆ ଗର୍ଭରୁ ଖସିପଡ଼ିଥିଲି । ସେତେବେଳେ ମୋ ମାଉସୀମାନେ ମୋତେ ଟେକି ଧରିଥିଲେ । ମୁଁ ଭୂଇଁରେ ନ ପଡ଼ି ସେମାନଙ୍କର କୋଳରେ ପତ୍ର ବିଛଣାରେ ପଡ଼ିଲି । ସେମାନେ ମୋର ବହୁତ ଯତ୍ନନେଲେ । ମୁଁ ଏହି ବରଗଛର ଏ ଡାଳରୁ ସେ ଡାଳକୁ ଡେଇଁଲି । ଦେହକୁ ଟାଣ କଲି । ମାଆ ଦିନ କେଇଟାରେ ସୁସ୍ଥ ହୋଇ ବାହାରକୁ ଗଲେ । ମୋତେ ମାଉସୀ ଜଣେ ଜଣେ ଜଗିଲେ ।

ଏ ବରଗଛ ବର୍ଷସାରା ପତ୍ରର ସବୁଜିମାରେ ଭରି ରହିଥାଏ । ଏଣୁ ଆମେ ଏଇଠି ରହୁ । ଏ ବରଗଛ ଡାଳରେ ଶାଗୁଣା ମଉସା ଓ ଶାଗୁଣା ମାଉସୀ ରହୁଥିଲେ । ଦିନେ ମଣିଷ ଦେଇଥିବା କେଉଁ ବିଷାକ୍ତ ଖାଦ୍ୟ ଖାଇ ସେମାନେ ଆସିଲେ ଯେ ଏଇଠି ପଡ଼ି ମରିଗଲେ । କେତେ ଦୁଃଖ ଲାଗିଲା ଆମ ସମସ୍ତଙ୍କୁ । ମୋତେ ସେ ମଉସାମାଉସୀ ବହୁତ ଭଲପାଉଥିଲେ । ଆଉ କେବେ ଏ ବିଶାଳ ପୃଥିବୀରେ ମୁଁ ଶାଗୁଣା ଦେଖୁନାହିଁ ।

ସେମିତି ଏ ଗଛର ଡାଳରେ ବର୍ଷସାରା ବିଭିନ୍ନ ଜାଗାରୁ ଅନେକ ପକ୍ଷୀ ଆସନ୍ତି । ରାତ୍ରିଯାପନ କରନ୍ତି । ବଣ ମୂଷାମାନେ ମଧ୍ୟ ରହୁଥିଲେ । ତେବେ ଦିନେ ସେ ଅଜଗର କୁଆଡ଼େ ଥିଲା ଆସିଲା ଯେ ମୂଷାମାନେ ପ୍ରାଣ ବିକଳରେ ପଳାଇଗଲେ । ସେ ଏକାଠି ରହିବ କହୁଥିଲା; କିନ୍ତୁ ଶୁଆ ମାଉସୀ ଯାଇ ମଣିଷଙ୍କୁ କହିଦେଲେ । ସେମାନେ ଦିନେ ଆସି ଜାଲରେ ବାନ୍ଧି ତାକୁ କୁଆଡ଼େ ଚିଡ଼ିଆଖାନାକୁ ନେଇଗଲେ ।

ଏ ବରଗଛ ବହୁତ ଆପଣାର । ସେ କାହାକୁ କିଛି କହେ ନାହିଁ । ହାତୀ ଓ ଅନ୍ୟ ପଶୁଙ୍କୁ ପତ୍ର ଖାଇବାକୁ ଦିଏ । ପକ୍ଷୀମାନଙ୍କୁ ତା'ର ପାଚିଲା ଫଳ ଖାଇବାକୁ ଦିଏ । ଆମେ ବହୁତ ଆନନ୍ଦରେ ଏହି ବରଗଛରେ

ରାତିରେ ରହୁ ଆଉ ସକାଳ ହେଲେ ଖାଦ୍ୟ ଅନ୍ୱେଷଣରେ ବାହାରିଯାଉ ।

ମୁଁ ଆଜି ବୁଢ଼ା ହୋଇଛି । ପିଲାଟି ଦିନରୁ ମୁଁ ବହୁତ ପରିଶ୍ରମ କରି ମୋର ଦଳ ଗଢ଼ିଛି । ସମସ୍ତଙ୍କୁ ସାଥିରେ ରହିବାକୁ ଶିଖାଇଛି । ଦରକାରବେଳେ ପରସ୍ପରକୁ ସାହାଯ୍ୟ କରିବାକୁ କହିଛି । କାହା ଦେହରେ ସାମାନ୍ୟ ପୋକ ହେଲେ ଆମେ ମିଶି ତାକୁ ବାହାର କରିନେଉ । ଗଛ ହିଁ ଆମର ଜନ-କର୍ମର ସ୍ଥଳ । ଏହା ଆମର ଅତି ଆପଣାର । ମୁଁ ଏଣୁ ଏ ଗଛ ଛାଡ଼ିଯିବି ନାହିଁ । ଏଇଠି ମରିବି ।" କହିଲା ବୁଢ଼ା ମାଙ୍କଡ଼ ।

ହଠାତ୍ ପାଗ ବଦଳିଗଲା । ଜଙ୍ଗଲ କଟାଯିବା ଦିନରୁ ଏମିତି ବେଳେବେଳେ ଝଲସାଏ ପବନ ଉଗ୍ରରୂପ ଧରି ମାଡ଼ିଆସେ । ବୁଢ଼ା ମାଙ୍କଡ଼ ହୁମ୍ ହୁମ୍ ଶବ୍ଦ କରି ସମସ୍ତଙ୍କୁ ଚେତେଇଦିଏ । ନିଜ ବରଗଛର ମୋଟା ଡାଳକୁ ଜାବୁଡ଼ି ଧରେ । ତା'ପରେ କିଛି ସମୟ ପରେ ପବନ ପଳାଇଯାଏ । ସବୁଆଡ଼ ସମାନ ହୋଇଯାଏ ।

ସେଦିନ ସେମିତି ଖରାବେଳେ ଏକ ଭୟଙ୍କର କାଳବୈଶାଖୀ ପବନ ମାଡ଼ିଆସିଲା । ନିମିଷକରେ ବହୁ ବର୍ଷର ସେହି ପୁରୁଣା ବରଗଛକୁ ଉପାଡ଼ିଦେଲା । ଅବଶ୍ୟ ବହୁ ସମୟ ସେ ବୁଢ଼ା ଗଛଟି ପବନ ସହ ଦେଶର ସରହଦ୍‌ରେ ବୀର ସୈନିକ ଯୁଦ୍ଧ କଲାପରି ଯୁଦ୍ଧକଲା; କିନ୍ତୁ ପବନ ବହୁତ ଭୟଙ୍କର ଥିଲା । ଶେଷରେ ସେ ଗଛକୁ ଉପାଡ଼ିଦେଲା ।

ଏମିତି କିଛି ସମୟ ଧରି ପବନ ତା'ର ତାଣ୍ଡବଲୀଳା ଦେଖାଇଲା । ତା'ପରେ ଶାନ୍ତ ହେଲା ପରିବେଶ । ଅନ୍ୟ ମାଙ୍କଡ଼ମାନେ ପବନ ଥମିଲା ପରେ ସେ ଗଛ ପାଖକୁ ଆସିଲେ । ମଣିଷମାନେ ମଧ୍ୟ ଆସିଲେ ।

ଗଛର ଏକ ଡାଳକୁ ଜାବୁଡ଼ି ଧରିଥାଏ ବୁଢ଼ା ମାଙ୍କଡ଼ । କପାଳରୁ ତାର ରକ୍ତ ଝର ଝର ବୋହୁଥାଏ । ଗଛର ଅନ୍ୟ ଏକ ଡାଳ ଆସି ତା' କପାଳରେ ବାଜୁଥାଏ । ସେ କିନ୍ତୁ ସେ ସ୍ଥାନରୁ ପଳାଉ ନ ଥାଏ । ଆପଣାର ପ୍ରିୟ ଜନ୍ମସ୍ଥଳରେ ସେ ଶେଷନିଃଶ୍ୱାସ ତ୍ୟାଗ କଲା ।

ମାଙ୍କଡ଼ମାନେ ସେହି ବୁଢ଼ା ମାଙ୍କଡ଼କୁ ଘେରି ରହିଥିଲେ । ଅନେକ ଜାତିର ପକ୍ଷୀ ଆକାଶରେ ମାଳ ମାଳ ହେଇ ଉଡ଼ି ସେହି ମହାନ୍ ଆତ୍ମାକୁ ଶେଷ ସମ୍ମାନ ଜଣାଉଥିଲେ ।

ମଣିଷମାନେ ଦୂରରେ ଠିଆ ହୋଇ ଆପଣା ଭିତରେ ମାତୃଭୂମି ପ୍ରତି ମାଙ୍କଡ଼ ପଶୁର ଭଲପାଇବାକୁ ଅନୁଭବ କରୁଥିଲେ ।

ସୌଭାଗିନୀ, ରଚିଲୋ, ରେଂଚ, ପୁରୀ-୭୫୨୧୧୪

ସାଧାରଣଜ୍ଞାନ ପରୀକ୍ଷାର ଉତ୍ତର

୧) ମଦନମୋହନ ମାଳବ୍ୟ, ୨) ଗୁଜୁରାଟ, ୩) ଦିମିତର୍ (Demeter), ୪) କୋଲ୍‌କତାର ଇଣ୍ଡିଆନ୍ ମ୍ୟୁଜିଅମ୍, ୫) ଆର୍ସେନାଲ ଏଫ.ସି, ୬) ବିଶ୍ୱନାଥନ୍ ଆନନ୍ଦ, ୭) ପୁରୁଣା ଦିଲ୍ଲୀ, ୮) ପ୍ରଥମ ଚନ୍ଦ୍ରଗୁପ୍ତ, ୯) ଦୋରାବ୍‌ଜୀ ଟାଟା, ୧୦) ରାମଚନ୍ଦ୍ର ବେହେରା

ମହିମାନ୍ୱିତ ପୀଠ ଶନି ସିଗ୍‌ନାପୁର

ଡକ୍ଟର ଜ୍ୟୋତିର୍ମୟୀ ମହାନ୍ତି

ଆରବ ସାଗରର ଉତ୍ତାଳ ଲହରୀମାଳା ପାଦ ଧୋଉଥବା ମହାରାଷ୍ଟ୍ର ରାଜ୍ୟକୁ ଆମ ଦେଶର ବାଣିଜ୍ୟ ରାଜଧାନୀ ବୋଲି କୁହାଯାଏ । କାରଣ ବହୁ ବଡ଼ ବଡ଼ ଶିଳ୍ପ ଏ ରାଜ୍ୟରେ ମୁଣ୍ଡ ଟେକି ଉଠିଛି । କେବଳ ଶିଳ୍ପ ନୁହେଁ, ବହୁ ସୁନ୍ଦର ସୁନ୍ଦର ଦର୍ଶନୀୟ ସ୍ଥାନ ଓ ଆଧ୍ୟାତ୍ମିକ ପୀଠର ସମାରୋହ ଏ ରାଜ୍ୟଟି ।

ଏ ରାଜ୍ୟର ଅହମଦ୍‌ନଗର ଜିଲ୍ଲାର ଏକ କ୍ଷୁଦ୍ର ଗାଁ ହେଉଛି ସିଗ୍‌ନାପୁର । ଏହି ଗ୍ରାମଟି ଠାକୁର ଶ୍ରୀଶନିଦେବଙ୍କ ମନ୍ଦିର ପାଇଁ ପ୍ରସିଦ୍ଧି ଲାଭ କରିଛି । ଏହି ଗ୍ରାମଠାରୁ ପ୍ରାୟ ସତୁରି କିଲୋମିଟର ଦୂରରେ ଅବସ୍ଥିତ ଶ୍ରୀଶ୍ରୀସାଇନାଥଙ୍କ ପବିତ୍ର ଧାମ ଶିରିଡ଼ି । ଏହାର ପାଖାପାଖି ଅନେକଗୁଡ଼ିଏ ଦର୍ଶନୀୟ ସ୍ଥାନ ଥିବାରୁ ଆମ ଦେଶର କୋଣଅନୁକୋଣରୁ ବହୁ ପର୍ଯ୍ୟଟକ ଶନିଦେବଙ୍କ ଦର୍ଶନ ଲାଗି ସିଗ୍‌ନାପୁରକୁ ଆସିଥାଆନ୍ତି ।

କଥିତ ଅଛି ଯେ ଏଠାରେ ଶ୍ରୀଶନିଦେବଙ୍କ ମନ୍ଦିର ମନକୁ ମନ ଉତ୍ପନ୍ନ ହୋଇଥିଲା । ଶନିଦେବଙ୍କ ଏହି ବିଗ୍ରହଟି ହେଉଛି ପାଞ୍ଚଫୁଟ ନଅ ଇଞ୍ଚ ଲମ୍ବ ଓ ଏକଫୁଟ ଛଅ ଇଞ୍ଚ ଓସାରର ଏକ କଳାରଙ୍ଗର ପଥରଖଣ୍ଡ । ଏହି ବିଗ୍ରହଟି ତିନି ଫୁଟ ଉଚ୍ଚ ଏକ ବେଦି ଉପରେ ଖୋଲା ଆକାଶ ତଳେ ଉପବେଶନ କରିଛନ୍ତି ।

ଏଠାକାର ପୂଜା ପଦ୍ଧତିରେ ଦେଖାଯାଏ ଏକ ବଡ଼ ବ୍ୟତିକ୍ରମ । ଅନ୍ୟ ମନ୍ଦିର ପରି ଶ୍ରୀଶନିଦେବଙ୍କୁ ପୂଜା କରିବାକୁ କେହି ନିର୍ଦ୍ଦିଷ୍ଟ ପୂଜକ ନାହାନ୍ତି କି ତାଙ୍କ ପାଇଁ କୌଣସି ମନ୍ଦିର ନାହିଁ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ପୃଥିବୀବାସୀ ଶନିଦେବଙ୍କୁ ନିଜେ ନିଜେ ପୂଜା କରିପାରିବେ ଓ ଅର୍ପଣ କରିପାରିବେ ନିଜ ହୃଦୟର ଭକ୍ତିନୈବେଦ୍ୟ । ମୁକ୍ତ ଆକାଶ ତଳେ ଉପବେଶନ କରିଥିବା ଶ୍ରୀଶନିଦେବ ସମସ୍ତଙ୍କର ଦେବତା । ଏପରି ପୂଜାପଦ୍ଧତି ଅନ୍ୟ କୌଣସିଠାରେ ପରିଦୃଷ୍ଟ ହୁଏନାହିଁ ।

ଆଉ ଏକ ବିଚିତ୍ର ଘଟଣା ପରିଦୃଷ୍ଟ ହୁଏ ଏହି ସିଗ୍‌ନାପୁର ଗ୍ରାମରେ । ଏଠାରେ ଥିବା ସମସ୍ତ ଘରର ନିରାପତ୍ତା ପାଇଁ ଘରେ କବାଟ ନାହିଁ କି ତାଲା ବି ନାହିଁ । ଏପରିକି କୌଣସି ଦୋକାନରେ ମଧ୍ୟ କବାଟ ନାହିଁ । ଟଙ୍କାପଇସା ରହୁଥିବା ବାକ୍ସରେ ବି ତାଲା ପଡ଼େନାହିଁ । ଯଦି କୌଣସି ବ୍ୟକ୍ତି ଏହି ନିୟମକୁ ଅମାନ୍ୟ କରି ତା’ ଘରେ କବାଟ ଲଗାଏ କି ତାଲା ପକାଏ, ସାଙ୍ଗେ ସାଙ୍ଗେ ସେ ତାର ପ୍ରତିଫଳ ଏପରି ପାଏ ଯେ ଅନ୍ୟ କେହି ଭବିଷ୍ୟତରେ ଏ କାମ କରିବାକୁ ସାହସ କରିବେ ନାହିଁ ଯେପରି ।



ସିଗ୍ନାପୁର ଗ୍ରାମର କବାଟ କି ତାଲା ନ ଥିବା ଘର ।

କୁକୁର ବା ଅନ୍ୟ କୌଣସି ଜୀବଜନ୍ତୁଙ୍କ କବଳରୁ ଘରଗୁଡ଼ିକୁ ରକ୍ଷା କରିବାକୁ ଲୋକମାନେ ବାଉଁଶର ତାଟ ବା ଅନ୍ୟ କୌଣସି ବାଡ଼ ଲଗାଇଥାଆନ୍ତି; ମାତ୍ର ତାଲା ପଡ଼େନାହିଁ ସେଥିରେ । ଏହା ଶନିଦେବଙ୍କର ଏକପ୍ରକାର ନିର୍ଦ୍ଦେଶ କହିଲେ ଚଳେ । ସେ ନିଜେ ତ ଏକ ଖୋଲାବେଦି ଉପରେ ବର୍ଷ ବର୍ଷ ଧରି ଖରା, କାକର, ଶୀତ ସବୁ ସହି ଉପବେଶନ କରିଛନ୍ତି, ତାଙ୍କ ମୁଣ୍ଡ ଉପରେ ଛାତ ନାହିଁ । ତା'ହେଲେ କ'ଣ ଆବଶ୍ୟକ ଲୋକମାନଙ୍କର ତାଲାର, କବାଟର, ଭକ୍ତ ଓ ଶ୍ରଦ୍ଧାଳୁମାନେ ତାଙ୍କ ମୁଣ୍ଡ ଉପରେ ଛାତ ନିର୍ମାଣ ପାଇଁ ଚେଷ୍ଟା କରିଥିଲେ । ମାତ୍ର ସବୁ ବୃଥା ହେଲା, ଶନିଦେବ ଚାହିଁଲେ ନାହିଁ ।

ଅଛନ୍ତି ଭଗବାନ ଶ୍ରୀଶନିଦେବ; ଅଥଚ ନାହିଁ ତାଙ୍କର ଅନ୍ୟ ଦେବାଦେବୀଙ୍କ ପରି ଭବ୍ୟ ମନ୍ଦିର । ମନ୍ଦିର ସିନା ନାହିଁ, ହେଲେ ଅଛି ବେଶ୍ ଏକ ପ୍ରଶସ୍ତ ହତା । ହତା ମଧ୍ୟରେ ଅନ୍ୟ ଦେବାଦେବୀଙ୍କ ମନ୍ଦିର ସହ ଭକ୍ତଶ୍ରେଷ୍ଠ ହନୁମାନଜୀ, ନବଗ୍ରହଙ୍କ ମୂର୍ତ୍ତି ଓ ଶନିଦେବଙ୍କ ରଥ ରହିଛି । ଭକ୍ତମାନେ ଶନିଦେବଙ୍କ ପୂଜା ପରେ ହତା ମଧ୍ୟରେ ବୁଲି ଅନ୍ୟ ଦେବାଦେବୀମାନଙ୍କୁ ଦର୍ଶନ କରନ୍ତି ।

ଆହୁରି ଏକ ପରମ ଆଶ୍ଚର୍ଯ୍ୟର ଘଟଣା ହେଲା ଯେ ଶନିଦେବଙ୍କ ବିଗ୍ରହର ଉତ୍ତରକୁ ଏକ ପୁରୁଣା ବିରାଟ ନିମବୃକ୍ଷ ଅଛି । କେବେ ଯଦି ଏହାର ଶାଖା ବଢ଼ି ଶନିଦେବଙ୍କ ବିଗ୍ରହ ଉପରେ ଛାଇ ପଡ଼େ, ତା'ହେଲେ ଏହି ଶାଖାଟି ମନକୁ ମନ ଭାଙ୍ଗିପଡ଼େ । ଶନିଦେବ ଚାହାନ୍ତି ନାହିଁ କାହାର ଛାଇ ତାଙ୍କ ଉପରେ ପଡୁ । ଏହା ଏକ ବିଚିତ୍ର ଘଟଣା ନୁହେଁ କି ?

ଏଠାରେ ଶନିଦେବଙ୍କ ଦର୍ଶନ ଓ ପୂଜା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ । ଭକ୍ତମାନେ ଯେ କୌଣସି ସମୟରେ ଦର୍ଶନ ଓ ପୂଜା କରିପାରିବେ । ବାହାରୁ ଆସୁଥିବା ଭକ୍ତମାନଙ୍କୁ ଗ୍ରାମବାସୀମାନେ ବେଶ୍ ସାହାଯ୍ୟ କରନ୍ତି । ଅନ୍ୟ ମନ୍ଦିର ପରି ଏଠାରେ ଧାଡ଼ି ନାହିଁ; ମାତ୍ର ସ୍ତ୍ରୀଲୋକମାନେ ବେଦି ଉପରକୁ ନ ଯାଇ ତଳେ ଦର୍ଶନ କରନ୍ତି । ପୁରୁଷମାନେ ଅତ୍ୟନ୍ତ ପବିତ୍ର ଭାବେ ପରିଷ୍କାର ହୋଇ ବିଗ୍ରହ ଉପରେ ପାଣି ଓ ତେଲ ଢାଳିପାରିବେ । ମାତ୍ର ଏବେ ରକ୍ଷଣାବେକ୍ଷଣର ସୁବିଧା ଦୃଷ୍ଟିରୁ ଭକ୍ତମାନଙ୍କୁ ଶନିଦେବଙ୍କ ବିଗ୍ରହ ପାଖକୁ ଛଡ଼ା ଯାଉନାହିଁ । ଭକ୍ତମାନେ ପୂଜା ଦୋକାନରୁ ନେଉଥିବା ରାଶିତେଲକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଢାଳିଦିଅନ୍ତି, ଯାହାକି ଏକ ପାଇପ୍ ଲାଇନ୍ ଦ୍ୱାରା ଶନିଦେବଙ୍କ ମସ୍ତକ ଉପରେ ଢାଳି ହୋଇ ପଡୁଥିବା ଦୃଷ୍ଟିଗୋଚର ହୁଏ ।

ଭକ୍ତିରେ ନଇଁପଡ଼େ ଭକ୍ତର ମନ । ପୂଜାସାମଗ୍ରୀ ମଧ୍ୟରେ ଏକ ଡାଲାରେ ରାଶିତେଲ ସହ ବିଭିନ୍ନ ଫୁଲ, ପତ୍ର ଏବଂ ଏକ ପିତ୍ତଳ ପାତିଆରେ ଶନିଦେବଙ୍କ କଳସ, ନବଗ୍ରହଙ୍କ ଚିତ୍ର ଓ ଛୋଟ କଳାର କପଡ଼ାରେ ସିଲେଇ ଏକ ମୂର୍ତ୍ତି, ଯାହାକୁ କୁହାଯାଏ ଯମ ଇତ୍ୟାଦି ରହିଥାଏ । ପୂଜା ପରେ ଏହି ଦ୍ରବ୍ୟଗୁଡ଼ିକୁ ଭକ୍ତମାନେ ଘରକୁ ଆଣନ୍ତି । କୁହାଯାଏ, ଏହାକୁ ସବୁ ଭକ୍ତିଭରେ ଘରେ ରଖି ପୂଜା କଲେ ଶନିଦେବଙ୍କ ମହାଦଶାରୁ ମଣିଷ ମୁକ୍ତି ପାଇଥାଏ । ଯମଙ୍କର ସେ କପଡ଼ା ମୂର୍ତ୍ତିକୁ ଓଲଟାଇ ରଖିଲେ ଦୁଃଖ ଦୂର ହୁଏ ବୋଲି କୁହାଯାଏ ।

ଶନିଦେବଙ୍କ କୋପ ଓ ଶନି ଦଶାକୁ ସମସ୍ତଙ୍କର ଭୟ । ତେଣୁ ସେଥିରୁ ରକ୍ଷା ପାଇବା ଲାଗି ଏହି ପ୍ରତ୍ୟକ୍ଷ ଦେବତା ଶନିଦେବଙ୍କ ଉପରେ ଲୋକଙ୍କ ଅଗାଧ ବିଶ୍ୱାସ । ଏଠାରେ ଚିରକାଳରୁ ପ୍ରଚଳିତ ଥିବା କେବଳ ପୁରୁଷଭକ୍ତ ପୂଜା କରିବାର ପରମ୍ପରା ପରିବର୍ତ୍ତିତ ହୋଇଛି । ମହିଳାମାନେ ବେଦି ଉପରେ ଚଢ଼ି ପୂଜା କରିପାରିବେ ବୋଲି ନିଷ୍ପତ୍ତି ହୋଇଛି ଏବଂ ଏବେ ମହିଳା ଭକ୍ତମାନେ ପୂଜା କରିପାରୁଛନ୍ତି ।

ଅଛନ୍ତି ଶନିଦେବତା, ହେଲେ ନାହିଁ ତାଙ୍କର ମନ୍ଦିର । ଗଛ ଅଛି, ହେଲେ ନାହିଁ ତାହାର ଛାଇ । ଘର ଅଛି, ହେଲେ ନାହିଁ ତାହାର କବାଟ, ତାଲା । ସବୁ ତ ଠିକ୍ ଚାଲିଛି । ଏହା ହିଁ ତ ଏ ପୀଠର ଅଲୌକିକତା, ଶ୍ରୀଶନିଦେବଙ୍କ ମହିମା ! ତାଙ୍କରି ମହିମା ହିଁ ଆକର୍ଷିତ କରିଆଣେ ଦେଶ ତଥା ଦେଶ ବାହାରୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ । ବାସ୍ତବିକ୍ ଏକ ମହିମାମୟ ଜୀବନ୍ତ ପୀଠ ଅଟେ ଏହି ସିଗ୍ନାପୁର ସ୍ଥାନଟି ।

ଜୟ ଶନିଦେବ !

ବାଗସାହି, ଜଗତସିଂହପୁର



ଛାଇ ନିଦ ଲାଗିଗଲା

ଶ୍ରୀ ସନ୍ତୋଷ କୁମାର ପଣ୍ଡା

ଛାଇ ନିଦ ଲାଗିଗଲା ପଢ଼ିଥିଲି ଶୋଇ
ମେଜ ପରେ ବହି ମେଳେ ମୁଣ୍ଡ ମୋର ଥୋଇ
ପାଦ ଆଗକୁ ବଢ଼ିଲା,
ଆଶଙ୍କା-ଅନ୍ଧାର ମନେ ଶିଖର ଚଢ଼ିଲା ।୧।
ଚାଲିଥିଲି ଜନହୀନ ବନ୍ଧୁର ପଥରେ
ବରଫ ବହଳ ଦେହ ହିମାଳୟ ପରେ
ଲକ୍ଷ୍ୟ ବିହୀନ ଭାବରେ,
ଅରୁଚି, ଅନଳ ମନେ ପ୍ରୀତି ଅଭାବରେ ।୨।
କପାଳରେ ଉକୁଟଇ ସ୍ୱେଦ ବିନ୍ଦୁ ବିନ୍ଦୁ
କଳା ବାଦଲରେ ଢଙ୍କା ମନ-ପୂର୍ଣ୍ଣଇନ୍ଦୁ
ଘୋର ସଂସାର ଜଞ୍ଜାଳ,
ବିଷ ଭଳି ଲାଗୁଥିଲା ଅତୀବ ପ୍ରାଞ୍ଜଳ ।୩।
କଷାୟ ବାସରେ ଜଣେ ସୁଠାମ ଯୁବକ
ସମ୍ମୁଖେ ମୋ ଚାଲିଗଲେ ଠୁମକ ଠୁମକ
ସ୍ମିତ ଅଧର ମୁଲକ,
ତନୁ-ବଲ୍ଲରୀରେ ଝରା ଅମିୟ ପୁଲକ ।୪।
ଅଟକି ସେ ହାତଠାରି ପାଖକୁ ଡାକିଲେ
ସାଥେ ତାଙ୍କ ଗମିବାକୁ ଆଖିରେ କହିଲେ

ଏକ ପୋଷା ପଶୁ ପରି,
ଆଶ୍ରମେ ଥାପିଲି ପାଦ ତାଙ୍କୁ ଅନୁସରି ।୫।
ତୃଷା ମୋର ମେଣ୍ଟିଗଲା ଶୀତଳ ଜଳରେ
କ୍ଷୁଧା ନିବାରଣ ହେଲା ସୁମିଷ୍ଟ ଫଳରେ
ପେନ୍ଥି ଫୁଲର ମେଳଣ,
ପ୍ରାଣମୟତା ବିଞ୍ଚିଲା ମନ୍ଦ ସମୀରଣ ।୬।
ଲତାକୁଞ୍ଜୀ ଗହଳରୁ ପକ୍ଷୀର କାକଳି
ସଜ-ସୁଖ-ଶିହରଣ ଭାବର ଦେହଳୀ
ବେଦ ଝଙ୍କାର ତୋଳିଲା
ଆଶ୍ରମ ପ୍ରାଙ୍ଗଣେ ନୂଆ ଜୀବନ ଖେଳିଲା ।୭।
ସମ୍ମୁଖେ ମୋ ଉପବେଶି ସାଧକ-ଯୁବକ
ବଚନେ ଭରିଲେ ଅବା ପୀୟୂଷ-ପୁଲକ
ହସ୍ତ ଥାପନ୍ତେ ବକ୍ଷରେ
ଚମକ ଖେଳିଲା ମୋର ଶରୀର-କକ୍ଷରେ ।୮।
ଶଯ୍ୟାତ୍ୟାଗ ଉପରାନ୍ତେ ଆସନ ସଜାଇ
ମୁଦ୍ରିତ ନୟନେ ଦେଇ ମନକୁ ମଜାଇ
କ୍ଷଣେ ଚିନ୍ତିବ ଈଶ୍ୱର
ଶକ୍ତିଦାନ କର ଆହେ ବିହାରୀ-ବିଶ୍ୱର ।୯।
କୃତଜ୍ଞତା-ଭାବଧାରା ଝରାଇ ମନରେ
ପ୍ରକୃତି ନିରେଖି ଦେଖ ତୃତୀୟ ନେତ୍ରରେ
ପକ୍ଷୀ ତୋଳୁଛି କାକଳି
ବାଳ ଅର୍କେ ପୁଷ୍ପ ଅବା ଜାଳଇ ଦୀପାଳି ।୧୦।
ସ୍ନାନାନ୍ତେ ନୟନ ଦେଖୁ ଉଚ୍ଚାଙ୍ଗ ସାହିତ୍ୟ
ସମାଧି ଲଭିବ ମନେ ଅଳନ୍ଧୁ-ଅସତ୍ୟ
ସୁସ୍ଥ-ସରାଗ ଚେଇଁବ,
ଜୀବନ-ସମରେ ଶକ୍ତି ଶିଖର ଛୁଇଁବ ।୧୧।
ସବୁଜ ପତ୍ର ପରିବା ଭୋଜନ ପତରେ
ପ୍ରସ୍ତୁତ ହୋଇ ସେ ଥାଉ ନରମ ପାକରେ
ବିଭୁ ଅର୍ପଣ ସରନ୍ତେ,
ଥାପିବ ଅଗ୍ରଣୀ ବାଦ ଝଲସା ଦିଗନ୍ତେ ।୧୨।

ଅବଶ୍ୟ ଏକାଗ୍ର ଚିତ୍ତେ କର୍ମରେ ଲାଗିବ
ବିଯୁକ୍ତ ଭାବନା ଯେତେ ଅନଳେ ଝାସିବ
ବିଶ୍ୱ କରତା ପାଦରେ
କର୍ମକୁ ସମର୍ପି ଦିଅ ଉଲ୍ଲାସ ମନରେ ।୧୩।
ମନ୍ତ୍ରଟିଏ ମନ ତଳେ ହେଉ ଜପାମାଳି
ଜାଳୁଥାଉ ଅହରହ ଅଖଣ୍ଡ ଦୀପାଳି
କାର୍ଯ୍ୟ ପ୍ରାରମ୍ଭ ଆଗରୁ
ନୀରବରେ ମନ୍ତ୍ରଜପ-ବାସି କାମ ସରୁ ।୧୪।
ବନ୍ଧୁ ଭଳି ବନ୍ଧୁଟିଏ ନିଅ ଆପଣାଇ
ତାଙ୍କ ପାଶେ ଦିଅ ଦୁଃଖ-ଦୁଆର ଫିଟାଇ
ଶାନ୍ତି କରିବ ବରଣ,
ଜୀବନ ଲାଗିବ ନାହିଁ ଜୀବନ୍ତ-ମରଣ ।୧୫।
ବିଛଣା ଧରିବା ଆଗୁ ବିଭୁଙ୍କୁ ସ୍ମରଣ
ଜାଗ୍ରତେ ବି ଆଚରିବ ନୀରବ ଚିନ୍ତନ
ବ୍ରାହ୍ମ ମୁହୂର୍ତ୍ତେ ଜାଗିବ,
ଉକ୍ତ ଦିନ ପାଇଁ ଶୁଭ ଯାଚନା କରିବ ।୧୬।

× × × × × ×

ହଠାତ୍ ଭାଜିଲା ନିଦ୍ରା ଜାଗ୍ରତେ ହେଜିଲି
ବହି କୋଳେ ମଥା ରଖି ଶୋଇ ପଡ଼ିଥିଲି
(ସ୍ୱପ୍ନ ଦେଖୁଥିଲି)
କାହିଁ କେଉଁଠି ଶ୍ରମଣ
ଫୁଲର ସମ୍ଭାରେ ଭରା ଆଶ୍ରମ ପ୍ରାଙ୍ଗଣ !!! ।୧୭।
ଦେଖିଲି ବସିଛି ମୁହିଁ ଚଉକି ଉପରେ
ଲେଖନୀ ପଡ଼ିଛି ଖସି ଅନତି ଦୂରରେ
ସୁସ୍ଥ ସତେଜ ଲାଗିଲା,
ଗୋଲାପ ଗଣ୍ଡରେ କିବା ଶିଶିର ହସିଲା ।୧୮।

ଇଂରାଜୀ ବିଭାଗ, ବାଲିକୁଦା ମହାବିଦ୍ୟାଳୟ,
ଜଗତସିଂହପୁର- ୭୫୪୧୦୩

ଭଗବାନ ହିଁ ଭିକ୍ଷାଦାତା

ଶ୍ରୀ ଜଗନ୍ନାଥ ପଣ୍ଡା

ଗାଁ ମାଇନର ସ୍କୁଲରେ ପିଅନ ଥିଲା ମୁନା ରାଉତ । ଯେତିକି ଦରମା ମିଳୁଥିଲା, ସେତିକିରେ ଦୁଃଖେକଷ୍ଟେ ଚଳି ଯାଉଥିଲା । କିନ୍ତୁ ଚାକିରିରୁ ଅବସର ନେବା ପରେ ତାର ଦୁଃଖଯାତନା ବହୁତ ବଢ଼ିଗଲା । ଦୁଇ ପୁଅ, ଦୁଇଝିଅ ସାଙ୍ଗକୁ ରୋଗିଣୀ ସ୍ତ୍ରୀ । ଜମିବାଡ଼ି ଦଶବାର ଗୁଣ୍ଠ । ପେନ୍‌ସନ୍ କେତେ ବା ମିଳିଲା । ପୁଅ ଦି'ଝିଅ ରୋଜଗାରକ୍ଷମ ନୁହନ୍ତି । ଯେତିକି ପେନ୍‌ସନ୍ ମିଳିଲା, ସେତିକିରେ ରୋଗୀଣୀ ସ୍ତ୍ରୀ ପଛରେ ଔଷଧରୁ ବେଶି ଖର୍ଚ୍ଚ ହୋଇଯାଉଥାଏ । ପୁଅଝିଅଙ୍କୁ ପ୍ୟାଣ୍ଟ, ସାର୍ଟ ବି ଦେଇ ପାରୁ ନ ଥାଏ ମୁନା ରାଉତ । କ'ଣ କରିବ କିଛି ବୁଝି ପାରୁ ନ ଥାଏ । ମୁଣ୍ଡରେ ହାତ ଦେଇ ଗୁମ୍ ମାରି ଘଣ୍ଟା ଘଣ୍ଟା ବସିଯାଉଥାଏ ।

ଦିନେ ଗାଁ ମହାଜନ ଜଟା ସାହୁ ପାଖକୁ ଯିବାକୁ ଚାହିଁଲା । ତା' ପାଖରେ କିଛି କାମ କରିବ, ନ ହେଲେ କିଛି ଟଙ୍କା କରଜ କରିବ– ଏହି କଥା ଭାବି ମୁନା ଜଟା ସାହୁ ପାଖକୁ ଯବା ପାଇଁ ସ୍ଥିର କଲା ।

ସେଦିନ ସକାଳୁ ସକାଳୁ ସେ ଯାଇ ପହଞ୍ଚିଲା ଜଟା ସାହୁ ଘର ଫାଟକ ପାଖରେ । ଜଗୁଆଳିକୁ ବହୁତ କାକୁତି ମିନତି ହୋଇ ଭିତରକୁ ଯିବାକୁ କହିଲା । ସମୟ ଦେଖି ଜଗୁଆଳି ଲୋକମାନଙ୍କୁ ମହାଜନଙ୍କୁ ଦେଖା କରିବାକୁ ଛାଡୁଥାଏ । ଯାହାହେଉ ଘଣ୍ଟେ ଦି'ଘଣ୍ଟା ପରେ ମୁନାର ପାଳି ପଡ଼ିଲା । ଯେଉଁ ଘରେ ମହାଜନ ଆସି ଲୋକମାନଙ୍କୁ ଦେଖା କରନ୍ତି, ସେଇ ଘରେ ସେ ଯାଇ ନୀରବରେ ବସିଲା । ବସି ବସି ଅଣ୍ଟା ବିନ୍ଧିଲା ପଛେ ମହାଜନଙ୍କର ଦେଖାନାହିଁ । ସେ ଏଥର ଫେରି ଆସିବାକୁ ଭାବିଲା । ଆସିଲାବେଳେ ତା ନାକରେ ବାଜିଲା ବଢ଼ିଆ ଧୂପର ବାସ୍ନା ଆଉ ଗୁଣୁଗୁଣୁ ଶବ୍ଦ । ମୁନା ସାବଧାନତାର ସହିତ ଉଙ୍କିମାରି ଦେଖିଲା ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପାଖରେ ହସ ହସ ମୁହଁରେ ଠିଆ ହୋଇଥାଏ ମହାଜନ । ହାତ ଯୋଡ଼ି କହୁଥାଏ, "ହେ ପ୍ରଭୁ! ମତେ ଶକ୍ତି ଦିଅନ୍ତୁ । ଯାହା ଆପଣ ଦେଇଛନ୍ତି । ତା'ର ସତ୍ ବିନିଯୋଗ କରିପାରେ । ଧନରତ୍ନ ଆପଣଙ୍କର, ମୋତେ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ।''

ମୁନା ରାଉତ ଛପି ଛପି ଏ ସବୁ କଥା ଶୁଣି ଭାବିଲା, "ଜଟା ସାହୁ ଯେଉଁ ଠାକୁରଙ୍କୁ ଭିକ୍ଷା ମାଗୁଛି, ମୁଁ କାହିଁକି ତାଙ୍କୁ ମାଗି ନ ପାରିବି ?" ସେ ଘର ଭିତରୁ ବାହାରିଆସି ପହଞ୍ଚିଲା ଫାଟକ ପାଖରେ । ଜଗୁଆଳି ପଚାରିଲା, "କ'ଣ କାମ ହୋଇଗଲା ?" ମୁନା ରାଉତ କହିଲା, "ହଁ, ଯା' ହବାର ଥିଲା ସେଇଆ ହେଲା ।"

ଘରକୁ ଆସି ମୁନା ଠାକୁର ଘରେ ଶ୍ରୀକୃଷ୍ଣଙ୍କ ଫଟୋ ପାଖରେ ମୁଣ୍ଡିଆ ମାରି କ'ଣ ସବୁ ଗୁଣୁଗୁଣୁ ହୋଇ କହିଲା ।

ଦୁଇ ତିନି ଦିନ ପରେ ସୁନା ଗାଁ ସ୍କୁଲ ପାଖରେ ଗୋଟିଏ ଫଳ ଦୋକାନ ଆରମ୍ଭ କରିଦେଲା । ଗାଁ'ରୁ ବଜାର ଟିକିଏ ଦୂର । ତେଣୁ ତା'ର ଫଳ ବ୍ୟବସାୟ ଭଲ ଚାଲିଲା । ତା' ଛଡ଼ା ତାର ଆଚାରବ୍ୟବହାର ଖୁବ୍ ଭଦ୍ର । ଗରାଖମାନଙ୍କ ସହିତ ହସ ହସ ବ୍ୟବହାର ଆଉ ଉଚିତ୍ ମୂଲ୍ୟ ତା'ର ବ୍ୟବସାୟକୁ ବଢ଼ାଇଦେଲା । ଦି'ଟା ଯାକ ପୁଅ ବି ବାପାଙ୍କୁ ଫଳ ବ୍ୟବସାୟରେ ସାହାଯ୍ୟ କଲେ । ଦିନ କେତେଟା ଭିତରେ ମୁନା ରାଉତର ହସ ହସ ମୁଖ ସମସ୍ତେ ଦେଖିବାକୁ ପାଇଲେ ।

ବାସ୍ତବିକ୍ ଭଗବାନ ଭିକ୍ଷାଦାତା । ଯିଏ ଯାହା ମାଗିଲେ, ଈଶ୍ୱର ତା'ର ଉପଯୁକ୍ତ ବ୍ୟବହାର ଦେଖି ଦାନ କରନ୍ତି । ଖାଲି ବସି ବସି ମାଗିଲେ ଈଶ୍ୱର ସାହାଯ୍ୟ କରିବେ ନାହିଁ । ସେଥିପାଇଁ ପରିଶ୍ରମ କରିବାକୁ ପଡ଼େ । ତା'ହେଲେ ଯାଇ ଈଶ୍ୱରଙ୍କର ହସ୍ତ ପ୍ରସାରିତ ହୁଏ । ତାଙ୍କୁ ପୂଜା କରି ଯାହା ଭିକ୍ଷା କରିବ, ସେ ଭକ୍ତର ମନ ଜାଣି ସେହିପରି ଭିକ୍ଷା ଦାନ କରିବେ ।

ସରପଦା, ଭଣ୍ଡାରୀ ପୋଖରୀ, ଭଦ୍ରକ

ଶିଶୁକୁ ନ ଭାବ ଶିଶୁଟିଏ

ଶିଶୁକୁ ନ ଭାବ ହାଲ୍‌କାଟିଏ
– ସେ ତ ଜଳନ୍ତା ଉଲ୍‌କାଟିଏ
ଗନ୍ଧବାରୁଦ ଖଣିଟିଏ ସେ ତ
କାଳୀୟ ମଥାର ମଣିଟିଏ
କୃଷ୍ଣପଦର ସ୍ପର୍ଶ ଚାହେଁ
ଶିଶୁକୁ ନ ଭାବ ଶିଶୁଟିଏ ।

--ସ୍ୱାମୀ ଜୟଦେବ ଭାରତୀ, *ଆଶ୍ରମ ଶାନ୍ତିଧାମ- ଧଣ୍ଡାମୁଣ୍ଡା ବଲାଙ୍ଗୀର- ୭୬୭୦୨୮*

ମୃତ୍ୟୁ ପରେ ବି ଲଢ଼ିଥିଲେ

କଥାଟି ସ୍ପେନ୍‌ରେ ଘଟିଥିଲା । ଏଲ୍ ସିଦ୍ ରୁ ଡ୍ୟାଜ୍ (EL Cid Rwy Diaz) ଥିଲେ ସ୍ପେନ୍‌ର ବିଖ୍ୟାତ ବୀର । ତାଙ୍କର ମୃତ୍ୟୁ ହେଲା । ତାଙ୍କର ବିଧବା ପତ୍ନୀ ସ୍ୱାମୀଙ୍କ ଶବକୁ ବାମପଟେ ଏକପାଖିଆ କରି ସେମିତି ସଜେଇ ରଖିଥା'ନ୍ତି । ଘୋଡ଼ା ଉପରେ ଯେମିତି ସେ ବସିଥିଲେ, ସେଇ ଅବସ୍ଥାରେ ଶବଟି ରହିଥାଏ ।

ଏଣେ ମୁରମାନେ ଯୁଦ୍ଧ କରିବାକୁ ବସିଲେ । ସେବେଳର ରାଜା ବୁକାର(Bucar) ସେନା ଚଳେଇଲେ । ସାଙ୍ଗରେ ଥାଏ ବୀର ଡ୍ୟାଜ୍‌ଙ୍କ ସେ ଅଶ୍ୱାରୋହୀ ଶବ । ସୈନ୍ୟମାନେ ଏ ମହାବୀର ସେମାନଙ୍କ ପାଖରେ ଅଛନ୍ତି ଭାବି ଅସୀମ ସାହସରେ ପ୍ରବଳ ଯୁଦ୍ଧରେ ମାତିଗଲେ । ସେ ଯୁଦ୍ଧରେ ସ୍ପେନ୍‌ର ଏକ ଐତିହାସିକ ବିଜୟ ଘଟିଲା ।

ଡ. ଶୁଭେଂଦ୍ରମୋହନ ଶ୍ରୀଚଂଦନ ସିଂହ,
ଯଦୁମଣିପାଟଣା, ରେଢ଼ାଖୋଲ, ସମ୍ବଲପୁର-୭୬୮୧୦୬

ପୋଲିଓ

ଡାକ୍ତର ସଚ୍ଚିଦାନନ୍ଦ ଶତପଥୀ

ପୋଲିଓ ରୋଗକୁ ଡାକ୍ତରୀ ଭାଷାରେ କୁହାଯାଏ 'ପୋଲିଓ ମାଇଲାଇଟିସ୍' । ଏହା ଏକ ଭୂତାଣୁଜନିତ ସଂକ୍ରାମକ ରୋଗ । ସାଧାରଣତଃ ତିନି ପ୍ରକାରର ପୋଲିଓ ଭୂତାଣୁ ଦେଖାଯାଇଥାନ୍ତି । ସେଗୁଡ଼ିକ ହେଲେ– ଟାଇପ୍-୧, ଟାଇପ୍-୨ ଓ ଟାଇପ୍-୩ । ଆମ ଭାରତରେ ଓ ଓଡ଼ିଶାରେ ବିଶେଷ କରି ଟାଇପ୍-୧ ଭୂତାଣୁ ଦ୍ୱାରା ହିଁ ପୋଲିଓ ରୋଗ ହୋଇଥାଏ ।

ପୃଥିବୀରେ ପୋଲିଓ ରୋଗ ଗ୍ରୀଷ୍ମମଣ୍ଡଳୀୟ ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବେଶୀ ଦେଖାଯାଇଥାଏ । ଭାରତବର୍ଷରେ, ବିଶେଷ କରି ଆମ ଓଡ଼ିଶାରେ ଏହାର ପ୍ରାବଲ୍ୟ ଅଧିକ । ସାଧାରଣତଃ ବର୍ଷା ଋତୁରେ ଅର୍ଥାତ୍ ଜୁନ୍‌ଠାରୁ ସେପ୍ଟେମ୍ବର ମାସ ଭିତରେ ଏହି ରୋଗ ବିଶେଷ ଭାବରେ ଦେଖାଯାଇଥାଏ ।

କାହାକୁ ହୁଏ ?– କେବଳ ପିଲାମାନଙ୍କୁ ହିଁ ଏହି ରୋଗ ହୋଇଥାଏ । ଆମ ଭାରତରେ ୬ମାସରୁ ୩ ବର୍ଷର ପିଲାମାନେ ସାଧାରଣତଃ ପ୍ରଥମଥର ପାଇଁ ଏହାର ଶିକାର ହୋଇଥାନ୍ତି । ତେବେ ଦଶ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ଏହା ହେବାର ସମ୍ଭାବନା ରହିଥାଏ ।

କେମିତି ବ୍ୟାପେ ?– ଜଣେ ରୋଗୀଠାରୁ ହିଁ ଆଉଜଣଙ୍କୁ ଏହି ରୋଗ ସଂକ୍ରମିତ ହୋଇଥାଏ । ପୋଲିଓ ରୋଗର ଭୂତାଣୁ ମୁଖ୍ୟତଃ ରୋଗୀର ଅନ୍ତନାଳୀ ଭିତରେ ରହିଥାନ୍ତି ଓ ମଳ ବାଟେ ବାହାରକୁ ବାହାରିଥାନ୍ତି । ଥରେ ବାହାରକୁ ବାହାରିବା ପରେ ସେଗୁଡ଼ିକ ଖାଦ୍ୟ ଓ ଜଳକୁ ସଂକ୍ରମିତ କରିଥାନ୍ତି । ଏହିପରି ସଂକ୍ରମିତ ଖାଦ୍ୟ ଓ ଜଳକୁ ଗ୍ରହଣ କଲେ ଏହି ଭୂତାଣୁ ପେଟ ଭିତରକୁ ଯାଇ ରୋଗ ସୃଷ୍ଟି କରିଥାନ୍ତି । ଠିକ୍ ସେମିତି ଝାଡ଼ା ଯିବା ପରେ ସେହି ହାତର ଆଙ୍ଗୁଠିକୁ ପାଟିରେ ଲଗାଇଲେ ଏହି ଭୂତାଣୁ ସଂକ୍ରମିତ ହୋଇଥାଏ । ବେଳେବେଳେ ରୋଗର ଉତ୍କଟ ଅବସ୍ଥାରେ କେତେକ ଭୂତାଣୁ ରୋଗୀର ତଣ୍ଟି ପାଖରେ ରହିଥାନ୍ତି । ସେପରି ଅବସ୍ଥାରେ ରୋଗୀ କାଶିଲେ କିମ୍ବା ଛିଙ୍କିଲେ ବାୟୁ ଦ୍ୱାରା ମଧ୍ୟ ଏହା ସଂକ୍ରମିତ ହୋଇଥାଏ । ତେବେ ଏପରି ସଂକ୍ରମଣ ଖୁବ୍ କମ୍ ହୋଇଥାଏ ।

ପୋଲିଓ ଭୂତାଣୁ ଥରେ ଶରୀରକୁ ପ୍ରବେଶ କଲେ ତଣ୍ଟିରେ, ଅନ୍ତନାଳୀ ଭିତରେ ଓ ଲସିକା ଗ୍ରନ୍ଥିମାନଙ୍କରେ ଆସ୍ଥାନ ଜମେଇ ନିଜର ବଂଶବୃଦ୍ଧି କରିଥାନ୍ତି । ତା'ପରେ ରକ୍ତସ୍ରୋତ ମାଧ୍ୟମରେ ଓ ସ୍ନାୟୁ ମାଧ୍ୟମରେ ଯାଇ ମସ୍ତିଷ୍କରେ ରହିଥିବା କେନ୍ଦ୍ରୀୟ ସ୍ନାୟୁମଣ୍ଡଳରେ ବିଭିନ୍ନ ଅଂଶରେ ପହଞ୍ଚିଯାଆନ୍ତି ଏବଂ ସ୍ନାୟୁସବୁକୁ ନଷ୍ଟ କରିଦେବାକୁ ଚେଷ୍ଟା କରନ୍ତି । ଯେଉଁ ସ୍ନାୟୁ ଏହାଦ୍ୱାରା ନଷ୍ଟ ହୋଇଯାଏ, ସେଇ ସ୍ନାୟୁ ଶରୀରର ଯେଉଁ ଅଂଶକୁ କାର୍ଯ୍ୟକ୍ଷମ କରାଉଥାଏ, ତାହା ପକ୍ଷାଘାତ ବା ପାରାଲିସିସ୍ ଦ୍ୱାରା ଆକ୍ରାନ୍ତ ହୋଇଥାଏ । ଫଳରେ ରୋଗୀ ବିକଳାଙ୍ଗ ହୋଇଯାଏ ।

ଥରେ ପୋଲିଓ ରୋଗ ଆକ୍ରମଣ କଲେ ସମସ୍ତଙ୍କ ଠାରେ ଯେ ରୋଗର ଲକ୍ଷଣ ପ୍ରକାଶ ପାଇବ ବା ସମସ୍ତଙ୍କୁ ଯେ ପକ୍ଷାଘାତ ହୋଇଯିବ, ତାହା ନୁହେଁ । ଭୂତାଣୁ ଆକ୍ରମଣ କରିବା ପରେ ଶତକଡ଼ା ପ୍ରାୟ ୯୫ ଭାଗ ରୋଗୀଙ୍କ ଠାରେ ଏହା କୌଣସି ଲକ୍ଷଣ ପ୍ରକାଶ କରେ ନାହିଁ । ଆଉ କେତେକଙ୍କଠାରେ ଏହା କେତେକ ଅନିର୍ଦ୍ଦିଷ୍ଟ ଲକ୍ଷଣ ପ୍ରକାଶ କରିଥାଏ । କେତେକଙ୍କୁ ଥଣ୍ଡା, ସର୍ଦ୍ଦି ଆଦି ଲାଗିରହେ । ଆଉ କେତେକଙ୍କୁ ଇନ୍‌ଫ୍ଲୁଏନ୍‌ଜା ପରି ଜ୍ୱର

ହୁଏ । ପୁଣି କେତେକଙ୍କୁ ଅଇ, ବାନ୍ତି, ତରଳ ଝାଡ଼ା କିମ୍ବା କୋଷ୍ଠକାଠିନ୍ୟ ଆଦି ହୁଏ । ପୋଲିଓ ଋତୁରେ କୌଣସି ପିଲା ଦେହରେ ଏହିସବୁ ଲକ୍ଷଣ ଦେଖାଦେଲେ ତାହାକୁ ପୋଲିଓ ରୋଗ ହୋଇଥାଇପାରେ ବୋଲି ସନ୍ଦେହ କରାଯାଏ । ଶତକଡ଼ା ପ୍ରାୟ ୩ ଭାଗ ରୋଗୀଙ୍କଠାରେ ଏହିପରି ଲକ୍ଷଣ ପ୍ରକାଶ ପାଇଥାଏ । ଶତକଡ଼ା ଏକ ଭାଗ ପିଲାଙ୍କୁ ଅଣପକ୍ଷାଘାତ ଜନିତ ପୋଲିଓ ଲକ୍ଷଣ ସବୁ ପ୍ରକାଶ ପାଇଥାଏ । ଏଥିରେ ମସ୍ତିଷ୍କର ଆବରଣ ପରଦାରେ ପ୍ରଦାହ ସୃଷ୍ଟି ହୋଇ ମେନିଞ୍ଜାଇଟିସ୍ ରୋଗର ଭ୍ରମ ସୃଷ୍ଟି କରିଥାଏ । ୭/୮ ଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିଶ୍ରାମ ତଥା ଲାକ୍ଷଣିକ ଚିକିତ୍ସା କରିଦେଲେ ଏହା ଭଲ ହୋଇଯାଏ ।

ଶତକଡ଼ା ଆଉ ଏକ ଭାଗ ପିଲାଙ୍କୁ ପକ୍ଷାଘାତ-ଜନିତ ପୋଲିଓ ରୋଗ ହୋଇଥାଏ । ଏଥିରେ ପ୍ରଥମେ ଥଣ୍ଡା ଜ୍ୱର ଆଦି ହୋଇ କିଛି ଦିନ ପରେ ମାଂସପେଶୀ ସବୁ ଦୁର୍ବଳ ହୋଇଯାଏ ଏବଂ ୮-୧୦ ଦିନ ଭିତରେ ସେଗୁଡ଼ିକ ପକ୍ଷାଘାତ ଦ୍ୱାରା ଆକ୍ରାନ୍ତ ହୁଏ । ପ୍ରଭାବିତ ମାଂସପେଶୀ ଅନୁସାରେ ହାତ କେଣ୍ଟା ହୋଇଯାଏ କିମ୍ବା ଗୋଡ଼ ଛୋଟା ହୋଇଯାଏ । ବେଳେବେଳେ ଶ୍ୱାସ-କ୍ରିୟାରେ ସାହାଯ୍ୟ କରୁଥିବା ମାଂସପେଶୀ ମଧ୍ୟ ପକ୍ଷାଘାତଗ୍ରସ୍ତ ହୋଇଯାଏ ଓ ପିଲା ଶ୍ୱାସକ୍ରିୟା ସମ୍ପାଦନ କରିବା ସମ୍ଭବ ହୁଏନାହିଁ । ଏପରି ସ୍ଥଳେ ପିଲାର ଅକାଳରେ ମୃତ୍ୟୁ ହୋଇଯାଏ । ଟନ୍‌ସିଲ୍ ଅପରେସନ୍ ପରେ ପୋଲିଓ ରୋଗ ଆକ୍ରମଣ କଲେ ପ୍ରାୟତଃ ଏପରି ହୋଇଥାଏ । ତେଣୁ ପୋଲିଓ ରୋଗ ସନ୍ଦେହ ହେବା ମାତ୍ରେ କୌଣସି ଅପରେସନ୍ କିମ୍ବା ଇଂଜେକ୍‌ସନ ଦେବା ଉଚିତ ନୁହେଁ ।

ପୁଣି ବେଳେବେଳେ ପୋଲିଓ ଯୋଗୁଁ ଏନ୍-କେଫାଲାଇଟିସ୍ ପରି ରୋଗ ହୋଇ ମଧ୍ୟ ପିଲାକୁ ମୃତ୍ୟୁମୁଖକୁ ଟାଣି ନେଇଥାଏ ।

ରୋଗର ଲକ୍ଷଣରୁ ହିଁ କେବଳ ପୋଲିଓ ରୋଗକୁ ଚିହ୍ନାଯାଇଥାଏ । ତେବେ ବିଶେଷ ଧରଣର ମଳ ପରୀକ୍ଷାରୁ ଏବଂ ତଣ୍ଟି ମୂଳେ ଲାଗିଥିବା ଲାଳ ପରୀକ୍ଷାରୁ ମଧ୍ୟ ଭୂତାଣୁ ରହିଥିବାର ପ୍ରମାଣ ମିଳିଥାଏ ।

ପୋଲିଓ ପାଇଁ ଆଜି ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ପଦ୍ଧତି ଉଦ୍‌ଭାବିତ ହୋଇନାହିଁ । ଉତ୍ତମ ଶୁଶ୍ରୂଷା ଓ ଲାକ୍ଷଣିକ ଚିକିତ୍ସା ହିଁ ଏଥିପାଇଁ ଆବଶ୍ୟକ ହୋଇଥାଏ । ତେଣୁ–

✧ ରୋଗୀକୁ ସମ୍ପୂର୍ଣ୍ଣ ବିଶ୍ରାମ ଦିଅ । ✧ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଖାଇବାକୁ ଦିଅ । ✧ ରୋଗୀକୁ ଆଶ୍ୱାସନା ଦିଅ ଓ ତା' ମନରେ ବିଶ୍ୱାସ ଜନ୍ମାଅ । ✧ ଜ୍ୱର ପାଇଁ ପାରାସିଟାମଲ୍ ବଟିକା ଉପଯୁକ୍ତ ମାତ୍ରାରେ ଦିଅ । ✧ ରୋଗୀକୁ କୌଣସି ପ୍ରକାର ଇଂଜେକ୍‌ସନ୍ ଦିଅ ନାହିଁ କିମ୍ବା ଛୋଟକାଟିଆ କୌଣସି ଅପରେସନ୍ କରନାହିଁ । ✧ ପକ୍ଷାଘାତ ହେଲେ ଉପଯୁକ୍ତ ବ୍ୟାୟାମ୍ ଚିକିତ୍ସାର ବ୍ୟବସ୍ଥା କର । ✧ ବିକଳାଙ୍ଗ ହୋଇଥିଲେ ଆଜିକାଲି ଉପଲବ୍ଧ ହେଉଥିବା ବିଶେଷ ଧରଣର ପ୍ଲାଷ୍ଟିକ୍ ସର୍ଜରୀର ସୁବିଧା ନିଅ । ଏଇ ପ୍ରକାର ଚିକିତ୍ସା ବିକଳାଙ୍ଗ ଅଂଶକୁ କିଛି ପରିମାଣରେ ସଂଶୋଧନ କରିପାରିଥାଏ ।

ଲକ୍ଷଣବିହୀନ, ଲାକ୍ଷଣିକ ଏବଂ ଅଣପକ୍ଷାଘାତ-ଜନିତ ରୋଗୀଙ୍କ ଦେହରେ ମୃତ୍ୟୁର ଭୟ ନ ଥାଏ କହିଲେ ଚଳେ । କିନ୍ତୁ ପକ୍ଷାଘାତଜନିତ ପୋଲିଓ ରୋଗ ଭୋଗୁଥିବା ପିଲାଙ୍କ ଦେହରୁ ଶତକଡ଼ା ୨ରୁ ୫ ଭାଗ ଓ ବୟସ୍କଙ୍କ ଭିତରୁ ଶତକଡ଼ା ୧୫ରୁ ୩୦ ଭାଗ ପର୍ଯ୍ୟନ୍ତ ରୋଗୀଙ୍କର ମୃତ୍ୟୁ ହୋଇଯିବାର ସମ୍ଭାବନା ରହିଥାଏ ।

ପ୍ରତିଷେଧକ : ପୋଲିଓ ରୋଗର ଚିକିତ୍ସା ସିନା ନାହିଁ, ହେଲେ 'ମୂଳୁଁ ମାଇଲେ ଯିବ ସରି' ନ୍ୟାୟରେ ରୋଗ ନ ହେବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିନେଲେ ସାରା ଜୀବନ ପାଇଁ ଆଉ ଏହି ରୋଗ ହେବାର ସମ୍ଭାବନା ରହେନାହିଁ । ଏଥିପାଇଁ ସରକାରଙ୍କ ତରଫରୁ ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ପିଲାଙ୍କୁ ପୋଲିଓ ଓ ପ୍ରତିଷେଧକ ଟିକା ଦେବାର ବ୍ୟବସ୍ଥା କରାଯାଇଛି । ପ୍ରତି ସରକାରୀ ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ଏହି ଟିକା ମାଗଣାରେ ଦିଆଯାଇଥାଏ । ଏହି କାର୍ଯ୍ୟକ୍ରମ ଅନୁସାରେ ପିଲାଟିଏ ଜନ୍ମ ହେବା ପରେ ପରେ ତାକୁ ଦୁଇ ବୁନ୍ଦା ପୋଲିଓ ଟିକା ପାଟି ବାଟେ ଖାଇବାକୁ ଦିଆଯାଏ । ଏହାକୁ ଜନ୍ମ ପୋଲିଓ ବା ଶୂନ୍ୟମାତ୍ରା ପୋଲିଓ ଟିକା ବୋଲି କୁହାଯାଏ ।

ଏହା ପରେ ପିଲାଙ୍କୁ ଦେଢ଼ମାସ ହୋଇଯିବା ପରେ ଥରକୁ ଦୁଇବୁନ୍ଦା ଲେଖାଏଁ ମାସେରୁ ଦେଢ଼ମାସ ବ୍ୟବଧାନରେ ଥର ଥର କରି ତିନିଥର ଖାଇବାକୁ ଦେବାକୁ ହୋଇଥାଏ । ଶେଷଥର ଦେବାର ବର୍ଷକ ପରେ ପୁଣିଥରେ ଦୁଇ ବୁନ୍ଦା ବୁଷ୍ଟର୍ ବା ଶକ୍ତିବର୍ଦ୍ଧକ ମାତ୍ରା ଦିଆଯାଇଥାଏ । ବାସ୍ ଏତିକିରେ ଶିଶୁ ସାରାଜୀବନ ପାଇଁ ପୋଲିଓମୁକ୍ତ ହୋଇଯାଏ । ଏହି ଟିକା ସାଧାରଣତଃ ପାଟିବାଟେ ହିଁ ଖାଇବାକୁ ଦିଆଯାଏ । ଏହା ମିଠା ଲାଗେ ଓ ପିଲାର କୌଣସି କ୍ଷତି କରେନାହିଁ । ସାମାନ୍ୟ ଥଣ୍ଡା, ସର୍ଦ୍ଦି, ଜ୍ୱର ରହିଥିଲେ ମଧ୍ୟ ଏହି ଟିକା ଦେବାରେ କୌଣସି ଅସୁବିଧା ନାହିଁ ।

ପଲସ୍ ପୋଲିଓ ଟିକା : ଭାରତକୁ ସମ୍ପୂର୍ଣ୍ଣ ଭାବରେ ପୋଲିଓମୁକ୍ତ କରିବା ପାଇଁ ସରକାର ପଲସ୍ ପୋଲିଓ ଟିକାର ପ୍ରବର୍ତ୍ତନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ବର୍ଷରେ ଦୁଇଥର ଏକ ନିର୍ଦ୍ଦିଷ୍ଟ ଦିନରେ ବିଭିନ୍ନ ଟିକାଦାନ କେନ୍ଦ୍ରରେ ସାରା ଦେଶରେ ଜନ୍ମଠାରୁ ପାଞ୍ଚବର୍ଷ ବୟସର ସମସ୍ତ ପିଲାଙ୍କୁ ଗୋଟିଏ ମାତ୍ରା (ଦୁଇ ବୁନ୍ଦା) ପୋଲିଓ ଟିକା ଖାଇବାକୁ ଦିଆଯାଉଛି । ଏହାର ଉଦ୍ଦେଶ୍ୟ ହେଉଛି– ସାରା ଦେଶର ସମସ୍ତ ସଂକ୍ରମଣକ୍ଷମ ପିଲା ଏକାବେଳକେ ପ୍ରତିଷେଧକ ଟିକା ନେଇଯିବେ । ଫଳରେ ଆଉ ପୋଲିଓ ରୋଗ ସଂକ୍ରମଣ ଭୟ ରହିବ ନାହିଁ । ଦେଶରୁ ପୋଲିଓ ରୋଗ ସମ୍ପୂର୍ଣ୍ଣ ଭାବରେ ନିର୍ମୂଳ ହୋଇଯିବ । ତେଣୁ ଯେତେବେଳେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି, ପାଞ୍ଚବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ଟିକା ଖାଇବାକୁ ଦେବା ଅତ୍ୟନ୍ତ ଜରୁରୀ ।

ପୋଲିଓ ରୋଗ ଆୟତ୍ତସାଧ୍ୟ, ଏକଥା ସତ । ସରକାରଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ଫଳରେ ଆଜି ଭାରତରୁ ପୋଲିଓ ସମ୍ପୂର୍ଣ୍ଣ ଭାବରେ ନିର୍ମୂଳ ହୋଇଯିବା ପରିସ୍ଥିତିକୁ ଆସିଯାଇଛି । ଖୁବ୍ ଶୀଘ୍ର ଭାରତଦେଶ ପୋଲିଓମୁକ୍ତ ହୋଇଯିବ, ଏଥିରେ କୌଣସି ସନ୍ଦେହ ନାହିଁ ।

'ନିମନ୍ତ୍ରଣ' ୮୯, ଶକ୍ତିନଗର, ଲିଙ୍କ୍‌ରୋଡ୍, କଟକ- ୧୨

ଶବ୍ଦ ସନ୍ଧାନର ଉତ୍ତର– ଚନ୍ଦ୍ର

ଝିଅଟି କାହାର ?

ଶ୍ରୀ ନାମଯଜ୍ଞ ମିଶ୍ର

ରମାନାଥବାବୁ ଓ ସୁରଭିଦେବୀ ଉଭୟେ ଏକ ଇଂଜିନିୟର ଦମ୍ପତି । ପ୍ରଥମେ ତାଙ୍କର ପୁଅଟିଏ ଜନ୍ମ ହୋଇଥିଲା । ପାଞ୍ଚବର୍ଷ ପରେ ଉପଯୁକ୍ତ ସମୟରେ ସୁରଭିଦେବୀ ଗୋଟିଏ ସୁନ୍ଦର ଝିଅକୁ ଜନ୍ମ ଦେଲେ ଡାକ୍ତରଖାନାରେ । ରମାନାଥବାବୁ ବର୍ତ୍ତମାନ ସମୟର ରଂଗଢଙ୍ଗରେ ମଜ୍ଜି ଝିଅ ରହିବା ଅନାବଶ୍ୟକ ମନେ କରୁଥିଲେ । ତେଣୁ ନବଜାତ ଶିଶୁଟିକୁ ନେଇ ଘରକୁ ଫେରୁଥିବାବେଳେ ସୁରଭିଦେବୀଙ୍କୁ ବୁଝାଇସୁଝାଇ ଝିଅଟିକୁ ଏକ ଅନାଥାଳୟରେ ଛାଡ଼ିଦେବାକୁ ସ୍ଥିର କରି ଆଗେଇଗଲେ ।

ଭୋର୍ ସମୟ । ପାଖଆଖରେ କେହି ଉଠି ନ ଥାନ୍ତି । ଝିଅଟିକୁ କମ୍ବଳରେ ଗୁଡ଼ାଇ ଅନାଥାଶ୍ରମର ଦ୍ୱାରଦେଶରେ ଥୋଇ ଦେଇ ଆସିଲେ । ମ୍ୟୁନିସପାଲଟିର ସଫେଇ କର୍ମଚାରୀ ଥିବା ଏକ ଦମ୍ପତି ସଫେଇ କରିବାକୁ ଆସି ଝିଅଟିକୁ ପାଇ ଆନନ୍ଦରେ କୋଳକୁ ଟେକିନେଲେ । ଆଗରୁ ତାଙ୍କର ପୁଅଟିଏ ଥିଲା । ଝିଅଟିକୁ ପାଇ ତାଙ୍କୁ

କୋଟିରତ୍ନ ପାଇଲା ପରି ଲାଗିଲା । ତେଣୁ ସେ ଦୁହେଁ ତାକୁ ଅତି ଯତ୍ନରେ ପାଳିଲେ । ପୁଅଟି ମଧ୍ୟ ଭଉଣୀଟିଏ ପାଇ ଅତି ଆନନ୍ଦରେ ସ୍ନେହ କରିବାରେ ଲାଗିଗଲା । ପୁଅଟିର ନାଁ ଥିଲା ରବି । ଝିଅଟିର ନାଁ ରଖାଗଲା 'ଚନ୍ଦ୍ରମା' । କ୍ରମେ ଦୁଇ ଭାଇଭଉଣୀ ବଡ଼ ହୋଇ ପାଠ ପଢ଼ିବାରେ ଲାଗିଲେ । ଝିଅ ସ୍ୱଭାବତଃ ମେଧାବୀ ଥିଲା । ସେ +୨ ପାଠ ପରେ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଯେଉଁଦିନ ଉତ୍ତୀର୍ଣ୍ଣ ହେଲା, ଭାଇ ରବି ତାକୁ ଡାକ୍ତର କରିବା ପାଇଁ ନିଜ ପଢ଼ା ଛାଡ଼ି ଦେଇ ମ୍ୟୁନିସପାଲଟିର ଦପ୍ତରରେ ଏକ କିରାନୀ ଚାକିରିରେ ଯୋଗଦେଲା । ଚନ୍ଦ୍ରମାକୁ ଖର୍ଚ୍ଚବହୁଳ ଡାକ୍ତରୀ ଶିକ୍ଷାରେ ନାମ ଲେଖାଇ ପଢ଼ାଇବାରେ ତାର ସମସ୍ତ ଦରମା ଢାଳିଦେଲା ।

କ୍ରମେ ଚନ୍ଦ୍ରମା ଡାକ୍ତରୀ ପାଶ୍ କରି ସହରର ଡାକ୍ତରଖାନାରେ ହାଉସସର୍ଜନସିପ୍ କରୁଥାଏ । ଏଇ ସମୟରେ ଏକ ଅଚାନକ ଘଟଣା ଘଟିଗଲା । ଇଂଜିନିୟର ରମାନାଥବାବୁ ଓ ତାଙ୍କ ପତ୍ନୀ ସୁରଭିଦେବୀ ଚାକିରିରୁ ଅବସର ପାଇ ଘରେ ଥା'ନ୍ତି । ପୁଅଟି ଉଚ୍ଚଶିକ୍ଷା ପାଇଁ ଆମେରିକାରେ ଚାକିରି କରି ଆଉ ଫେରିଲା ନାହିଁ । ସେଇଠି ଏକ ବିଦେଶିନୀ ମହିଳାଙ୍କୁ ବିବାହ କରି ରହିଗଲା । ବୃଦ୍ଧ ପିତାମାତାଙ୍କ ଖୋଜଖବର ମଧ୍ୟ ନେଲା ନାହିଁ । ପ୍ରଥମେ ପ୍ରଥମେ ଯେଉଁ ଫୋନ୍‌ଫାନ୍ କରୁଥିଲା, ତା' ବି କୋଉକାଳୁ ବନ୍ଦ ହୋଇଗଲାଣି । ଏଣେ ଇଂଜିନିୟର ଦମ୍ପତି ବାର୍ଦ୍ଧକ୍ୟଜନିତ ନାନା ରୋଗର ଶିକାର ହୋଇ କଲବଲ ହେଉଥାନ୍ତି । ପାଖରେ କେହି ନିଜ ଲୋକଟେ ବି ନାହିଁ, ଯିଏ କି ତାଙ୍କ ତତ୍ତ୍ୱ ନେବ ।

ହଠାତ୍ ଦିନେ ଏକ ଗୁରୁତର ବ୍ୟାଧି ପୀଡ଼ିତ ହୋଇ ରମାନାଥବାବୁ ତଳେ ପଡ଼ି ଅଚେତ ହୋଇଗଲେ । କୌଣସିମତେ ସୁରଭିଦେବୀ ତାଙ୍କୁ ଆଣି ଡାକ୍ତରଖାନାରେ

ଭର୍ତ୍ତି କଲେ । ଦୀର୍ଘଦିନ ଧରି ଚିକିତ୍ସା ଚାଲୁ ରହିଲା । ସୁରଭିଦେବୀ ତାଙ୍କ ଜଗାରଖା କଲେ । ହେଲେ ବାର୍ଦ୍ଧକ୍ୟ ଯୋଗୁ ତାଙ୍କର ତ ହାତ ଥରୁଛି, ଅସହାୟ ରୋଗୀକୁ ଉଠାବସା କରାଇବ କିଏ ?

ଏଇ ସମୟରେ ଡାକ୍ତରାଣୀ ଝିଅ ଚନ୍ଦ୍ରମାର ଦୃଷ୍ଟି ୟା'ଙ୍କ ଉପରେ ପଡ଼ିଲା । କେଜାଣି କାହିଁକି ସେ ଅଧିକ ସମୟ ଧରି ରମାନାଥବାବୁଙ୍କର ଚିକିତ୍ସାରେ ଲାଗି ରହିଲା । ଉଠାବସା, ଔଷଧଖିଆ କଥା ବୁଝିଲା ଓ ଶେଷରେ ଏକାକିନୀ ଅସହାୟ ଦେଖି ସୁରଭିଦେବୀଙ୍କ ପାଖରେ ସବୁବେଳେ ସାହାଯ୍ୟ କରିବାକୁ ନର୍ସଟିଏ ଖଞ୍ଜିଦେଲା । କ୍ରମଶଃ ରମାନାଥବାବୁ ସୁସ୍ଥ ହୋଇ ଉଠିଲେ । ତାଙ୍କ ଚିକିତ୍ସାରେ ମନପ୍ରାଣ ଢାଳିଦେଇଥିବା ଡାକ୍ତରାଣୀ ଝିଅଟିକି ଦେଖି ରମାନାଥବାବୁ ଚମକି ପଡ଼ିଲେ । ଯେ ଯେ ସୁରଭିଦେବୀଙ୍କ ଅବିକଳ ନକଲ ! ଆଦ୍ୟଯୌବନରେ

ସୁରଭିଦେବୀ ଅବିକଳ ଏହିପରି ଦିଶୁଥିଲେ । ଖୋଜଖବର ନେଇ ଜାଣିଲେ ଯେ ଡାକ୍ତରାଣୀର ନାଆଁ ଚନ୍ଦ୍ରମା ଓ ମ୍ୟୁନିସପାଲଟିରେ ଏକଦା ସଫେଇ କର୍ମଚାରୀ ଥିବା ଏକ ଅଛୁବ ଦମ୍ପତିଙ୍କର ସନ୍ତାନ ।

ରମାନାଥବାବୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଅଧିକ ଅନୁସନ୍ଧାନ କରି ଦିନେ ସେଇ ଅଛୁବ ଦମ୍ପତିଙ୍କ ଘରେ ଯାଇ ପହଞ୍ଚିଲେ ଓ ଚନ୍ଦ୍ରମା ବାବଦରେ ପଚରାଉଚରା କଲେ । ବୃଦ୍ଧ ଅଛୁବ ଦମ୍ପତି ଥିଲେ ଭାରି ଅକପଟ । ସେ ଦୁହେଁ ସତକଥା କହିଦେଲେ ଯେ ଝିଅଟି ତାଙ୍କର ନିଜ ଜନ୍ମିତ ଝିଅ ନୁହେଁ, ତାକୁ ସେ ଦୁହେଁ ପାଇ ପାଳିଛନ୍ତି । ରମାନାଥବାବୁ ବିପୁଳ ଧନରାଶିର ଲୋଭ ଦେଖାଇ ଝିଅଟିକୁ ଫେରାଇଦେବାକୁ ଅନୁରୋଧ କଲେ; ମାତ୍ର ସେଇ ପାଳକ ପିତାମାତା ମାନିଲେ ନାହିଁ ।

କିଛି ଉପାୟ ନ ଦେଖି ରମାନାଥବାବୁ ଝିଅଟିକୁ ଫେରି ପାଇବା ପାଇଁ ଅଦାଲତରେ କେଶ୍‌ଟିଏ ଦାୟର କରିଦେଲେ । ଝିଅଟି ସହିତ ତାଙ୍କର ଡି.ଏନ୍.ଏ ପରୀକ୍ଷା କରି ତାଙ୍କୁ ପିତୃମାତୃତ୍ୱର ଅଧିକାର ପ୍ରତ୍ୟାର୍ପିତ ପାଇଁ ଅଦାଲତରେ ପ୍ରାର୍ଥନା କଲେ । ବିଚାରବେଳେ ବି ଅଛୁବ ଦମ୍ପତି କିପରି ଝିଅଟିକୁ ପାଇଲେ ଓ ପାଳିଲେ କିଛି ନ ଲୁଚାଇ ସତ ସତ କଥା କହିଗଲେ । ସବୁ ଶୁଣି ବିଚାରପତି ରାୟ ଦେଲେ, "ଡି.ଏନ୍.ଏ ପରୀକ୍ଷା ଅନାବଶ୍ୟକ । କାରଣ ଝିଅଟି ଇଂଜିନିୟର ଦମ୍ପତିଙ୍କର ହୋଇଥାଇପାରେ; କିନ୍ତୁ ଯେଉଁଦିନ ସେମାନେ ନିଜର ଜନ୍ମିତ ଝିଅକୁ ନିଃସହାୟ ଭାବରେ ପକାଇ ଚାଲିଗଲେ, ସେଇଦିନୁ ସେମାନଙ୍କ ଝିଅ ଯାଇଛି । ଚନ୍ଦ୍ରମା ଏଇ ଅଛୁବ ଦମ୍ପତିଙ୍କର ହିଁ ଝିଅ । ୟା'ର ପିତୃତ୍ୱ ଓ ମାତୃତ୍ୱର ଅଧିକାର ଅନ୍ୟ କାହାକୁ ଦିଆ ଯାଇ ନ ପାରେ । ନିଜ ଝିଅ ପ୍ରତି ନିଷ୍ଠୁର ହୋଇ ପକାଇଦେଇ ଚାଲିଯାଇଥିବା ସ୍ୱୀକାର କରିଥିବାରୁ ଇଂଜିନିୟର ଦମ୍ପତିଙ୍କୁ ତିନିମାସ ଜେଲ୍‌ଦଣ୍ଡ ଦିଆଯାଉ ।" ଏ ରାୟ ପରେ ରମାନାଥବାବୁଙ୍କ ପାଖରେ କୌଣସି ଉତ୍ତର ନଥିଲା ।

ବରପାଲିପଡ଼ା, ବଲାଙ୍ଗିର



ଭେଲୁର ସନ୍ଦେଶଖିଆ

ଶ୍ରୀ ନନ୍ଦକିଶୋର ସିଂହ

ବଙ୍ଗଳାର ପ୍ରସିଦ୍ଧ ସାହିତ୍ୟିକ ଶରତଚନ୍ଦ୍ରଙ୍କୁ ପ୍ରାୟ ଆମେ ସମସ୍ତେ ଜାଣୁ । ସେ ଅନେକଗୁଡ଼ିଏ ଗଳ୍ପ, ଉପନ୍ୟାସ ରଚନା କରିଛନ୍ତି । ତାଙ୍କର ଗୋଟିଏ ପୋଷା କୁକୁର ଥିଲା, ନାଆଁ ତା'ର 'ଭେଲୁ' । ସେଇ ଭେଲୁକୁ ନେଇ ମଜା କଥାଟିଏ କହୁଛି ।

ଶରତବାବୁ ପ୍ରତିଦିନ ଭେଲୁକୁ ନେଇ ସକାଳୁ ବୁଲାବୁଲି କରନ୍ତି । ଖାଇବାବେଳେ ଭେଲୁ ପାଖରେ ନ ଥିଲେ ତାଙ୍କୁ ଖାଦ୍ୟ ଭଲଲାଗେନା । ଭେଲୁ ବିଛଣା ପାଖରେ ନ ଥିଲେ ଶରତବାବୁଙ୍କୁ ନିଦ ଆସେନା । ଗୋଟେ କଥାରେ କହିବାକୁ ଗଲେ, ସେ ଭେଲୁକୁ ପ୍ରାଣ ଭରି ଭଲପାଆନ୍ତି ।

ଥରେ ଜଣେ ସ୍ତ୍ରୀଲୋକ ଶରତବାବୁଙ୍କ ପାଖକୁ ସନ୍ଦେଶ ପ୍ୟାକେଟ୍‌ଟିଏ ପଠାଇଥିଲେ । ସେଥିରେ ଧାଡ଼ିଏ ଲେଖା ଥିଲା– ମୁଁ ଆପଣଙ୍କର ରଚନାର ଜଣେ ମୁଗ୍ଧ ପାଠିକା । ଆପଣଙ୍କର ପ୍ରତ୍ୟେକଟି ଲେଖା ମୋତେ ମୁଗ୍ଧ କରିଥାଏ । ଏଇ ସନ୍ଦେଶତକ ପଠାଇଲି, ଆପଣ ଖାଇଲେ ମୁଁ ଖୁସିହେବି ।

ଶରତବାବୁ ସନ୍ଦେଶ ପ୍ୟାକେଟ୍‌ଟି ଖୋଲିବାମାତ୍ରେ ତାର ମହମହ ବାସ୍ନାରେ ଭେଲୁ ପାଟିରୁ ଲାଳ ଟପଟପ୍ ଗଡ଼ିପଡ଼ିଲା । ଶରତବାବୁ ତାକୁ ସନ୍ଦେଶଟିଏ ଖାଇବାକୁ ଦେଲେ । ଭେଲୁ ଟପ୍ କରି ଡେଇଁପଡ଼ି ଟପାଟପ୍ ଖାଇଦେଲା । ଶରତବାବୁ ଆଉ ଗୋଟେ ସନ୍ଦେଶ ଦେଲେ । ଭେଲୁ ତାକୁ ଚଲୁ କରିଦେଲା । ଏହିପରି ଗୋଟାକ ପରେ ଗୋଟେ ସନ୍ଦେଶ ଭେଲୁ ଖାଇ ଚାଲିଲା । ଶରତବାବୁଙ୍କ ଖୁସି ଦେଖେ କିଏ ? ଏମିତି ଖାଉ ଖାଉ ଭେଲୁ ପୂରା ସନ୍ଦେଶ ପ୍ୟାକେଟ୍‌ଟି ଶେଷ କରିଦେଲା । ଶରତାବାବୁ ମହା ଆନନ୍ଦରେ ଭେଲୁକୁ ଆଉଁସିବାରେ ଲାଗିଲେ ।

ଶରତବାବୁଙ୍କ ପାଖରେ ତାଙ୍କର ଜଣେ ବନ୍ଧୁ ବସିଥିଲେ । ସେ କେବଳ ବନ୍ଧୁ ନୁହନ୍ତି, ତାଙ୍କର ପିଲାଦିନର ସାଙ୍ଗ । ସେ ଏକଥା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେ ଶରତବାବୁଙ୍କୁ କହିଲେ– ସାଙ୍ଗ ଏପରି କାହିଁକି କଲ ? ଭଦ୍ରମହିଳାଜଣଙ୍କ ତୁମ ପାଇଁ କେତେ ଆନନ୍ଦରେ ସନ୍ଦେଶ ପ୍ୟାକେଟ୍‌ଟି ପଠାଇଥିଲେ । ତୁମେ ଗୋଟେ ବି ନ ଖାଇ ସବୁ ଏଇ ପୋଷା କୁକୁରଟାକୁ ଖୋଇଦେଲ ! ଏ କଥା ଯଦି ସେ ଭଦ୍ରମହିଳା ଜାଣନ୍ତି, କେତେ ଦୁଃଖ ପାଇବେ କହିଲ ?

ଶରତବାବୁ କହିଲେ– ବଂଧୁ ! ସେ ଭଦ୍ରମହିଳା ସନ୍ଦେଶ ପଠାଇଥିଲେ ମୋତେ ଆନନ୍ଦ ଦେବା ପାଇଁ ତ ? ମୁଁ ଭାବୁଛି ଏଇ ସନ୍ଦେଶ ନିଜେ ଖାଇ ମୁଁ ଯେତିକି ଆନନ୍ଦ ପାଇଥାନ୍ତି, ମୋ ପ୍ରିୟ ଭେଲୁକୁ ଖୁଆଇ ତା'ଠୁ ବେଶୀ ଆନନ୍ଦ ପାଇଗଲି । ଏଣୁ ଉକ୍ତ ମହିଳାଙ୍କୁ ମୁଁ ଦୁଃଖ ଦେଇନାହିଁ; ବରଂ ମୁଁ ଅଧିକ ଖୁସି ହୋଇଥିବା ଜାଣି ସେ ବି ଖୁସି ହେବେ ବୋଲି ମୋର ପୂରା ବିଶ୍ୱାସ ।

ସାଙ୍ଗଜଣଙ୍କ ଆଉ କ'ଣ ବା କହନ୍ତେ ? ସେ ଶରତବାବୁଙ୍କ ମୁହଁକୁ ଚାହିଁ ଜାଣିପାରିଲେ, ପ୍ରକୃତରେ ଭେଲୁକୁ ସନ୍ଦେଶ ଖୁଆଇ ସେ ଖୁବ୍ ଖୁସି ।

ସତରେ ଶରତବାବୁଙ୍କ ପୋଷାକୁକୁର ଭେଲୁ ତାଙ୍କ ଜୀବନର ଏକ ସଚ୍ଚା ସଂଗୀ ଥିଲା ।

କୋରେଇ, ଯାଜପୁର- ୭୫୫୦୨୨

ହେବ ଉପକାର

ଶ୍ରୀ ରାଧାମାଧବ ରଥ

ଛାତ୍ର ଜୀବନରେ ଅଟେ ବଡ଼ ଧନ
ନିଜେ ପଢୁଥିବ ବହି
ଅତି ଯତନରେ ରଖୁଥିବ ତାହା
ସୁନ୍ଦର ମଲାଟ ଦେଇ ।୧।
କରିବନି ନଷ୍ଟ ତୁମରି ସମୟ
ଆଉ ଆସିବନି ଫେରି
ସେଇ ସମୟକୁ ଲଗାଇ କାମରେ
ବାହିବ ଜୀବନ ତରୀ ।୨।
ଗୁରୁଜୀଙ୍କୁ ତୁମେ କରିବ ଖାତିରି
ଶୁଣିବ ତାଙ୍କରି କଥା
ତାଙ୍କ ଉପଦେଶ ମାନି ଚଳୁଥିଲେ
ଜୀବନ ନ ହେବ ବୃଥା ।୩।
ଚରିତ୍ର ଅଟଇ ମାଟିର କଣ୍ଢେଇ
ନ ଭାଙ୍ଗିବ ବଞ୍ଚିଥାଉ
ନ ରହିବ ମୂଲ୍ୟ ଯୋଡ଼ିଲେ ତାହାକୁ
ସଜାଡ଼ି ନ ହେବ ଆଉ ।୪।
ଜୀବନରେ ବନ୍ଧୁ ଆବଶ୍ୟକ ଜାଣ
ସାହାଯ୍ୟ କରିବ ସିଏ
ନ କରିବ ଘୃଣା ଆଉ ହତାଦର
କହୁ ପଛେ ଯାହା ସିଏ ।୫।
ନିଜ ପରିମଳ ରଖୁଥିବ ସଫା
ନ ହେବ ତୁମକୁ ରୋଗ
ଅହଂକାର ଛାଡ଼ି କର ଦେଶ ସେବା
ନ କରି ଜୀବନେ ଭୋଗ ।୬।
ହିଂସା, ଦ୍ୱେଷ, ବାଦ ଅଟଇ ବଇରି
କରିବ ତାକୁ ଦମନ
ପର ଉପକାରେ ଯୁଝିଲେ ଜୀବନ
କିଣିବ ଇତର ମନ ।୭।
ନୀତି କଥାମାନ ମାନି ଚଳୁଥିଲେ
ଜୀବନେ ନ ଯିବ ଝୁଣ୍ଟି
ହେବ ଉପଶମ ହୃଦୟର ଦୁଃଖ
ଦେଉଥିଲେ ସଦା ବାଣ୍ଟି ।୮।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସିଦ୍ଧ ମହାବୀର, ପୁରୀ

ବୁଦ୍ଧି ପରୀକ୍ଷାର ଉତ୍ତର

୧ । ଶେଷ ମନ୍ଦିରରେ ମୁଁ ୧୬ଟି ଦେଲି । ତେଣୁ ତୃତୀୟ ମନ୍ଦିରରୁ ଫେରିବାବେଳେ ମୋ ହାତରେ ୮ଟି ବଳିଥିଲା । ଏହା ତୃତୀୟ ମନ୍ଦିରରେ ୧୬ଟି ଦେବା ପରେ ବଳିଛି, ତେଣୁ ଦ୍ୱିତୀୟ ମନ୍ଦିରରୁ ଫେରିବା ପରେ ମୋ ହାତରେ ୧୬+୮ର ଅଧା ବା ବାରଟି ଥିଲା । ସେହିପରି ପ୍ରଥମ ମନ୍ଦିରରୁ ଫେରିବାବେଳେ ୧୪ଟି ଥିଲା । ସୁତରାଂ ୧୬+୧୪ର ଅଧା ବା ୧୫ଟି ଫୁଲ ଧରି ମୁଁ ପ୍ରଥମ ମନ୍ଦିରରେ ପ୍ରବେଶ କରିଥିଲି ।
୨ । ମଶାରି ଓ ମଶା । **୩ ।** (କ) 'ଭୁଲ', (ଖ) 'ଆଜି' । (ଗ) ଯଦି କେବେ ତାହା ସମ୍ଭବ ହୁଏ, ତାହା ସ୍ୱର୍ଗରେ ହୋଇପାରେ । **୪ ।** ୧) ୧୧, ୨) ୧୫, ୩) ୨୦ ।

ବିଲେଇନାନୀର ବାହାଘର

ମାଳାକାର

ଚଡ଼କାରଣ୍ୟ ନାନା ଜାତିର ବଡ଼ଗଛରେ ପରିପୂର୍ଣ୍ଣ ଘଞ୍ଚ ଜଙ୍ଗଲ । ସୂର୍ଯ୍ୟକିରଣ ଜଙ୍ଗଲର ମାଟି ଉପରେ ପଡ଼େ କି ନାହିଁ ସନ୍ଦେହ । ବର୍ଷାଦିନରେ ଝରୁଥିବା ବର୍ଷାଜଳ ଗଛ ଉପରେ ପଡ଼ି ଛାତରୁ ପାଣି ଗଡ଼ି ନାଳରେ ବହିଯାଉଥିବା ପରି ପତ୍ର ଦେଇ ତଳକୁ ଆସି ନୁଆଁଣିଆ ଜାଗାକୁ ବହିଯାଏ । ଜୀବଜନ୍ତୁ ଖରାଦିନେ ଶୀତଳ ପରିବେଶ ଓ ବର୍ଷା ଦିନେ ବାସଘରର ପରିବେଶ ପାଇ ବେଶ୍ ଖୁସିରେ ଜୀବନ ବିତାନ୍ତି । ଏହି ଚଡ଼କାରଣ୍ୟରେ ପକ୍ଷୀମାନଙ୍କଠାରୁ ଆରମ୍ଭ କରି ଅତି ଛୋଟ ଜୀବ ପର୍ଯ୍ୟନ୍ତ ସମସ୍ତ ପଶୁପକ୍ଷୀ ନିର୍ଭୟରେ ଥାଆନ୍ତି ।

ଏହି ଜଙ୍ଗଲ ମଧ୍ୟରେ ମୂଷାମାନେ ମଧ୍ୟ ମାଟି ତଳେ, ଗଛ କୋରଡ଼ରେ ନିଜନିଜର ବସା ତିଆରି କରି ରହିଥାନ୍ତି । ଏହି ମୂଷାମାନଙ୍କର ଦଳପତି ଥାଏ ସମସ୍ତଙ୍କଠାରୁ ବୟସରେ ବଡ଼ ମୁକୁନ୍ଦାମୂଷା । ଦିନ ଥିଲା ମୁକୁନ୍ଦାର କଥାକୁ ସମସ୍ତେ ମାନୁଥିଲେ । ତାକୁ ମୂଷାମାନେ ଗୁରୁ ଭାବରେ ସମ୍ମାନ ଦେଉଥିଲେ । ତାର ଆଜ୍ଞାକୁ ଅବଜ୍ଞା କରିବାର ସାଧ କାହାରି ନ ଥିଲା; କିନ୍ତୁ ସମୟ ବଦଳି ଯାଇଛି । ଏବେ ମୁକୁନ୍ଦାର କଥା ଆଜିକାଲିକାର ପିଲାମାନେ ଆଦୌ ମାନୁନାହାନ୍ତି । ବୁଢ଼ାଟା କିଛି ଜାଣିନାହିଁ ବୋଲି କହୁଛନ୍ତି । ମୁକୁନ୍ଦାମୂଷା ସେଥିପାଇଁ ଚିନ୍ତାରେ ଥାଏ । ମୂଷା କୁଳକୁ ରକ୍ଷା କରିବା ଦାୟିତ୍ୱ ତାହାର । ବିପଦଆପଦରୁ ରକ୍ଷା ପାଇବାର ଦାୟିତ୍ୱ, ପଶୁଜନ୍ତୁଙ୍କ ହାବୁଡ଼ରୁ ବର୍ତ୍ତିବାର କୌଶଳ, ଏକତାକୁ ବଜାୟ ରଖିବାର ଚେଷ୍ଟା– ଏସବୁ କଥା ଛୁଆମାନେ ନ ଶିଖିଲେ ମୂଷାକୁଳ ଧ୍ୱଂସ ପାଇଯିବ । ଛୋଟ ଛୋଟ ପିଲାମାନେ କେମିତି ବାଟକୁ ଆସିବେ । ଭଲ ଭାବେ ମିଳିମିଶି ଚଳିବେ । ଗୁରୁଜନମାନଙ୍କ କଥା ମାନିବେ ଓ କେମିତି ଦଳବଦ୍ଧ ହୋଇ ରହିବେ– ଏହିସବୁ କଥା ମୁକୁନ୍ଦାମୂଷା ବସି ଭାବୁଥିଲା । ଦିନେ ମୁକୁନ୍ଦା ମୂଷାର ସ୍ତ୍ରୀ କହିଲା, ‘‘ଶୁଣିଲଣି, ବିଲେଇନାନୀର ବାହାଘର । ବଣଜଙ୍ଗଲ ଉଠୁଛି ପଡୁଛି । ଭୁଆ ବିଲେଇ ବର ହୋଇ ଆସିବ । ବିଲେଇନାନୀର ବାପାବୋଉ ସାରା ବଣମୂଳକକୁ ଖାଇବାକୁ ଦେବେ । ବଡ଼ ଭୋଜିଟାଏ ହେବ ।’’

ମୁକୁନ୍ଦା ମୂଷା କହିଲା– ବାହାଘର କେବେ ? ମୁକୁନ୍ଦାର ସ୍ତ୍ରୀ କହିଲା– ଆଉ ୭ ଦିନ ରହିଲା । ବିଲେଇନାନୀର ବାପାବୋଉ ଆମମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିବେ ବୋଲି ଶୁଣିଲି ।

ମୁକୁନ୍ଦା ପଚାରିଲା– ତମେ କାହାଠାରୁ ଶୁଣିଲ ? ମୁକୁନ୍ଦା ସ୍ତ୍ରୀ କହିଲା– ଆମ ପିଲାମାନେ ସବୁ କଥାବାର୍ତ୍ତା ହେଉଛନ୍ତି । ସେମାନେ ତ ଯିବା ପାଇଁ ଗୋଡ଼ କାଢ଼ି ବସିଛନ୍ତି । ଏତେବଡ଼ ଭୋଜିଟାଏ ହେବ– ପଲଉ, ମାଂସ, ପନୀର, ମିକ୍ସଚର, ଘାଣ୍ଟ ଓ କେତେ ପ୍ରକାର ଖାଦ୍ୟଦ୍ରବ୍ୟ ଭୋଜିରେ ଦିଆଯିବ । ଆମ ପିଲାଙ୍କଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ପରା ଆଜିଠୁଁ ଲାଳ ଗଡ଼ାଇବା ଆରମ୍ଭ କରିଦେଲେଣି । ଖାଲି ଯାହା ନିମନ୍ତ୍ରଣକୁ ଚାହିଁ ବସିଛନ୍ତି ।

ଏକଥା ଶୁଣି ମୁକୁନ୍ଦାମୂଷା ଗୁମ୍ ମାରି ବସିଗଲା । ବିଲେଇର ବାହାଘରକୁ ମୂଷାପଲ ଯିବେ । ଯଦି କିଛି ଅଘଟଣ ଘଟିଲା, ମୂଷାପିଲା କ’ଣ ରକ୍ଷା ପାଇବେ ? ସେଠାରେ ତ ଶହ ଶହ ବିଲେଇ ଥିବେ । ପୁଣି ବରଯାତ୍ରୀରେ ଆସିବେ କେତେ ବିଲେଇ । ଏତେ

ସଂଖ୍ୟାର ବିଲେଇ । ସେଠାରେ ମୂଷାପଲ ଥଳ ପାଇବେ କୁଆଡୁ ? ମୁକୁନ୍ଦା ମୂଷାମାନଙ୍କୁ ବୁଝାଇଲା । ବିଲେଇନାନୀର ବାହାଘରକୁ ଯିବାକୁ ବାରଣ କଲା । ମୂଷାମାନେ ତା'କଥା ମାନିଲେ ନାହିଁ । ମୁକୁନ୍ଦା ଦେଖିଲା ତା'କଥା କେହି ଶୁଣୁନାହାନ୍ତି । ତାଙ୍କୁ ଭୋଜି ପାଗଳ କରିଦେଲାଣି । ସେ ତା'ର ମିତ୍ର ଗୁଣ୍ଡୁଚିକୁ ସବୁ କଥା କହିଲା ।

ଗୁଣ୍ଡୁଚି ସବୁ ଶୁଣି ଟିକିଏ ଚିନ୍ତା କରି କହିଲା– ଆଚ୍ଛା ହେଉ । ତୁମେ ଯାହା ଭାବୁଛ, ମୁଁ ମଧ୍ୟ ତାହା ହିଁ ଭାବୁଛି । ବିଲେଇନାନୀର ଘର ଉପରେ ଭରସା ନାହିଁ । ଆଜି ତାଙ୍କର ବାହାଘର କଥାବାର୍ତ୍ତା ଛିଡ଼ିବ । ବରଯାତ୍ରୀ କେତେ କଣ ଆସିବେ, କ'ଣ ଖାଇବେ, ଭୁଆ ଯୌତୁକ କେତେ ନେବ– ଏସବୁ ବିଷୟରେ ଆଲୋଚନା ହେବ । ଭୁଆ ଘର ଲୋକ ଆଜି ଦିନ ୩ଟା ବେଳକୁ ଆସିବେ ବୋଲି ମୋତେ କୁକୁରମଉସା କହୁଥିଲା । ମୁଁ ଲୁଚି ଲୁଚି ଯାଉଛି ତାଙ୍କ ଘରକୁ । ତାଙ୍କ କଥାବାର୍ତ୍ତା ଶୁଣେ । ସେଇଥିରୁ ତାଙ୍କର ପ୍ରକୃତି, ଉଦ୍ଦେଶ୍ୟ ଜଣାପଡ଼ିଯିବ । ସେଠି ଯାହା ଦେଖିବି, ଯାହା ଶୁଣିବି ଆଉ ଯାହା ଅନୁଭବ କରିବି, ସବୁ ତମକୁ ଆସି କହିବି । ମୁକୁନ୍ଦା କହିଲା– ମୋ ପିଲାମାନେ ତ ମୋ କଥା ମାନୁନାହାନ୍ତି । ମୁଁ ଆଉ କାହାକୁ ବା କହିବି ? ଗୁଣ୍ଡୁଚିମୂଷା ମୁକୁନ୍ଦାକୁ ସାନ୍ତ୍ୱନା ଦେଇ ବିଲେଇନାନୀ ଘରକୁ ଗଲା ।

ବିଲେଇନାନୀ ଘରେ ଗୁଣ୍ଡୁଚିମୂଷା ପହଞ୍ଚିଲା-ବେଳକୁ ବାହାଘର କଥା ଆରମ୍ଭ ହୋଇଯାଇଥାଏ । ଗୁଣ୍ଡୁଚିମୂଷା ଗୋଟିଏ କଣରେ ଲୁଚି ଶୁଣିଲା । ବରଘର ସତୁରିଜଣ ବରଯାତ୍ରୀ ଆଣିବେ । ସମସ୍ତେ ମୂଷା ମାଂସ ଖାଇବେ । ତେଣୁ ସ୍ଥିର ହେଲା, ମୂଷାମାନଙ୍କୁ ନିମନ୍ତ୍ରଣ କରାଗଲେ ସେମାନେ ଖାଇବା ନିଶାରେ ଆସିବେ । ଆଉ ସେହି ସୁଯୋଗରେ ସମସ୍ତଙ୍କୁ ଶିକାର କରାଯିବ । ତଟକା, ଜୀଅନ୍ତା ମାଂସ ମିଳିଯିବ । ଭୋଜିରେ କ'ଣ କ'ଣ ପରଷାଯିବ, ସେସବୁ ବିଷୟରେ ମଧ୍ୟ ଆଲୋଚନା ହେଲା ।

ଗୁଣ୍ଡୁଚିମୂଷା ସବୁ ଶୁଣି ଚୁପ୍‌ଚାପ୍ ମନଦୁଃଖରେ ମୁକୁନ୍ଦାମୂଷା ପାଖରେ ଆସି ପହଞ୍ଚି ସବୁ କଥା କହିଲା । ମୁକୁନ୍ଦାମୂଷା ସବୁ ଶୁଣି କହିଲା, "ଏଥକୁ ଉପାୟ କ'ଣ ? ମୁଁ ଦଳପତି ଥାଉଁ ଥାଉଁ ମୋ କୁଳର କ୍ଷତି ହେବ । ମୁଁ କେମିତି ସହିବି ? ମୋ କଥା ତ ଏ ଟୋକାଗୁଡ଼ାକ ଶୁଣୁନାହାନ୍ତି । ମୁଁ ତାଙ୍କୁ ଭୋଜି ଖାଇବାକୁ ଯିବା ବନ୍ଦ କରିବି କେମିତି ?" ଗୁଣ୍ଡୁଚିମୂଷା କହିଲା– ଶୁଣ, ତମେ ଆଜି ଗୋଟିଏ ସଭା ଡାକ । ମୋତେ ଡାକିବ । ମୁଁ ସେଇଠି କହିବି । ମୁକୁନ୍ଦା କହିଲା– ସେମାନେ ଶୁଣିବେନି ।

କହିବେ– ତୁମେ ଦୁଇମଇତ୍ର କଥାବାର୍ତ୍ତା ହୋଇ ଆମକୁ ଯିବାକୁ ବାରଣ କରୁଛ । ଗୁଣ୍ଡୁଚିମୂଷା କହିଲା– ତୁମେ ଚିନ୍ତା କରନା । ସଭା ଡାକ ।

ମୁକୁନ୍ଦାମୂଷା ସନ୍ଧ୍ୟାବେଳକୁ ସଭା ଡାକିଲା । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ମୂଷା ହାଜର ହେଲେ । ସଭାକାର୍ଯ୍ୟ ଆରମ୍ଭ ହେଲା । ମୁକୁନ୍ଦାମୂଷା କହିଲା, "ଶୁଣ ସମସ୍ତେ । ମୁଁ ତୁମର ଦଳପତି । ବିଲେଇନାନୀର ବାହାଘରରେ ତୁମେ ଭୋଜି ଖାଇବାକୁ ଯିବ ବୋଲି ବାହାରିଛ । ମୁଁ ତୁମକୁ ମନା କଲେ ତୁମେ ମାନିବ ନାହିଁ । ତେଣୁ ମୁଁ ଗୁଣ୍ଡୁଚି ମଇତ୍ରଙ୍କୁ ବିଲେଇନାନୀ ଘରକୁ ପଠାଇଥିଲି । ସେ ଯାହା ଶୁଣିଛନ୍ତି, ତାହା ଏଠାରେ ପ୍ରକାଶ କରିବେ । ମନ ଦେଇ ଶୁଣ ।" ଗୁଣ୍ଡୁଚିମୂଷା ଉଠି ଠିଆହେଲେ ଓ କହିଲେ– ଆମେ ଦୁଇଜଣ ମଇତ୍ର ବୋଲି ତମେ ସମସ୍ତେ ଜାଣିଛ । ଆମ ଦୁଇଜଣଙ୍କ କଥାକୁ ତୁମେ ବିଶ୍ୱାସ କରିବ ନ କରିବ ଭାବି ମୁଁ ବିଲେଇନାନୀ ଘରକୁ ଯିବାବେଳେ ଏଇଟିକୁ ସାଙ୍ଗରେ ନେଇ ଯାଇଥିଲି । ସମସ୍ତେ ଦେଖିଲେ ଗୁଣ୍ଡୁଚିମୂଷା ଗୋଟିଏ ତାସ୍ ଖୋଳ ପରି ପଦାର୍ଥ ହାତରେ ଧରି ଦେଖାଉଛି । ସେମାନେ ପଚାରିଲେ– ସେଇଟା କ'ଣ ? ଗୁଣ୍ଡୁଚିମୂଷା କହିଲା– ଏହା ହେଉଛି ମୋବାଇଲ୍ ଫୋନ୍ । ଏଥିରେ ଦୂରଦୂରାନ୍ତର ବ୍ୟକ୍ତି ବା ଜୀବ ସହିତ କଥାବାର୍ତ୍ତା କରି ହୁଏ । ଫଟୋ ଉଠାଇ ହୁଏ, ଗୀତ ଶୁଣି ହୁଏ, ଅନ୍ୟର କଥାକୁ ରେକର୍ଡ଼ିଂ କରି ହୁଏ । ତେଣୁ ଏହି ମୋବାଇଲ୍‌ରେ ସେଠାରେ ଯାହା ବରଘର, କନ୍ୟାଘର କଥାବାର୍ତ୍ତା ହେଲେ, ତାହା ମୁଁ ରେକର୍ଡ଼ିଂ କରି ଆଣିଛି । ପାଟିତୁଣ୍ଡ ନ କରି ତାହା ତୁମେ ଶୁଣିଲେ ତମେ ସବୁ କଥା ଜାଣିପାରିବ । ତା'ପରେ ମୋବାଇଲ୍‌ରେ ରେକର୍ଡ଼ିଂ ହୋଇଥିବା କଥାଗୁଡ଼ିକ ଗୁଣ୍ଡୁଚିମୂଷା ସମସ୍ତଙ୍କୁ ଶୁଣାଇଦେଲା ।

ବିଲେଇର ଅସଲ ଉଦ୍ଦେଶ୍ୟ ବୁଝିପାର ସବୁ ମୂଷା ମୁହଁ ତଳକୁ ପୋତିଦେଲେ । ଗୋଟିଏ ବଡ଼ ମୂଷା ଉଠି କହିଲା– ଆମେ ମୁକୁନ୍ଦାମୂଷାଙ୍କୁ ଅବଜ୍ଞା କରି ଭୁଲ୍ କରିଛୁ । ଆଉ ସେମିତି ଭୁଲ୍ ଆମେ କରିବୁ ନାହିଁ ।

ସବୁ ମୂଷା ଏଥିରେ ସମ୍ମତି ପ୍ରଦାନ କଲେ । ବିଲେଇନାନୀର ବାହାଘରରେ କେହି ଗୋଟିଏ ବି ମୂଷା ଯୋଗ ଦେଲେନାହିଁ । ବରଯାତ୍ରୀ ମୂଷା ମାଂସ ନ ପାଇ ଛି'ଛାକର କଲେ । ବିଲେଇନାନୀର ବାପାବୋଉଙ୍କୁ ବହୁତ ଗାଳିଦେଲେ । ବାହାଘର ଭୋଜି ଫିକା ପଡ଼ିଗଲା ।



ବିଲେଇନାନୀ କନ୍ୟା ବେଶରେ ମୁଣ୍ଡରେ ଓଢ଼ଣା ଦେଇ କାନ୍ଦୁଥିଲା । ବାହାଘର ମଉଜ ଆଉ ରହିଲା ନାହିଁ । ବରଯାତ୍ରୀ ଖିଆପିଆ ନ କରି ବିଲେଇନାନୀକୁ ନେଇ ତାଙ୍କ ଘରକୁ ଚାଲିଗଲେ ।

ନ୍ୟୁ ଇଣ୍ଡିଆ ଆସ୍ୟୁରାନସ୍, ଭଦ୍ରଖ

ଆସ ଦେଖିଯିବା ପିଲେ ଯାତରା

ରାଜଲକ୍ଷ୍ମୀ ତ୍ରିପାଠୀ

ଆସ ପିଲେ ଦେଖିଯିବା ଯାତରା
ସାଙ୍ଗସାଥୀ ଯେତେ ଅଛନ୍ତି ପରା ।
ମାଇଁମାମୁଙ୍କୁ ସାଙ୍ଗରେ ଆଣ
କିଣିବ କ'ଣ ପଇସା ଗଣ ।
ବାଦାମ, ବୁଟକୁ ଚଣା, ପାମ୍ପଡ଼
ମୁଡ଼ୁକି ଖାଇବ ଆଗକୁ ବଢ଼ ।
ରାମଦୋଳି ପିଲେ କିଏ ଝୁଲିବ
ଥଣ୍ଡା ମଲାଇକୁ କିଏ ଭୁଲିବ ?
ହାତୀ, ଘୋଡ଼ା ପିଲେ ହୋଇଛି ଥୁଆ
ହାତ ଧରି ତୁମେ ହୋଇ ଥା' ଠିଆ ।
ମଉସାଙ୍କୁ କୁହ ଆଗରେ ଥିବେ
ନ ହେଲେ କିଏ ସେ ହଜି ତ ଯିବେ ।
ବାପାଙ୍କୁ କହିବ ବେଲୁନ ଦେବେ
ମା'ଙ୍କୁ ଡାକିବ କାଖେଇ ନେବେ ।
ରାତି ହେଲା ପିଲେ ଝଅଟ ଚାଲ
ନ ହେଲେ ବାଟରେ ପଡ଼ିବ ଖାଲ ।
ଠେଲାପେଲା ହୋଇ ଘରକୁ ଯିବ
ଯାତରା ସରିଲେ ଗହଳି ହେବ ।

ମାର୍ଫତ୍– ଇଂଜିନିୟର ପଦ୍ମନାଭ ମିଶ୍ର, ଏସ୍.ଆଇ.ପି କଲୋନୀ, କ୍ୱାର୍ଟର ନଂ– ଇ-୯, ଲକ୍ଷ୍ମୀପୁରୀ- ୭୫୭୧୦୭, ବାରିପଦା

ବାଘ ବନାମ ଗୁରୁବାରୀ

ଶ୍ରୀ ଅଜୟ କୁମାର ପଟ୍ଟନାୟକ

ସନ୍ଧ୍ୟାବେଳ । ଥୁକୁଲ୍ ଆଉ ମୁକୁଲ୍ ପାଠ ପଢ଼ିବା ପାଇଁ ବସିଯାଇଥା'ନ୍ତି । ଅଜା ପାଖରେ ବସି ସେମାନଙ୍କୁ ଶିକ୍ଷକ ଦେଇଥିବା ଗୃହକାର୍ଯ୍ୟ କରିବାରେ ସାହାଯ୍ୟ କରୁଥା'ନ୍ତି । ଦଶବର୍ଷର ଝିଅ ଥୁକୁଲ୍ । ସେ ପଞ୍ଚମ ଶ୍ରେଣୀରେ ପଢ଼େ । ଆଠ ବର୍ଷର ପୁଅ ମୁକୁଲ୍ ତୃତୀୟ ଶ୍ରେଣୀର ଛାତ୍ର । ଉଭୟେ ସରସ୍ୱତୀ ଶିଶୁମନ୍ଦିରରେ ପଢ଼ନ୍ତି । ପାଠ ପଢ଼ିଲାବେଳେ ସେମାନେ ଅଜାଙ୍କୁ ଟାଣିଆଣି ପାଖରେ ବସାନ୍ତି । ସାହିତ୍ୟ ବହିର ଗପଗୁଡ଼ିକୁ ବଡ଼ପାଟିରେ ପଢ଼ି ଶୁଣାନ୍ତି । ଅଜା ମଧ୍ୟ ଗୋଟିଏ ଚୌକି ଉପରେ ବସି ନାତିନାତୁଣୀଙ୍କ ସାନ୍ନିଧ୍ୟରୁ ଉପଭୋଗ କରନ୍ତି ।

ପଢ଼ିଲାବେଳେ ହଠାତ୍ ଥୁକୁଲ୍‌ର ମନେପଡ଼ିଗଲା ଗଣିତ ଗୁରୁଜୀ ଦେଇଥିବା ଗୃହକାର୍ଯ୍ୟ କଥା । ଜ୍ୟାମିତି ପ୍ରଶ୍ନଗୁଡ଼ିକୁ ସମାଧାନ କରିବା ପାଇଁ କମ୍ପାସ୍ ବା ଜ୍ୟାମିତି ବାକ୍ସ ନିହାତି ଆବଶ୍ୟକ । ଥୁକୁଲ୍‌ର ଜ୍ୟାମିତି ବାକ୍ସ ତା'ର ବହିବସ୍ତାନି ଭିତରେ ଶୋଇବା ଘରେ ରହିଯାଇଥାଏ । ତେଣୁ କଅଁଳିଆ ସ୍ୱରରେ ଫୁସୁଲେଇଲା ପରି ମୁକୁଲ୍‌କୁ କହିଲା, "ଆରେ ମୁକୁଲ୍, ମୋ ସହିତ ଆସିଲୁ, ଶୋଇବାଘରୁ ଜ୍ୟାମିତି ବାକ୍ସଟା ଆଣିବା ।" ସେତେବେଳେ ଝିଟିପିଟି ପରି ମସିଣା ଉପରେ ପେଟେଇପଡ଼ି ନାକଟାକୁ ଚିତ୍ରାଙ୍କନ ଖାତା ଉପରେ ପ୍ରାୟ ଲଗେଇଦେଇ କ'ଣ ଗୋଟିଏ ଡ୍ରଇଂ କରିବାରେ ବ୍ୟସ୍ତ ଥାଏ ମୁକୁଲ୍ । ''ତୁ ନିଜେ ଯାଉନୁ !'' ନାକକୁ ଛିଞ୍ଚାଡ଼ି

କହିଲା ସେ, "ମୋତେ କାହିଁକି ଅଯଥାରେ ଘୋଷାରୁଛୁ ?" 'ଦୟାକର ମୁକୁଲ୍', ଫୁସୁଲା ଫୁସୁଲି କରି କହିଲା ଥୁକୁଲ୍, "ଟିକିଏ ମୋ' ସାଥିରେ ଆ, ମତେ ପରା ଡର ମାଡୁଛି !"

ଏ କଥାଟି ଅଜାଙ୍କ କାନରେ ପଡ଼ିବାରୁ ଘଡ଼ଘଡ଼ିଆ ସ୍ୱରରେ ବଡ଼ପାଟିରେ କହିଲେ, "କ'ଣ ହେଲା ? ସନ୍ଧ୍ୟାବେଳଟାରେ ନିଜଘରେ ଗୋଟିଏ କୋଠରିରୁ ଆଉ ଗୋଟିଏ କୋଠରିକୁ ଯିବାକୁ ତତେ ଡର ମାଡୁଛି ? ତତେ ଲାଜ ଟିକିଏ ଲାଗୁନି ?" ମୁହଁକୁ ଗୋଜେଇ ସଫେଇ ଦେଇ କହିଲା ଥୁକୁଲ୍, "ନାଇଁ ମ ଅଜା, ବାବାମାମା ବଜାରକୁ ଚାଲିଯାଇଛନ୍ତି । ଘରେ ଆଉ କିଏ ନାହିଁ ତ, ମତେ ଟିକିଏ ଡର ମାଡୁଛି ଏକୁଟିଆ ଯିବାକୁ ।" ପାକୁଆ ପାଟିରେ ହସର ଏକ ବିସ୍ଫୋରଣ ଘଟାଇ ଅଜା କହିଲେ, "ଆଲୋ ଡରକୁଳୀ ଥୁକୁଲ୍, କିଛିଦିନ ତଳେ ପରା 'ନାରୀ ସଶକ୍ତିକରଣ'ର ଅର୍ଥ ପଚାରିଥିଲୁ ଯେ ପ୍ରାଞ୍ଜଳଭାବେ ବୁଝାଇଥିଲି ଏବଂ ତୁ ମଧ୍ୟ ଆତ୍ମରକ୍ଷାର ବିଭିନ୍ନ କୌଶଳ– ଯଥା ଜୁଡ଼ୋ, କରାଟେ ଇତ୍ୟାଦି ଶିଖିବୁ ବୋଲି ପ୍ରତିଶ୍ରୁତି ଦେଇଥିଲୁ, ଆଉ ଆଜି ନିଜ ଘର ଭିତରକୁ ଗଲାବେଳକୁ ପିଳେହିପାଣି ହୋଇଯାଉଛି ! ଆଲୋ ତୁ ତ ତୋ' ନିଜ ଘରକୁ ଡରୁଛୁ, ତୋ'ପରି ଛୋଟ ଝିଅଟିଏ ଘଞ୍ଚ ଜଙ୍ଗଲରେ ବାଘ ସହିତ କିପରି ଲଢ଼େଇ କରିଥିଲା, ତା'ର ଦୃଷ୍ଟାନ୍ତ ଅଛି । ଏଇଟା ମନଗଢ଼ା କଥା ନୁହେଁ, ନିରାଟ ସତକଥା । ଶୁଣିବୁ ଯଦି କହିବି ।"

ଥୁକୁଲ୍ କିଛି କହିବା ଆଗରୁ ଝିଟିପିଟି ଆସନରୁ ନିବୃତ୍ତ ହୋଇ ମୁକୁଲ୍ ଡ୍ରଇଂ କରିବା ଛାଡ଼ି ଏକଡିଆଁରେ ଅଜାଙ୍କ ସାମ୍ନାରେ ବେଙ୍ଗ ଆସନରେ ଉଦ୍‌ଭାସିତ ହୋଇ କହିଲା, "ହଁ ଅଜା,ମୁଁ ଶୁଣିବି । ବାଘ କଥା କୁହ ।" ଥୁକୁଲ୍ ମଧ୍ୟ ଜ୍ୟାମିତି ବାକ୍ସ କଥା ଭୁଲିଯାଇ ଗପ ଶୁଣିବା ପାଇଁ ଚକାମୁଣ୍ଡି ପକାଇ ଅଜାଙ୍କ ସାମ୍‌ନାରେ ବସିପଡ଼ିଲା । ପିଲା ଦୁଇଟାର ଉତ୍ସୁକତାକୁ ଦେଖି ଅଜା ଖଣ୍ଟିକାଶ ମାରି ଗଳା ସଫା କଲାପରେ ଗପ କହିବା ଆରମ୍ଭ କଲେ ।

ପ୍ରାୟ ପଚାଶ ବର୍ଷ ତଳର କଥା । ଘଞ୍ଚ ଜଙ୍ଗଲ ପାଦଦେଶରେ ଛୋଟ ଗାଆଁଟିଏ ଥାଏ । ଗିରିଜନ ସମ୍ପ୍ରଦାୟର ଅଧିବାସୀ ନିଜର ଜୀବିକା ନିର୍ବାହ ପାଇଁ ଜଙ୍ଗଲଜାତ ଦ୍ରବ୍ୟ ଉପରେ ହିଁ ନିର୍ଭର କରୁଥା'ନ୍ତି । ପୁରୁଷମାନେ ଦଳବଦ୍ଧ ହୋଇ ଶିକାର କରିବା ସାଙ୍ଗକୁ ପାହାଡ଼ ଉପରେ ପୋଡୁଚାଷ କରି ଡଙ୍ଗର ପ୍ରସ୍ତୁତ କଲାବେଳକୁ ସ୍ତ୍ରୀଲୋକମାନେ ଗୃହକାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଜଙ୍ଗଲରୁ ଜାଳେଣି କାଠ, ବିଭିନ୍ନ ପ୍ରକାର କନ୍ଦା, ଶିଆଳି ପତ୍ର, ଦାନ୍ତକାଠି, ଝୁଣା ଆଦି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥା'ନ୍ତି ।

ସେହି ଗ୍ରାମର ଝିଅ ଗୁରୁବାରୀ । ପ୍ରାୟ ପନ୍ଦର ବର୍ଷ ହେବ । ଆଉ ସାତ ଆଠଜଣ ସହଚରୀଙ୍କ ସହ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରିବା ତାର ସବୁଦିନିଆ କାମ ଥାଏ । ଗାଆଁ ପାଖ ଜଙ୍ଗଲ ପ୍ରାୟ ସଫା ହୋଇସାରିଥିବା ଯୋଗୁଁ ଶୁଖିଲା କାଠ, ଶିଆଳି ପତ୍ର ଏବଂ ଘରଛପର କରିବା ପାଇଁ ଲଇ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଦିନେ ଗୁରୁବାରୀ ସାଙ୍ଗମାନଙ୍କ ସହ ଗ୍ରାମଠାରୁ ଦୂର ଘଞ୍ଚ ଜଙ୍ଗଲକୁ ଯାଇଥାଏ । ଜଙ୍ଗଲ ଭିତରେ ସମସ୍ତେ କାଠ ସଂଗ୍ରହ କରିବାରେ

ଲାଗିପଡ଼ିଥାନ୍ତି । ଗୁରୁବାରୀ ମଧ୍ୟ ଗୋଟିଏ ବାଉଁଶବୁଦା ନିକଟରୁ ଶୁଖିଲା ବାଉଁଶକଣିଗୁଡ଼ିକ ସଂଗ୍ରହ କରୁଥାଏ । ସବୁଦିନ ତ ସମାନ ଯାଏନି, ସେଦିନ ତା' ପାଇଁ ଏକ ଦୁର୍ଘଟଣାର ଦିନ ବୋଲି ସେ ବା କିପରି ଜାଣିଥା'ନ୍ତା ? ହଠାତ୍ ଗୋଟିଏ ମହାବଳ ବାଘ ବୁଦା ଉହାଡ଼ରୁ ଗର୍ଜନ କରି ତା' ଉପରକୁ କୁଦି ପଡ଼ିଲା । ବାଘର ଗର୍ଜନ ଏବଂ ପିଠି ଉପରେ ପଞ୍ଝା ମାଡ଼ ଯୋଗୁଁ ଗୁରୁବାରୀ ବେହୋସ୍ ହୋଇ ତଳେ ପଡ଼ିଗଲା । ସେ ମରିଗଲା ଭାବି ବାଘ ଗୋଟିଏ ଆଗଗୋଡ଼ରେ ତାକୁ ଜାବୁଡ଼ିଧରି ପେଟତଳେ ଜାକି ପାହାଡ଼ ଉପରକୁ ଚାଲିଲା ।

କିଛି ସମୟ ପରେ ଗୁରୁବାରୀର ଚେତା ଫେରିଲା । ବାଘ ତାକୁ ପେଟତଳେ ଜାକି ଧରିଥାଏ । ପଚାଗନ୍ଧରେ ନାକ ଫାଟି ପଡୁଥାଏ ତା'ର । ଗୋଡ଼ ଦୁଇଟି ଏବଂ ଗୋଟିଏ ହାତ ତଳେ ଘୋଷାରି ହେଉଥାଏ । ଜୀବନ ତ ଯିବା ଉପରେ । ଆଉ ଅଳ୍ପସମୟ ପରେ ସେ ବାଘର ଆହାର ହୋଇଯିବ । ତଥାପି ବଞ୍ଚିବା ପାଇଁ ଶତଚେଷ୍ଟା କଲେ କ୍ଷତି କ'ଣ ? ଏକଥା ଭାବୁଥାଏ ଗୁରୁବାରୀ । ଠିକ୍ ସେତିକିବେଳେ ବାଘ ଯାଉଥିବା ରାସ୍ତା ପାଖରେ ଗୋଟିଏ ଗୋଜିଆ ବାଉଁଶ ପଡ଼ିଥିବାର ଦେଖିଲା ସେ । ବୋଧହୁଏ କୌଣସି କାଠୁରିଆ କଟୁରି କିମ୍ବା ଟାଙ୍ଗିଆରେ ଏପରି-ଭାବରେ ଏକପାଖିଆ କରି ହାଣିଥାଏ ଯେ ଛୁରୀପରି ଗୋଜିଆ ହୋଇଥାଏ ବାଉଁଶଟିର ଗୋଟିଏ ମଙ୍ଗ । ବିଶେଷ ବଡ଼ ନ ଥାଏ । ଦୁଇ ତିନିହାତ ଲମ୍ବର ବାଡ଼ିଟିଏ । ଘୋଷାରୁଥିବା ହାତରେ ଗୁରୁବାରୀ ତାକୁ ଧରିପକାଇ, ମନରେ ସାହସ ସଞ୍ଚୟ କରି, ସମସ୍ତ ବଳ ଖଟାଇ ସେଇ ଗୋଜିଆ ପଟରେ ବାଘର ବେକ ତଳକୁ ଜୋର୍‌ରେ ଖେଞ୍ଚି ପକାଇଲା । ବାଘ ଚମକିପଡ଼ି ତାକୁ ତଳେ ପକାଇ ଗର୍ଜନ ସହ ଖଣ୍ଡେ ଦୂରକୁ କୁଦା ମାରିଲା । ଠିକ୍ ସେତିକିବେଳେ ଗୁରୁବାରୀ ତତ୍‌କ୍ଷଣାତ୍ ତଳୁ ଉଠିପଡ଼ି ମହିଷମର୍ଦ୍ଦିନୀ ଦୁର୍ଗାଙ୍କ ରୂପ ଧାରଣ କଲା । ବଡ଼ ବଡ଼ ଆଖିରେ ବାଘ ଆଖି ସହିତ ଆଖି ମିଳାଇ କଟମଟ କରି ଚାହିଁରହିଲା । ହାତରେ ମୁନିଆଁ ବାଉଁଶଟି ମାତା ଦୁର୍ଗା ତ୍ରିଶୂଳ ପ୍ରହାର କରିବା ଭଙ୍ଗୀରେ ଧରିଥାଏ ସେ । ବାଘ ଗର୍ଜନ କରି ତଳେ ଲାଞ୍ଜ ପିଟୁଥାଏ । ବୋଧହୁଏ ଡରାଇବା ପାଇଁ ଚେଷ୍ଟା କରୁଥାଏ ଗୁରୁବାରୀକୁ । ପାହାଡ଼ୀ କନ୍ୟା ଗୁରୁବାରୀ ବେଶ୍ ଭଲଭାବେ ଜାଣିଥାଏ ଯେ ବାଘର ଆଖି ସହିତ ନିର୍ଭୀକ ଭାବରେ ଆଖି ମିଳାଇ ପଲକ ନ ପକାଇ ଚାହିଁଲେ ବାଘ ଆକ୍ରମଣ କରିବା ପାଇଁ ସାହସ କରିବ ନାହିଁ । ସେଥିପାଇଁ ଗୁରୁବାରୀ ଆଖିରେ ପଲକ ନ ପକାଇ ବଡ଼ ବଡ଼ ଆଖିରେ କଟମଟ କରି ଚାହୁଁଥାଏ ଏବଂ ବାଘ କିଛି ଦୂରରେ ବସି ଭୂମି ଉପରେ ପଞ୍ଝା ଏବଂ ଲାଞ୍ଜ ପିଟୁଥାଏ ।

ଗୁରୁବାରୀ ସହିତ ଏହି ଦୁର୍ଘଟଣା ଘଟିବା ପରେ ଅନ୍ୟ ଝିଅମାନେ ପ୍ରାଣବିକଳରେ ଦୌଡ଼ିଯାଇ ଗାଆଁରେ ଧେଣ୍ଡୁରା ପିଟି ସାରିଥା'ନ୍ତି । ଗାଆଁର ସମସ୍ତ ଲୋକ ଗୁରୁବାରୀକୁ ରକ୍ଷା କରିବା ପାଇଁ ହାତରେ ବିଭିନ୍ନ ହତିଆର ସହ ମଶାଲ ଧରି ପାଦଚିହ୍ନ ଏବଂ ଘୋଷରା ଦାଗକୁ ଅନୁସରଣ କରି ସେହି ଜାଗାରେ ପହଞ୍ଚିଗଲେ । ଏତେଗୁଡ଼ିଏ ଲୋକ ଏବଂ ମଶାଲ ଦେଖି ବାଘ ଭୟଙ୍କର ଗର୍ଜନ ସହ କୁଦାମାରି ଘଞ୍ଚ ଜଙ୍ଗଲକୁ ଚାଲିଗଲା ।

ଗୁରୁବାରୀ କିନ୍ତୁ ସେପରି ଦୁର୍ଗାମାତାଙ୍କ ଠାଣିରେ ଠିଆ ହୋଇଥାଏ । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ଗୁରୁବାରୀର ଏ ଭୟଙ୍କର ରୂପ ଦେଖି । ପିନ୍ଧା ଶାଢ଼ୀଟି କଣ୍ଟାଝଣ୍ଟାରେ ଲାଗି ଫାଳଫାଳ ହୋଇ ଚିରି ଅଧା ଲଙ୍ଗଳା ଅବସ୍ଥାରେ ଥାଏ ସେ । ଦେହସାରା ଖଣ୍ଡିଆଖାବରା ହୋଇ ରକ୍ତରେ ଗାଧୋଇପଡ଼ି ଭୟଙ୍କର ଦେଖାଯାଉଥାଏ । ତାକୁ ଉଦ୍ଧାର କଲାବେଳକୁ ପୁଣି ବେହୋସ୍ ହୋଇ ଉଦ୍ଧାରକାରୀଙ୍କ କୋଳରେ ଲୋଟିପଡ଼ିଲା ।

ଥୁକୁଲ୍ ମୁକୁଲ୍ ଆଁ କରି ଗପଟି ଶୁଣୁଥା'ନ୍ତି । ଅତ୍ୟନ୍ତ ଗମ୍ଭୀର ହୋଇ ଥୁକୁଲ୍ ପଚାରିଲା, "ଅଜା, ଗୁରୁବାରୀର କ'ଣ ହେଲା ? ସେ ବଞ୍ଚିଲା ତ ?" ଅଜା କହିଲେ, "ହଁ । ଦୀର୍ଘଦିନର ଚିକିତ୍ସା ଏବଂ ସେବାଯତ୍ନ ପରେ ଗୁରୁବାରୀ ବଞ୍ଚିଲା । ସାହସ ଏବଂ ଉପସ୍ଥିତି ବୁଦ୍ଧି ପାଇଁ ସେ ଅଞ୍ଚଳର ଲୋକମାନଙ୍କ ହୃଦୟରେ ଦେବୀ ରୂପେ ଆଜିପର୍ଯ୍ୟନ୍ତ ସ୍ଥାନ ପାଇଛି ସେ ।"

ଅନ୍ୟମନସ୍କ ଥିବା ଥୁକୁଲ୍‌କୁ ହଲାଇଦେଇ ଅଜା କହିଲେ, "ଏବେ କ'ଣ ବୁଝିଲୁ ? ଭୟ କଲେ ମଣିଷ କେତେ ଅସୁବିଧାରେ ପଡ଼େ । ସାହସ ଓ ଧୈର୍ଯ୍ୟ ଥିଲେ ଯେ କେହି ଜୀବନରେ ଉନ୍ନତି ଆଣିପାରିବ । ଏଥର ତୋର ଡର ଛାଡ଼ିଗଲା ତ ?" ଅଜାଙ୍କ ପାଖକୁ ଲାଗିଆସି ଥୁକୁଲ୍ କହିଲା, "ନାରୀ ଅବଳା ନୁହେଁ, ସବଳା । ଶକ୍ତିର ଅନ୍ୟ ରୂପ ନାରୀ ।"

ପାକୁଆ ପାଟିରେ ବିରଳ ହସର ବନ୍ୟା ଛୁଟାଇ, ଚନ୍ଦାମୁଣ୍ଡକୁ ଟୁଙ୍ଗାରି ଅଜା ଥୁକୁଲ୍ କଥାରେ ସମର୍ଥନ ଜଣାଉଥା'ନ୍ତି । ଅନିର୍ବଚନୀୟ ଉଲ୍ଲାସରେ ତାଳି ମାରୁଥାଏ ମୁକୁଲ୍ ।

ଇଂରାଜୀ ବିଭାଗ, ଜବାହର ନବୋଦୟ ବିଦ୍ୟାଳୟ, ଏଫ୍.ସି.ଆଇ., ଅନୁଗୋଳ



ଡ. ସୁଧାଂଶୁ ଦ୍ୱିବେଦୀ

ସୃଷ୍ଟି ଆରମ୍ଭରେ ଗଛମାନଙ୍କରେ ପତ୍ର ହେଉ ନ ଥିଲା । କେବଳ ଶୁଖିଲା ଡାଳ, ଡେଙ୍ଗ ପ୍ରଭୃତି ଦେଖିବାକୁ ମିଳୁଥିଲା । ସେଥିପାଇଁ ବନ୍ୟଜନ୍ତୁ ଭୀଷଣ ରୌଦ୍ରତାପ ସହି ନ ପାରି ଅଧିକ ଯନ୍ତ୍ରଣା ଭୋଗୁଥିଲେ । ଦିନବେଳା କେଉଁଠି ବି ଟିକେ ଛାଇ ନ ଥିଲା । ସବୁଠି ଖାଲି ପ୍ରଖର ଖରା ଓ ପ୍ରବଳ ଗରମ ଅନୁଭୂତ ହେଉଥିଲା ।

ଦିନେ ଜଙ୍ଗଲର ସମସ୍ତ ଜୀବଜଗତ ଏକତ୍ର ହୋଇ ସେଠାକାର ରାଜାଙ୍କୁ ଗୁହାରି କରିବାକୁ ବାହାରିଲେ । ରାଜା ତାଙ୍କ ବିଚାର ମହଲରେ ସିଂହାସନରେ ବସିଥାନ୍ତି । ସବୁ ବନ୍ୟ ଜୀବ ତାଙ୍କ ନିକଟରେ ପହଞ୍ଚି କହିଲେ, "ହେ ମହାରାଜ ! ଆମେ ସବୁ ବନ୍ୟ ଜୀବଜନ୍ତୁ ଦିନସାରା ଅତ୍ୟଧିକ ରୌଦ୍ରତାପକୁ ଆଉ ସହ୍ୟ କରି ପାରୁନାହୁଁ । ଏଥିପାଇଁ ଆପଣ କିଛି ଉପାୟ କରନ୍ତୁ ।"

ବନ୍ୟ-ଜନ୍ତୁଙ୍କର ଅନୁରୋଧକୁ ରାଜା ବୁଝିପାରି ତୁରନ୍ତ ନିଜ ମନ୍ତ୍ରୀ ନାଗେନ୍‌କୁ ଡାକି କହିଲେ, "ଆମ

ବସ୍ତ୍ରାଳୟକୁ ଯାଇ ସବୁଜ ବସ୍ତ୍ରସବୁ ନେଇ ଆସ । ତାକୁ ଛୋଟ ଛୋଟ କାଟି ଗଛ ଡାଳରେ ଝୁଲେଇଦିଅ । ସେସବୁ କଟାବସ୍ତ୍ରକୁ ପତ୍ର କୁହାଯିବ ଓ ତାହା ସବୁଦିନ ପାଇଁ ବନ୍ୟ ଜୀବଜନ୍ତୁଙ୍କୁ ଛାୟା ପ୍ରଦାନ କରିବ ।”

ରାଜାଙ୍କ ଆଦେଶ ଅନୁସାରେ ନାଗେନ୍ ସେହିଦିନ ବସ୍ତ୍ରାଳୟରୁ ବହୁତଗୁଡ଼ିଏ ସବୁଜ ବସ୍ତ୍ର ନେଇ ଘୋର ଜଙ୍ଗଲକୁ ଚାଲିଗଲା । ସେଠି ଯାଇ ଗୋଟିଏ ଗୁମ୍ଫା ଭିତରେ ରହିଲା । ପ୍ରତିଦିନ ରାଜମହଲରୁ ତା ପାଇଁ ଖାଦ୍ୟ ପହଞ୍ଚିଯାଏ । ସେ ସେହି ଖାଦ୍ୟକୁ ଖାଇ ଗୁମ୍ଫା ଭିତରେ ଘଂଘୁଡ଼ି ମାରେ । ରାଜାଙ୍କ ଆଦେଶ ଅମାନ୍ୟ କରି ଦିନରାତି ଖାଇପିଇ ଆରାମ କଲା । ତା'ର ଏଭଳି କାମଚୋର ସ୍ୱଭାବରେ ବନ୍ୟ ଜୀବ-ଜନ୍ତୁ ଅସନ୍ତୁଷ୍ଟ ହୋଇ ନାଗେନ୍‌ର ଗୁମ୍ଫା ନିକଟକୁ ଯାଇ ତାକୁ ନିଦରୁ ଉଠାଇବାକୁ ପ୍ରୟାସ କଲେ । ହେଲେ ସେ ବନ୍ୟପ୍ରାଣୀଙ୍କ ଡାକରାକୁ ଶୁଣି ନ ଶୁଣିଲା ପରି କୁମ୍ଭକର୍ଣ୍ଣ ସଦୃଶ ଶୋଇରହିଲା । ଶେଷରେ ନିରୁପାୟ ପଶୁପକ୍ଷୀମାନେ ପୁଣିଥରେ ରାଜାଙ୍କ ଶରଣ ପଶିଲେ ।

ବନ୍ୟପ୍ରାଣୀଙ୍କଠାରୁ ନାଗେନ୍‌ର କାର୍ଯ୍ୟପଳାପ ବିଷୟରେ ଜାଣିପାରି ରାଜା ଭୀଷଣ ଭାବରେ କ୍ରୋଧିତ ହୋଇ ଖଣ୍ଡେ କଳାମେଘ ଉପରେ ବସି ତା' ପାଖକୁ ଗଲେ । ସେଠି ତାକୁ ନିଦରୁ ଉଠାଇବାକୁ ଅନେକ ପ୍ରୟାସ କରିବା ସତ୍ତ୍ୱେ ନ ଉଠିବାରୁ ରାଜା ଖୁବ୍ ଜୋର୍ ଦୁଇଥର ତାଳି ମାରିଲେ । ତାଙ୍କ ତାଳି ମାରିବା ଶବ୍ଦରେ ସବୁଆଡ଼େ ଝଡ଼-ବତାସ ବହିବାକୁ ଲାଗିଲା । ଦେଖୁ ଦେଖୁ ଏତେ ଜୋର ଝଡ଼-ପବନ ହେଲା ଯେ ଫଳ ସ୍ୱରୂପ ଅନେକଗୁଡ଼ିଏ ଗଛଲତା ଉପୁଡ଼ି ପଡ଼ିଲା । ନାଗେନ୍ ଶୋଇଥିବା ଅବସ୍ଥାରେ ତାର ଦାଢ଼ି ଗୋଟିଏ ଝଟକା ପବନରେ ଉପୁଡ଼ି ପଡ଼ିଲା ।

ସହସା ସେ ନିଦରୁ ଉଠି ସମ୍ମୁଖରେ ରାଜାଙ୍କୁ ଦେଖି ବିଚଳିତ ହୋଇଉଠିଲା । ତା'ପରେ ରାଜା ଗର୍ଜନ କରି ତାକୁ କହିଲେ, “ବଦ୍‌ମାସ୍ ! କାମଚୋର, ତୁମେ ଏ ପର୍ଯ୍ୟନ୍ତ କ'ଣ ପାଇଁ ଗଛମାନଙ୍କରେ ପତ୍ର ଲଗାଇନାହଁ ।” ରାଜାଙ୍କ ହୁଙ୍କାରରେ ନାଗେନ୍ ଡରି-ଥରି କହିଲା, “ମହାରାଜ ! ମୁଁ ସେହିଦିନରୁ ଭାବି ଚାଲିଛି ଗଛମାନଙ୍କର ପତ୍ରସବୁ କେଉଁ ଆକାରରେ ଲଗେଇବି; ହେଲେ ଏ ଯାଏଁ ତାହା ମୋ ମୁଣ୍ଡକୁ ଢୁକୁନାହିଁ । ସେଥିପାଇଁ ଖାଇପିଇ ଆରାମରେ ଶୋଇ ରହୁଛି ।” କିନ୍ତୁ ରାଜା ନଛୋଡ଼ବନ୍ଧା । ସେ ନାଗେନ୍‌କୁ ମାତ୍ର ତିନିଦିନ ଭିତରେ ସବୁ କାମ ଶେଷ କରିବାକୁ କହି ସେଠାରୁ ଚାଲିଗଲେ ।

ରାଜାଙ୍କ କଡ଼ା ହୁକୁମ୍ ପାଇ ନାଗେନ୍ ତୁରନ୍ତ କାମରେ ଲାଗି ପଡ଼ିଲା । ଦାଢ଼ୁଆ ପଥର ସାହାଯ୍ୟରେ ସବୁ ସବୁଜ ଲୁଗାକୁ କାଟି ପତ୍ର ବନେଇଲା । ପରେ ତାକୁ ଜଙ୍ଗଲରେ ଅନେକ ଗଛ ଡାଳରେ ଝୁଲେଇଦେଲା । ତୃତୀୟ ଦିନ ସନ୍ଧ୍ୟାବେଳକୁ ଜଙ୍ଗଲର ସବୁ ଗଛରେ ସବୁଜ

ଭାବି ବିଚାରି କାମ କର

ଶ୍ରୀମତୀ କୁମୁଦଲତା ମହାନ୍ତି

କାହା ବାଡ଼ିରୁ ଫୁଲ ତୋଳିବା
ଖରାପ କଥା ନୁହେଁ
ଅନୁମତିଟି ନେଇ ତୋଳିଲେ
ଅସୁବିଧା ନ ଥାଏ ।

କଡ଼ା କଥାରେ କାହାରି ମନେ
ନ ଦେବ କେବେ ଦୁଃଖ
ଏପରି କଲେ ବନ୍ଧୁ ଭିତରେ
ଦୂରେଇଯାଏ ସୁଖ ।

କାହାର ପ୍ରିୟ ହୋଇବା ପାଇଁ
କହିବ ନାହିଁ ମିଛ
କହିବା ବେଳେ ସବୁ କଥାକୁ
ଭାବିବ ଆଗପଛ ।

ରୂପ ସୁନ୍ଦର, ମନ ଭିତର–
ପୋଡ଼ା ଅଙ୍ଗାର ଯା'ର
ସେହି ପିଲାଟି କେବେ ବି ନୁହେଁ
ଭଲ ସାଙ୍ଗ ତୁମର ।

ତୁମ ଦୁଃଖରେ ତୁମ ସୁଖରେ
ସାଥିରେ ଥାଏ ଯିଏ
ତା' ସାଙ୍ଗେ ତୁମେ ହୋଇବ ସାଙ୍ଗ
ଭଲ ସାଙ୍ଗଟି ସିଏ ।

ଏ କବିତାରୁ ଶିଖ ପିଲାଏ
କ'ଣ କରିବ ନାହିଁ
ଭାବି ବିଚାରି କାମ କରିଲେ
ଭଲ ସେ ତୁମ ପାଇଁ ।

ନୀଳାଦ୍ରି ବିହାର, ଭୁବନେଶ୍ୱର- ୨୧

ପତ୍ରର ସମାହାର ହୋଇଗଲା । ପରନ୍ତୁ ନାଗେନ୍ ରାଜାଙ୍କ ହୁକୁମ୍ ଅନୁସାରେ ଏତେ କମ୍ ଦିନ ଭିତରେ ଗଛର ପତ୍ରସବୁ କାଟିପାରିଲା ନାହିଁ । ମନରେ ଭୟ ରଖି ଶୀଘ୍ର ଶୀଘ୍ର ପତ୍ର ସବୁ କାଟିବା ଦ୍ୱାରା ସେଗୁଡ଼ିକ କିଛି ଗୋଲ୍, କିଛି ଲମ୍ୱା, କିଛି ନୌକା ପରି, କିଛି ଚଉଡ଼ା ତ ଆଉ କିଛି ପାଞ୍ଚକୋଣ ବିଶିଷ୍ଟ ଅସମାନ ହୋଇଗଲା, ଯେଉଁଥିପାଇଁ ଏବେ ଗଛର ପତ୍ର ସବୁ ଅଲଗା ଅଲଗା ଆକାରରେ ଦୃଶ୍ୟମାନ ହେଉଛି ।

ପ୍ରକୃତରେ ଏହା ଏକ ଲୋକକଥା । ପ୍ରାକୃତିକ ପରିବେଶରେ ଗଛଗୁଡ଼ିକର ପତ୍ର ଭିନ୍ନ ଭିନ୍ନ ହୋଇଥାଏ ବୋଲି ବିଜ୍ଞାନର ମତ ।

(କର୍ଣ୍ଣାଟକ ଲୋକକଥା)

ଯୋଗ ଫର୍ ଲାଇଫ୍, ବିସି- ୭୪, ସେକ୍ଟର- ୧, ସଲଟ୍ ଲେକ୍, କଲିକତା- ୬୪

ଭାବିଦେଖନ୍ତୁ

'ବିଶ୍ୱାସ'– ଏ ଶବ୍ଦଟି ମଣିଷର ଜୀବନରେ ମହତ୍ତ୍ୱପୂର୍ଣ୍ଣ । ଆମେ କାହାକୁ ବିଶ୍ୱାସ କରିବା ନ କରିବା, ତାହା ଭିନ୍ନ କଥା; କିନ୍ତୁ ବିଶ୍ୱାସ ଯେ ଆମ ଜୀବନର ଏକ ଅପରିହାର୍ଯ୍ୟ ଅଂଶ, ତାକୁ ଆମେ ଏଡ଼ାଇ ଦେଇପାରିବାନି ।

ପୂର୍ବକାଳରେ ଅନେକ ଅନ୍ଧବିଶ୍ୱାସର ଦ୍ରୁମ ଆମ ସମାଜରେ ଥିଲା । କାଳକ୍ରମେ ତାହା ଅନେକ ମନୀଷୀ ଓ ସମାଜ ସଂସ୍କାରକଙ୍କ ଦ୍ୱାରା ଉତ୍ପାଟିତ ହେଲା । କେତେକ ବଂଶଗତ ବିଶ୍ୱାସ ମଧ୍ୟ ଏ ପର୍ଯ୍ୟନ୍ତ ରହିଛି । ପରମ୍ପରା ଅନୁସାରେ ଆମେ ଅନେକ କଥା ମାନିଆସୁଛୁ । ସେଗୁଡ଼ିକୁ ଭାଙ୍ଗିବାକୁ ଆମ ଭିତରେ ଭୟ ସୃଷ୍ଟି ହୁଏ । କାଳେ ଆମ ପିଲାଙ୍କର କିଛି ଅମଙ୍ଗଳ ହେବ କି ! ଏଇ ଧାରଣା ଆମ ଭିତରେ ଦୃଢ଼ ଭାବେ ଠିଆ ହୋଇ ରହିଥାଏ ।

ରୋଗ ହେଲେ ଆମେ ଏଲୋପ୍ୟାଥି ଡାକ୍ତରମାନଙ୍କଠାରୁ ଆଣି ଔଷଧ ବ୍ୟବହାର କରୁ । ହୋମିଓପ୍ୟାଥି, ଆୟୁର୍ବେଦ, ଡିଚେନ୍ ଆଦି ଅନେକ ପ୍ରକାର ମାଧ୍ୟମ ଦ୍ୱାରା ମଧ୍ୟ ଆମେ ଔଷଧ ଖାଇଥାଉ । ବେଳେବେଳେ ହୋମିଓପ୍ୟାଥି ଓ ଆୟୁର୍ବେଦ ଇତ୍ୟାଦିରେ ରୋଗ ଭଲ ହୋଇଯାଏ । କେତେଜଣଙ୍କର ହୋମିଓପ୍ୟାଥିରେ ଖୁବ୍ ବିଶ୍ୱାସ । ଯେତେ ଯାହା ହେଲେ ବି ସେ ଏଲୋପ୍ୟାଥି ଦିଅନ୍ତି ନାହିଁ ।

ମୁଁ ଦେଖିଛି ଜଣଙ୍କ ଘରେ ତାଙ୍କର ଛୋଟ ଝିଅଟି ଖୁବ୍ ଜ୍ୱରରେ କଷ୍ଟ ପାଉଥିବା ବେଳେ ସେ ହୋମିଓପ୍ୟାଥି ଚିକିତ୍ସାରେ ହିଁ ତାକୁ ରଖିଥାନ୍ତି । ମତେ ଦେଖି ଭାରି ବ୍ୟସ୍ତ ଲାଗେ । ମାତ୍ର କ'ଣ କରାଯିବ ? ଏହା ତାଙ୍କର ବିଶ୍ୱାସ ।

ରାଜସ୍ଥାନରେ ଯେଉଁ ସତୀଦାହ ପ୍ରଥା ଥିଲା, ତାହା ଉଠାଇଦିଆଗଲା । ହେଲେ ସେଠି 'ସତୀ ମନ୍ଦିର' ଗଢ଼ା ହୋଇଛି ଏବଂ ଲୋକମାନେ ସେଇ ଠାକୁରାଣୀଙ୍କୁ ପୂଜା କରି ଆସୁଛନ୍ତି । ଏହା କ'ଣ ? ଲୋକମାନଙ୍କର ବିଶ୍ୱାସର ଦୃଢ଼ତାରେ ସେମାନେ ଏକ ମୂର୍ତ୍ତି ନିର୍ମାଣ କରିସାରିଛନ୍ତି । ଏବଂ ତାହା ଏକ ପରମ୍ପରାରେ ପରିଣତ ହୋଇଛି । ଏହିଭଳି ଅନେକ ବିଶ୍ୱାସ ଆମ ସମାଜରେ ରହିଛି, ଯାହାକୁ ଚାହିଁଲେ ବି ଆମେ ଉଠାଇ ପାରୁନାହୁଁ ।

ଥରେ ମୋର ସାନଭାଇର ତଳେ ପଡ଼ିଯାଇ ଜଂଘ ହାଡ଼ ଭାଙ୍ଗିଗଲା । ସାଙ୍ଗେ ସାଙ୍ଗେ ଆମେ ଆମ୍ବୁଲାନସ୍‌ରେ ଆଣି କଟକର ନର୍ସିଂହୋମ୍‌ରେ ତାକୁ ରଖିଲୁ । ତା' ଜଂଘଟି ଫୁଲିଯାଇ ନାଲି ପଡ଼ିଯାଇଥାଏ । ମୁଁ ନର୍ସିଂହୋମ୍ ପିଣ୍ଡାରେ ଠିଆ ହୋଇ ଏପଟସେପଟ ହେଉଥାଏ । ହଠାତ୍ ଭିତରୁ ଖୁବ୍ ଜୋର୍‌ରେ ଚିତ୍କାର ଶୁଭିଲା । ମୁଁ ମନେକଲି– କେହି ସ୍ତ୍ରୀଲୋକ ବୋଧହୁଏ ଭିତରେ ଗର୍ଭଯନ୍ତ୍ରଣାରେ ଚିତ୍କାର କରୁଛି । ସେ ଚିତ୍କାରରେ ମୁଁ ଡରିଗଲି । ରାସ୍ତାର ଲୋକମାନେ ମଧ୍ୟ ଦଣ୍ଡେ ଠିଆ ହୋଇ ସେ ନର୍ସିଂହୋମ୍‌କୁ ଲକ୍ଷ୍ୟ କରୁଥାନ୍ତି ।

ମୁଁ ଜଣଙ୍କୁ ପଚାରିଲି– କିଏ ଏମିତି ଚିତ୍କାର କରୁଛି ? ତା'ର କ'ଣ ହୋଇଛି ? ସେ କହିଲା, "ଜଣେ ଲୋକର ହାଡ଼ ଭାଙ୍ଗିଯାଇଛି । ତା'କୁ ଭିତରେ କ'ଣ କରୁଛନ୍ତି । ଏ ତାଙ୍କରି ଚିତ୍କାର ।"

ହଠାତ୍ ମୋତେ ଚାରିଆଡ଼ ଅନ୍ଧାର ଦେଖାଗଲା । ମୋ ଭିତରେ ଏକ ବିସ୍ଫୋରଣ ହେଲା । ମୁଁ ସେ ନର୍ସିଂହୋମ୍ କୋଠରିର କବାଟ ଖୋଲିଦେଇ ଭିତରେ ପଶିଗଲି । ସେ କର୍ମଚାରୀମାନଙ୍କ ଉପରେ ଜୋର୍‌ରେ

ପାଟି କରି ସବୁ ଯନ୍ତ୍ରପାତି ତଳକୁ ଫୋପାଡ଼ିଦେଲି । କହିଲି, "ଏଠି କିଛି ହୋଇପାରିବନି । ତା'କୁ ଛାଡ଼ନ୍ତୁ ଶୀଘ୍ର ମୁଁ ନେଇଯିବି ।" ସେମାନେ ହତବାକ୍ ହୋଇଗଲେ । ଡାକ୍ତରମାନେ ମୋ ଉପରେ ପାଟି କଲେ, "କ'ଣ ଆପଣଙ୍କର ଭାଇ ଏମିତି ରହିବେ ? ଗୋଡ଼ ଯୋଡ଼ା ହେବନି ?" ମୁଁ ରାଗରେ ଥରୁଥାଏ । କହିଲି, "କ'ଣ ତାକୁ ମାରିଦେଲା ପରେ ଗୋଡ଼ ଯୋଡ଼ିବେ ? ଦରକାର ନାହିଁ ।"

ସାଙ୍ଗେ ସାଙ୍ଗେ ସେଇ ଆମ୍ବୁଲାନସ୍‌ରେ ଘରକୁ ନେଇଆସିଲି । ସେତେବେଳେ ମୋ ଭିଣୋଇ ଶ୍ରୀରାମଚନ୍ଦ୍ର ଭଞ୍ଜ ହସ୍‌ପିଟାଲ୍‌ର ସୁପରିଟେଣ୍ଡେଣ୍ଟ୍ ଥାଆନ୍ତି । ଡାକ୍ତରମାନେ ମୋ ଭିଣୋଇଙ୍କୁ ମୋ ବିଷୟରେ ବହୁତ କିଛି ରାଗିଯାଇ କହିଲେ । ମୋ କାନରେ ସେସବୁ କିଛି ବି ପଶୁ ନ ଥାଏ ।

ଠାକୁରଙ୍କୁ ମନେ ମନେ ଡାକି ତାକୁ ନେଇ ଆସିଲି ରାଣୀହାଟର ଗୋଟିଏ ସାଧାରଣ ତୁଟୁକାତୁଟୁକି ହାଡ଼ଯୋଡ଼ା ଜାଗାକୁ । ସେତେବେଳେ 'କାଲୁପଡ଼ା ସେକ'ର ଖୁବ୍ ନାଁ ଡାକ ଥାଏ ।

ସେମାନେ ଏକ୍ସରେ ରିପୋର୍ଟକୁ ଦେଖିଲେ । କହିଲେ, "ହଁ ଆମେ କରିଦେବୁ । ଆମେ ତମ ଘରେ ଯାଇ ଠିକ୍ କରିଦେବୁ ।" ମୋ ବଡ଼ଭଉଣୀ ଘରେ ରାଣୀହାଟରେ ସେ ରହିଲା । ସେଠାରେ ସେମାନେ ଆସି ରୀତିମତ ଚିକିତ୍ସା ଚାଲୁ ରଖିଲେ । ସେମାନେ ହୁଏତ ସେହି ଡାକ୍ତରୀ-ବିଜ୍ଞାନରେ ଚିକିତ୍ସା କରୁଥିବେ, ମୁଁ ଏହି ଚିକିତ୍ସାଟିକୁ କିନ୍ତୁ ଯନ୍ତ୍ରଣାଶୂନ୍ୟ ମନେକଲି । ଯାହା ବି ହେଉ, ଠିକ୍ ମାସକ ଭିତରେ ତା' ଗୋଡ଼ ଯୋଡ଼ି ହୋଇଗଲା । ସେ ସୁସ୍ଥ ଭାବରେ ଚାଲିପାରିଲା ।

ଏହିଭଳି ମୋର ବିଶ୍ୱାସ ସେ(କାଲୁ) ହାଡ଼ ଡାକ୍ତରଙ୍କୁ ତଥା ସେମାନଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇଥିବ । ମୁଁ ପାଖପଡ଼ୋଶୀଙ୍କୁ ସେହି ଚିକିତ୍ସା ବିଷୟରେ କହିଲି । ସେମାନଙ୍କ ଭିତରୁ କେତେକ ବିଶ୍ୱାସ କରିଗଲେ ଓ ଭଲ ହେଲେ, ଆଉ କେତେକ ଡାକ୍ତରୀ ଚିକିତ୍ସା କଲେ । ଏଲୋପ୍ୟାଥିକ ଡାକ୍ତରମାନେ କିନ୍ତୁ ଏ ଚିକିତ୍ସାକୁ ଆଦୌ ଗୁରୁତ୍ୱ ଦିଅନ୍ତିନି । ସେମାନେ ସେତେବେଳେ ମୋ କଥାରେ ଖୁବ୍ ଉପହାସ କଲେ । କହିଲେ, 'ତାଙ୍କ ହାଡ଼ କ'ଣ ଠିକ୍ ହେବ ? ଗୋଟେ ପଟ ଛୋଟ ହୋଇଯିବ ।"

କାଲୁବାବୁଙ୍କର ଚିକିତ୍ସା ପ୍ରତି ମୋର ଦୃଢ଼ ବିଶ୍ୱାସର ବିଜୟ ହେଲା ।

ଏଇଠି ଆମର ଦୃଢ଼ ବିଶ୍ୱାସର ଚୌହଦି ମଧ୍ୟକୁ ଈଶ୍ୱର, ମଣିଷ, ତୁଟୁକାତୁଟୁକି ଚିକିତ୍ସା– ସମସ୍ତେ ପ୍ରବେଶ କରିଗଲେ । ଯାହା ବି ହେଉ, ବିଶ୍ୱାସର ମଧ୍ୟ ଖୁବ୍ ଶକ୍ତି ଥାଏ, ଯାହାକି ମଣିଷର ଚିନ୍ତାଧାରାଠାରୁ ଊର୍ଦ୍ଧ୍ୱକୁ ଯାଇପାରେ । ଯାହା ଉପରେ ଆମେ ଦୃଢ଼, ଅତୁଟ ବିଶ୍ୱାସ ରଖିବା, ସେ ନିଶ୍ଚୟ ଫଳପ୍ରଦ ହେବ ବୋଲି ମୋର ଧାରଣା ।

ଆଜିକାଲିକାର ଆଧୁନିକ ଯୁଗରେ ମଧ୍ୟ ବିଶ୍ୱାସକୁ ନେଇ ମଣିଷ ବଞ୍ଚି ରହିଛି ଓ ରହିଥିବ ।

–ଅନସୂୟା ନନ୍ଦ

ଥରଟିଏ ଯେବେ କହିବୁ ମିଛ
 ମିଛ ଲାଗିଥିବ ପଛକୁ ପଛ ।
ମନ୍ଦ କାମ କଲେ ଥରେ,
ତାକୁ ଢାଙ୍କିବାକୁ ବହୁତ ମନ୍ଦ ଯେ
 କରିବାକୁ ପଡ଼େ ପରେ ।

–– ଲକ୍ଷ୍ମୀକାନ୍ତ

ଚିରସବୁଜ କଳାକାର ଦେବାନନ୍ଦ

ଯାହାର ଅନ୍ତରରେ ଏକ ଦୃଢ଼ ଇଚ୍ଛାଶକ୍ତି ଜାଗ୍ରତ ହୁଏ, ତାହା ସ୍ୱତଃପ୍ରବୃତ୍ତ ଟାଣିନିଏ ତା'ର ଲକ୍ଷ୍ୟସ୍ଥଳକୁ ।

ଏହା ହିଁ ଘଟିଥିଲା ବିଖ୍ୟାତ, ପ୍ରଥିତଯଶା କଳାକାର ଦେବାନନ୍ଦଙ୍କ ଜୀବନରେ । ସେ ତାଙ୍କର ବୃତ୍ତି ଆରମ୍ଭ କରିଥିଲେ ଚର୍ଚ୍ଚଗେଟ୍‌ର ମିଲିଟାରୀ ସେନ୍‌ସର ଅଫିସ୍‌ରେ ମାସିକ ୧୬୦ଟଙ୍କା ଦରମାରେ । ତାଙ୍କର ଭାଗ୍ୟ, ତାଙ୍କର ଇଚ୍ଛାଶକ୍ତି କିନ୍ତୁ ତାଙ୍କୁ ନେଇଗଲା ଅଭିନୟର ପଥକୁ, ଯେତେବେଳେ କି ଏକ ହିନ୍ଦୀ ଚଳଚ୍ଚିତ୍ରର ପ୍ରଯୋଜକ ତାଙ୍କୁ ଅଭିନୟ କରିବାର ସୁଯୋଗ ଦେଲେ । ଏ ସୁଯୋଗକୁ ବା ସେ ହାତଛଡ଼ା କରନ୍ତେ କାହିଁକି ? ୧୯୪୬ ମସିହାରେ 'ହମ୍ ଏକ୍ ହୈ' ଚଳଚ୍ଚିତ୍ରରେ ସେ ଅଭିନୟ କଲେ ।

ଯଦିଓ ଏହା ତାଙ୍କୁ ବିଶେଷ ସଫଳତା ଦେଇ ନ ଥିଲା; ତଥାପି ସେ ହତାଶ ହୋଇ ନ ଥିଲେ । ୧୯୪୮ରେ ସେ 'ଜିଦ୍ଦି' ଚଳଚ୍ଚିତ୍ରରେ ଅଭିନୟ କଲେ । ଏଥିରେ ସଫଳ ହେଲେ ।

୧୯୨୩, ସେପ୍ଟେମ୍ବର ୩ରେ ଦେବାନନ୍ଦ ଅବିଭକ୍ତ ପଞ୍ଜାବର ଗୁରୁଦାସପୁରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ନାମ ଥିଲା ଧର୍ମ ଦେବ ଆନନ୍ଦ । ବଡ଼ଭାଇ ଚେତନ ଆନନ୍ଦ ଓ ସାନଭାଇ ବିଜୟ ଆନନ୍ଦ ହିନ୍ଦୀ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଥିଲେ । ଦେବାନନ୍ଦ ମଧ୍ୟ ପ୍ରତ୍ୟୁସର ଥିଲେ । ତାଙ୍କ ଅଭିନୟ କରିବାର ପ୍ରବଳ ଇଚ୍ଛା ତାଙ୍କୁ ବମ୍ବେ ସହରର ବଲିଉଡ୍ ଜଗତରେ ପ୍ରବେଶ କରିବାର ସୁଯୋଗ ଦେଲା ।

୧୯୪୯ରେ ସେ ତାଙ୍କର ନିଜର ଏକ ଚଳଚ୍ଚିତ୍ର କମ୍ପାନୀ 'ନବକେତନ' ନାମରେ ଆରମ୍ଭ କଲେ । 'ହରେ ରାମ୍ ହରେ କୃଷ୍ଣ' ଚଳଚ୍ଚିତ୍ରରେ ସେ ବେଶ୍ ସଫଳ ହେଲେ । ଚଳଚ୍ଚିତ୍ର ମୁନିମ୍ ଜୀ, ପେଇଙ୍ଗ୍ ଗେଷ୍ଟ୍ ଓ ସି.ଆଇ.ଡ଼ି ଇତ୍ୟାଦିରେ ଅଭିନୟ ତାଙ୍କୁ ବିଖ୍ୟାତ କରିଦେଲା । ତାଙ୍କର କଥା କହିବାର, ମୁଣ୍ଡ ହଲାଇବାର ଓ କେଶକଟାର ଶୈଳୀ ସମସ୍ତଙ୍କ ପାଇଁ ପ୍ରତୀକାତ୍ମକ ଶବ୍ଦ ସୃଷ୍ଟି କଲା– 'ଦେବାନନ୍ଦ ଷ୍ଟାଇଲ୍' ।

'ଟ୍ୟାକ୍ସି ଡ୍ରାଇଭର' ଚଳଚ୍ଚିତ୍ରରେ କଳ୍ପନା କାର୍ତ୍ତିକଙ୍କ ସହ

ସେ କେବଳ ସକରାତ୍ମକ ଅଭିନୟରେ ପାରଦର୍ଶିତା ହାସଲ କରି ନ ଥିଲେ, ଜାଲ୍‌ରେ ସେ ସଫଳ ନକରାତ୍ମକ ଅଭିନୟ ମଧ୍ୟ କରିଥିଲେ । ବିଶେଷ କରି 'ଟ୍ୟାକ୍ସି ଡ୍ରାଇଭର'ରେ ସେ ପ୍ରଭୂତ ସଫଳତା ହାସଲ କଲେ ଓ ଅନେକ ପ୍ରଶଂସକ ସୃଷ୍ଟି କରିପାରିଥିଲେ ।

ଯିଏ କୌଣସି କ୍ଷେତ୍ରରେ ଖ୍ୟାତି ଅର୍ଜନ କରେ, ସମାଜରେ ତାର ଅନେକ ସମାଲୋଚକ, ଈର୍ଷାଳୁ ମଧ୍ୟ ସୃଷ୍ଟି ହୁଅନ୍ତି । ମାତ୍ର ୧୯୫୮ 'କାଲାପାନି'ରେ ତାଙ୍କର ଅଭିନୟ ଚାତୁରୀ ଏମାନଙ୍କର ମୁହଁ ବନ୍ଦ କରିଦେଇଥିଲା । ଏଥିପାଇଁ ସେ ପାଇଲେ 'ବିଶିଷ୍ଟ କଳାକାର ସମ୍ମାନ' । ଦାଦା ସାହେବ ଫାଲ୍‌କେ, ଆଜୀବନ ଅଭିନୟ ସମ୍ମାନ, ଷ୍ଟାରଡଷ୍ଟ, ଷ୍ଟାରଗାଇଡ୍ ସମ୍ମାନ ଇତ୍ୟାଦି ସହ 'ପଦ୍ମଭୂଷଣ' ସମ୍ମାନ ତାଙ୍କୁ ଅଭିନୟ ଶୀର୍ଷରେ ପହଞ୍ଚାଇଦେଲା ।

'କାଲାପାନି' ଚଳଚ୍ଚିତ୍ରରେ ମଧୁବାଲାଙ୍କ ସହ

ଅଭିନୟରେ ସାମାଜିକ ଦ୍ୱନ୍ଦ୍ୱ ଓ ସମସ୍ୟାକୁ ନେଇ ଚଳଚ୍ଚିତ୍ରରେ ତାଙ୍କର ସୁନ୍ଦର ବାକ୍ୟ ପ୍ରୟୋଗ ସାରା ଜଗତରେ ଉଦାହରଣ ସୃଷ୍ଟି କରିବାରେ ସହାୟକ ହେଉଥିଲା ।

ଚଳଚ୍ଚିତ୍ରରେ ସଂଗୀତ ପରିବେଷଣ ସହିତ ତାଙ୍କର ଚମତ୍କାର ଭଙ୍ଗୀ ଦର୍ଶକମାନଙ୍କର ହୃଦୟ ତନ୍ତ୍ରୀକୁ ଦୋହଲାଇ ଦେଉଥିଲା । ସେ ଅଭିନୟର ଯାଦୁ ଏବେ ମଧ ତାଙ୍କର ପ୍ରଶଂସକଙ୍କ ହୃଦୟରେ ଆସନ ମାଡ଼ି ବସିଛି ଓ ବସିଥିବ ।

କେବଳ ତାଙ୍କର ଅଭିନୟ ନୁହେଁ, ତାଙ୍କର ମିଳାମିଶା ଗୁଣ ମଧ ତାଙ୍କୁ ଆହୁରି ପ୍ରଭାବଶାଳୀ କରିଥିଲା । ସେ ବିଶିଷ୍ଟ ସଂଗୀତକାର ଓ.ପି. ନାୟାର, ଶଚିନ୍ ଦେବ୍ ବର୍ମନ୍ ଏବଂ ମଜହୁର୍ ସୁଲତାନପୁରୀ, ନୀରଜ୍, ଶୈଳେନ୍ଦ୍ର, ସଂଗୀତଜ୍ଞ ମହମଦ୍ ରଫିକ୍, କିଶୋର କୁମାର ଇତ୍ୟାଦି ତାଙ୍କର ଅତି ନିଜର ଥିଲେ ଓ ସେ ସେମାନଙ୍କୁ ଖୁବ୍ ସମ୍ମାନ କରୁଥିଲେ ।



ମଜହୁର୍ ସୁଲତାନପୁରୀ, ଓ.ପି. ନାୟାର, ଏସ୍. ଡି. ବର୍ମନ

ତାଙ୍କର ଖ୍ୟାତିର ପାହାଚ ଗଣିବା ଦୁରୂହ । ଏହି ବିଖ୍ୟାତ କଳାକାର ଡିସେମ୍ବର ୩, ୨୦୧୧ରେ ଲଣ୍ଡନରେ ମୃତ୍ୟୁବରଣ କଲେ । ହେଲେ ତାଙ୍କର ଅଭିନୀତ– ଜୁଏଲଥିଫ୍, ତେରେ ଘରକେ ସାମନେ, ଗାଇଡ୍, ହମ୍‌-ଦୋନୋ, ପ୍ରେମପୂଜାରୀ, ଜନି ମେରା ନାମ୍, ତେରେ ମେରେ ସପନେ ଇତ୍ୟାଦି ୧୦୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ପାଇଁ ସେ ଅମର ଆତ୍ମାକୁ ଆମେ ଆଜି ପର୍ଯ୍ୟନ୍ତ ମନେରଖିଛେ ଓ ଚିରଦିନ ରଖିଥିବା । ସେ ଦର୍ଶକଙ୍କ ହୃଦୟରେ ବାନ୍ଧି ହୋଇ ରହିଥିବେ ଯୁଗର ଶେଷ ପର୍ଯ୍ୟନ୍ତ ।



ପୁସ୍ତକ ପରିଚୟ

ସ୍ୱାସ୍ଥ୍ୟରକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା-- ଲେଖକ- **ଡାକ୍ତର ନିମାଁଇ ଚରଣ ପରିଜା,** ଅରୁଣୋଦୟ ନଗର, କଟକ- ୧୨ । ମୂଲ୍ୟ - ୧୩୦ ଟଙ୍କା ।

ଜୀବନଚର୍ଯ୍ୟା ରୋଗ ଡାଇବେଟିସ୍, ମସ୍ତିଷ୍କଘାତ, ଆଣ୍ଟିବାୟୋଟିକ୍, ରକ୍ତ ପରୀକ୍ଷାର ଆବଶ୍ୟକତା, ଇୟୋସୋନ୍‌ଫିଲିଆ ରୋଗ, ଷ୍ଟେମ୍‌ସେଲ୍‌ରୁ ରକ୍ତ ତିଆରି ସମ୍ଭବ ଇତ୍ୟାଦି ୪୨ଟି ଉପାଦେୟ ବିଷୟ– ରୋଗ ଚିକିତ୍ସା, ରୋଗର କାରଣ, ସ୍ୱାସ୍ଥ୍ୟଭିତ୍ତିକ ସମସ୍ୟା, ରୋଗ ଚିକିତ୍ସାର ନୂତନ ଉପକରଣ ଇତ୍ୟାଦି ଏଥିରେ ସନ୍ନିବେଶିତ ହୋଇଛି । ସବୁ ବିଷୟର ଉପାଦେୟ ଚିତ୍ର ପ୍ରଦତ୍ତ ହୋଇଛି, ଯାହାକୁ ପଢ଼ିଲେ ଜଣେ ସାଧାରଣ ବ୍ୟକ୍ତି ସ୍ୱାସ୍ଥ୍ୟ ବିଷୟରେ

ବୋଧଗମ୍ୟ ହୋଇପାରିବ ଓ ଚିତ୍ରରୁ ମଧ୍ୟ ଜାଣିପାରିବ । ରଙ୍ଗିନ୍ ପ୍ରଚ୍ଛଦଟି ସୁନ୍ଦର ଓ ଆକର୍ଷଣୀୟ ହୋଇଛି । ପୁସ୍ତକଟି ପାଠକମାନଙ୍କ ଦ୍ୱାରା ଆଦୃତ ହେବାର ଆଶା ।

କୁନି ଚଢ଼େଇ-- ଲେଖକ- **ଶ୍ରୀ ସୁଶାନ୍ତ କୁମାର ପାତ୍ର,** ଅରିଓ, ଜାରୁଳାଇପଡ଼ା, କେନ୍ଦ୍ରାପଡ଼ା- ୭୫୪୨୮୯ । ମୂଲ୍ୟ - ୪୦ ଟଙ୍କା ମାତ୍ର ।

ବିଲୁଆନନା, ମନେରଖ ଏହି କଥା, ଜଗତେ ହୋଇବୁ ଧନ୍ୟ, ଭସ୍ମାସୁର ଇତ୍ୟାଦି ୧୭ଟି ଶିଶୁ କବିତା ଏଥିରେ ରହିଛି । ପ୍ରତି କବିତାରେ ଦୁଇ ବା ତତୋଽଧିକ ଚିତ୍ର ରହିଛି, ଯାହା ପିଲାଙ୍କୁ ଆକର୍ଷିତ କରିବ । ପ୍ରଚ୍ଛଦଟି ରଙ୍ଗିନ୍ ଓ ଚଢ଼େଇର ଚିତ୍ରଟି ସୁନ୍ଦର ହୋଇଛି । କବିତାଗୁଡ଼ିକ ସରଳ ତଥା ଶିକ୍ଷଣୀୟ ହୋଇଥିବାରୁ ପିଲାମାନଙ୍କ ଦ୍ୱାରା ଆଦୃତ ହେବାର ଆଶା ରଖୁଛୁ ।

(ଚିଠିମୁଣିର ଅବଶିଷ୍ଟାଂଶ)

ମଣ୍ଡୁଆ, କେନ୍ଦୁଝରଗଡ଼ରୁ ଦେବାଶିଷ ଚକ୍ରବର୍ତ୍ତୀ-- ସଂସାର ଚଳିତ ସଂଖ୍ୟାରେ ହଇରେ ଚୁଟିଆ, ବାଘ ରଜାର ଘର-କବିତା ଏବଂ ସୁଧାର ପଣ ଦେଖି ଶତ୍ରୁ ଫେରିଲା ଗଳ୍ପ ଭଲଲାଗିଲା । 'ଭାବି ଦେଖନ୍ତୁ' ବାସ୍ତବରେ ଭାବୋଦ୍ଦୀପକ । ଏହା କେବଳ କିଶୋର ପାଠକ ନୁହେଁ, ସମସ୍ତଙ୍କୁ ମାର୍ଗ ନିର୍ଦ୍ଦେଶ କରିବ ।

ସିଦ୍ଧମହାବୀର, ପୁରୀରୁ ରାଧାମାଧବ ରଥ-- ଏ ମାସରେ ସମୟ ଓ ସେଦିନର ଶିକ୍ଷା ଓ ଶିକ୍ଷକ ଖୁବ୍ ଭଲଲାଗିଲା । ଏହି ପତ୍ରିକାରେ ଯେତେ ଶିକ୍ଷଣୀୟ ବିଷୟବସ୍ତୁ ପ୍ରକାଶ ପାଉଛି, ତାହା ପିଲାମାନଙ୍କର ଭବିଷ୍ୟତକୁ ନିଶ୍ଚିତ ରୂପେ ସୁନ୍ଦର କରି ଗଢ଼ି ତୋଳିବ, ଏଥିରେ ଦ୍ୱିରୁକ୍ତି ନାହିଁ ।

ଗମ୍ଭାରିଡିହା, ନୟାଗଡ଼ରୁ ରସାନନ୍ଦ ଘଡ଼େଇ-- ଏ ମାସରେ 'ଆ ବରଷା ଆ, ତୁମ ଆମର ଭାବ ଓ କାହିଁ ଗଲା ମୋର ଗାଁ' କବିତା ତିନିଟି ଭାରି ହୃଦୟସ୍ପର୍ଶୀ ହୋଇଛି ଏବଂ 'ବାଘ ରାଜାର ଘର ଓ ହଇରେ ଚୁଟିଆ କୁଆଡ଼େ ଗଲୁ' ମଧ୍ୟ ଭଲ ହୋଇଛି ।

ଜବାହରଲାଲ ନବୋଦୟ ଉଚ୍ଚ ବିଦ୍ୟାଳୟ, ଧଣ୍ଡାମୁଣ୍ଡା, ବଲାଙ୍ଗୀର-୨୮ରୁ କାହ୍ନୁଚରଣ ଦାଶ (୯ମ)--

ଯେବେ ମୁଁ ପଢ଼ିଲି 'ସଂସାର' ଭିତରୁ
ଗୀତ, ଗପ, ହସକଥା
ଶବ୍ଦଧନ୍ଦା ଆଉ ବିଜ୍ଞାନର ଜ୍ଞାନ
ହରିଲା ମନର ବ୍ୟଥା ।
ସବୁ ଲେଖା ଲାଗେ ନୂତନ ନୂତନ
ପୁଲକ ଜାଗଇ ପ୍ରାଣେ
ମାସ ଶେଷ ପରେ ମନ ଛନଛନ
ପତ୍ରିକା ଆସିବ ଜାଣେ ।

୧୨। ୭-- ସଂଖ୍ୟା ଲଘୁ ବ୍ୟାପାର କ୍ୟାବିନେଟ୍ ମନ୍ତ୍ରୀ ନଜମା ହେପ୍‌ତୁଲ୍ଲା ଓ ଭାରୀ ଶିଳ୍ପ ସାଧାରଣ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଜି.ଏମ୍,ସିଦ୍ଧେଶ୍ୱରଙ୍କର କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ ।

୧୮। ୭-- ଜାତୀୟ ସିନିୟର ସ୍କ୍ୱାସ୍ ଚମ୍ପିଆନ୍‌ସିପ୍‌ରେ ଦୀପିକା ପାଲିକଲ ଓ ସୌରଭ ଘୋଷାଲିଙ୍କର ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲସ୍ ଚମ୍ପିଆନ୍ ଆଖ୍ୟା ହାସଲ ।

୨୦।୭-- ବିଶ୍ୱର ମହାନ ହକି ଖେଳାଳି ମହମ୍ମଦ ସାହିଦ୍‌ଙ୍କର ୫୬ ବର୍ଷରେ ପରଲୋକ ।

ବିଦେଶ ଖବର

୨୨।୬-- ପାକିସ୍ତାନର ବିଶ୍ୱପ୍ରସିଦ୍ଧ ସୁଫି କବାଲି ଗାୟକ ଅମ୍‌ଜାଦ୍ ସାବ୍ରିଙ୍କୁ କରାଚିର ଲିୟାକତାବାଦ୍‌ରେ ଗୁଳି କରି ହତ୍ୟା ।

୨୪।୬-- ଦୀର୍ଘ ୪୩ ବର୍ଷ ପରେ ୟୁରୋପୀୟ ସଂଘରୁ ବ୍ରିଟେନ୍ ଓହରିଯାଇଛି । ପ୍ରଧାନମନ୍ତ୍ରୀ ଡେଭିଡ୍ କାମେରୁନ୍‌ଙ୍କର ଇସ୍ତଫା ।

୨୫।୬-- ସାଂଘାଇ ସମନ୍ୱୟ ସଂଗଠନ (ଏସ୍‌ସିଓ) ସଂପ୍ରସାରିତ । ଭାରତ ଓ ପାକିସ୍ତାନର ସଦସ୍ୟତା ହାସଲ ।

୧।୭-- ବାଂଲାଦେଶର ରାଜଧାନ ଢାକାରେ ବିଦେଶୀ କୂଟନୀତିଜ୍ଞ ରେସ୍ତୋରାଁ ଉପରେ ଆକ୍ରମଣ ଯୋଗୁଁ ୯ ଜଣ ମୃତ ଏବଂ ଇରାକ୍‌ରେ କାର୍‌ବୋମା ବିସ୍ଫୋରଣରେ ୧୨୫ ମୃତ ।

୯ । ୭ -- ପାକିସ୍ତାନର ଗରିବଙ୍କ ତ୍ରାଣକର୍ତ୍ତା ଭାବେ ପରିଚିତ ଅବ୍‌ଦୁଲ୍ ଇଧିଙ୍କର ୯୨ ବର୍ଷରେ ପରଲୋକ । ସେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରିଛନ୍ତି ।

୧୦ । ୭-- ୟୁରୋ ୨୦୧୬ ଫୁଟବଲ୍‌ରେ ପର୍ତ୍ତୁଗାଲ ଚାମ୍ପିଅନ୍ ଓ ଜର୍ମାନୀ ରନର୍ସ ଅପ୍ ।

ଶବ୍ଦଧନ୍ଦା ଅଗଷ୍ଟ-୨୦୧୬

ଡ. ନିରଞ୍ଜନ ସାହୁ

୧ । କାଗଜରେ ବା କାର୍ଡ଼ରେ ଘର କାଟି ଉତ୍ତର ଲେଖନ୍ତୁ ।
୨ । ଶୂନ୍ୟ ଘରେ ଗୋଟିଏ ମାତ୍ର ଅକ୍ଷର ବସାନ୍ତୁ ।
୩ । ଉତ୍ତର କାଗଜରେ ନାମ ଓ ଠିକଣା ଲେଖନ୍ତୁ ।
୪ । ସମ୍ପାଦିକାଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ।
୫ । ଆସନ୍ତା ସଂଖ୍ୟାରେ ଫଳ ପ୍ରକାଶ ପାଇବ ।
୬ । ଉତ୍ତର ପହଞ୍ଚିବାର ଶେଷ ତାରିଖ ୨୨ ।୮ ।୨୦୧୬
୭ । ନିୟମାବଳୀ ପଢ଼ି ଉତ୍ତର ଦିଅନ୍ତୁ ।

୧		୨		୩		୪
	❋		❋	୫		
୬			❋	୭		
୮			୯			❋
	୧୦	❋	୧୧		୧୨	୧୩
୧୪				୧୫		
୧୬			❋	୧୭		

ସୂଚନା

ବାମରୁ ଡାହାଣ-- ୧ । ଓଡ଼ିଶାର ବୃହତ୍ତମ ନଦୀ (୪), ୩ । ରାସ୍ତା (୩), ୫ । କ୍ରନ୍ଦନ (୩), ୬ । ଶିରା (୩), ୭ । ଆଡ଼ମ୍ବର (୩), ୮ । ଦକ୍ଷିଣା ବାୟୁ (୩), ୯ । ପ୍ରାଚୀନ ନଦୀ ବିଶେଷ (୩), ୧୧ । ମୁସଲମାନଙ୍କ ବିଶେଷ ପର୍ବ (୪), ୧୪ । ଇଚ୍ଛା (୩), ୧୫ । ବିନାଶଶୀଳ (୩), ୧୬ । ଆଶ୍ରୟ (୩), ୧୭ । ଆଲକାତରା (୨) ।

ଉପରୁ ତଳ-- ୧ । ଦକ୍ଷିଣ ବିହାରର ପ୍ରାଚୀନ ରାଜ୍ୟ (୩), ୨ । କୋମଳ (୪), ୩ । ପଦ୍ମ (୩), ୪ । ସୁନା (୩), ୮ । ଭଙ୍ଗପ୍ରବଣ (୩), ୯ । ବେଗଶାଳୀ (୩), ୧୦ । କଟି/ଅଣ୍ଟା (୩), ୧୨ । ବିଷ (୩), ୧୩ । ମୃତ ପାପୀଙ୍କ ଶାସ୍ତି ଭୋଗର ସ୍ଥାନ (୩), ୧୫ ପୂର୍ଣ୍ଣ(୨) ।

--ସାହୁପଡ଼ା, ବରି, ଯାଜପୁର-୭୫୫୦୦୩

ଜୁଲାଇ ମାସ ଶବ୍ଦଧନ୍ଦାର ଉତ୍ତର (ବାମରୁ ଡାହାଣ)– ୧ । ହଳଧର, ୪ । ଯାବକ, ୫ । କିଶଳୟ, ୭ । ଯାମିନୀ/ରଜନୀ, ୯ । କୁଞ୍ଜର/କରଟୀ, ୧୨ । ଭୂପ, ୧୫ । ମହି, ୧୭ । ମାଣକ, ୧୯ । ରଣ, ୨୦ । ନୀବାର ।

ଉପରୁ ତଳ– ୧ । ହକିକତ, ୨ । ଧଳ, ୩ । ରୟ, ୪ । ଯାଯାବର/ଅରକ୍ଷିତ, ୬ । ଶକୁଳ/ଶକଳୀ, ୮ । ନୀର, ୧୧ । କରମଙ୍ଗା, ୧୨ । ଭୂଷଣ, ୧୩ । ଅମିୟ, ୧୬ । ହିମ, ୧୭ । ମାନୀ, ୧୮ । କର ।

ଗତମାସର ଠିକ୍ ଉତ୍ତରଦାତା– **ରାଜକିଶୋର ସାହୁ,** ଓଡ଼ଗାଁ, ନୟାଗଡ଼; **ରାସେଶ୍ୱର ମହାନ୍ତ,** ଚମ୍ପୁଆ, କେନ୍ଦୁଝର; **ରସାନନ୍ଦ ଘଡ଼େଇ,** ପୁଆଣିଆ, ନୟାଗଡ ।

ବିଳମ୍ବରେ ପହଞ୍ଚିଥିବା ଜୁନ୍‌ମାସ ଶବ୍ଦଧନ୍ଦାର ଉତ୍ତର– ପ୍ରଭାତ କୁମାର କୁଅଁର, ରସାନନ୍ଦ ଘଡ଼େଇ, ରାଜକିଶୋର ସାହୁ,ଶାଶ୍ୱତୀ ଅର୍ଘ୍ୟରୂପା ସାହୁ ।

(ବିରାମ ଚିହ୍ନ ସହିତ ଶବ୍ଦଧନ୍ଦା ପ୍ରସ୍ତୁତ କରନ୍ତୁ । ଘରଗୁଡ଼ିକ ଶବ୍ଦରେ ପରିପୂର୍ଣ୍ଣ ହେଲେ, ଧନ୍ଦାଟି ଅରୁଚିକର ମନେହେବ ।)– ସଂପାଦିକା

ପୃଥ୍ୱୀ କ୍ଷଣକ୍ଷଣକେ ଆନ

ଓଡ଼ିଶା ଖବର

୨୪।୬-- ଓଡ଼ିଶାର ଦୀପ୍‌ସାନ୍ ତିର୍କି ଭାରତୀୟ ଜୁନିୟର ହକି ଦଳର ଅଧିନାୟକ ନିଯୁକ୍ତ । ଧାବିକା ଦୂତି ଚାନ୍ଦ, ଶ୍ରାବଣୀ ନନ୍ଦ ଏବଂ ସୁନିତା ଲାକ୍ରା, ଦୀପଗ୍ରେସ୍ ଏକ୍କା, ନମିତା ଟପ୍ପୋ ଓ ଲିଲିମା ମିଞ୍ଜ ରିଓ ଡି ଅଲମ୍ପିକ୍ସ ପାଇଁ ମନୋନୀତ ।

୨୫।୬-- ପ୍ରଥିତଯଶା ସାରସ୍ୱତ ସାଧକ ମହାପାତ୍ର ନୀଳମଣି ସାହୁଙ୍କର ୯୦ ବର୍ଷରେ ପରଲୋକ । ତାଙ୍କର ଉଲ୍ଲେଖନୀୟ ସୃଷ୍ଟି 'ଅଭିଶପ୍ତ ଗନ୍ଧର୍ବ' ପାଇଁ ସେ ଶାରଳା ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।

୨୭।୬-- ଅଲିମ୍ପିକ୍ କ୍ରୀଡ଼ାରେ ବ୍ୟକ୍ତିଗତ ଇଭେଣ୍ଟରେ ଓଡ଼ିଶାର ସ୍ୱର୍ଣ୍ଣପଦକ ବିଜେତାଙ୍କୁ ୧ କୋଟି ଓ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ବିଜେତାଙ୍କୁ ୫୦ ଲକ୍ଷ ପ୍ରଦାନ କରାଯିବା ପାଇଁ କ୍ରୀଡ଼ା ବିଭାଗର ଘୋଷଣା ।

୨୮।୬-- ବିଶ୍ୱର ଶ୍ରେଷ୍ଠ ୫ ଶହ ଏନ୍‌ଜିଓ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନସ୍ (କିସ୍) ସ୍ଥାନିତ ।

୨୯।୬-- ହାଇଦରାବାଦରେ ୫୬ତମ ଜାତୀୟ ସିନିୟର ଆଥେଲେଟିକ୍ ଚାମ୍ପିୟନସିପ୍‌ରେ ଓଡ଼ିଶାର ଧାବିକା ପୂର୍ଣ୍ଣିମା ହେମ୍ବ୍ରମ୍‌ଙ୍କର ସ୍ୱର୍ଣ୍ଣପଦକ ହାସଲ ।

୧।୭-- ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କର ଶପଥଗ୍ରହଣ ଏବଂ ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ଝାଡ଼ଖଣ୍ଡ ହାଇକୋର୍ଟର ସ୍ଥାୟୀ ବିଚାରପତି ମନୋନୀତ ।

୩।୭-- ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ନିର୍ବାଚନରେ ଡ. ବିଜୟାନନ୍ଦ ସିଂହ, ସଭାପତି; ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଉପସଭାପତି; ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସାଧାରଣ ସମ୍ପାଦକ ଏବଂ ଜୀବନାନନ୍ଦ ଅଧିକାରୀ, ସଂଗଠନ ସମ୍ପାଦକ ଭାବେ ନିର୍ବାଚିତ ।

୬ । ୭-- ୧୦ ଲକ୍ଷ ଜଗନ୍ନାଥ ଭକ୍ତଙ୍କର ଗହଣରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମହାସମାରୋହରେ ସମ୍ପନ୍ନ ।

୭ । ୭-- ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଶଶିଶେଖର କରଙ୍କର ୮୩ ବର୍ଷରେ ପରଲୋକ ।

ଭାରତ ଖବର

୨୨।୬-- ଏକ ସଙ୍ଗେ ୨୦ଟି ଉପଗ୍ରହକୁ ସଫଳତାର ସହିତ ଉତ୍‌କ୍ଷେପଣ କରି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଇତିହାସ ରଚନା ।

୨୩ । ୬-- ପୂର୍ବତନ ଅଧିନାୟକ ଅନୀଲ୍ କୁମ୍ବଲେ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ।

୨୪ ।୬-ସିଓଲ୍‌ରେ ଏନଏସଜି ବୈଠକରେ ଭାରତର ସଦସ୍ୟତା ପାଇଁ ୪୭ଟି ଦେଶର ସମର୍ଥନ ଓ ଏକମାତ୍ର ଚୀନ୍‌ର ବିରୋଧ ।

୨୫। ୬-- ଜାମ୍ମୁ-କାଶ୍ମୀରର ଅନନ୍ତନାଗ ବିଧାନସଭା ଆସନ ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ମେହେବୁବା ମୁଫତିଙ୍କର ବିଜୟ ।

୨୬। ୬-- ଭାରତକୁ ଶତକଡ଼ା ୯୯ ପ୍ରତିଶତ ପ୍ରତିରକ୍ଷା ଜ୍ଞାନକୌଶଳ ଯୋଗାଇବା ପାଇଁ ଆମେରିକାର ଘୋଷଣା ।

୨୮। ୬--ଏନ୍.ଏସ୍.ବିଶ୍ୱନାଥନ୍ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତ ।

୨୯। ୬-- କେନ୍ଦ୍ର କ୍ୟାବିନେଟ୍‌ର ସପ୍ତମ ବେତନ ଅୟୋଗଙ୍କ ସୁପାରିଶ୍‌କୁ ମଞ୍ଜୁରୀ । ମୂଳବେତନରେ ୧୪.୨୭% ଏବଂ ଭତ୍ତାକୁ ମିଶାଇ ୨୩.୬% ବେତନ ବୃଦ୍ଧିକୁ ଅନୁମୋଦନ ।

୩୦। ୬-- ପୂର୍ବତନ ଭାରତୀୟ ଅଲ୍‌ରାଉଣ୍ଡର୍ ରବି ଶାସ୍ତ୍ରୀଙ୍କର କ୍ରିକେଟ କମିଟିରୁ ଇସ୍ତଫା ପ୍ରଦାନ ।

୧। ୭-- ଉତ୍ତରାଞ୍ଚଳ ଓ ଅରୁଣାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଯୋଗୁଁ ୪୮ ମୃତ ଓ ୩୦ ଜଣ ନିଖୋଜ ।

୨ । ୭-- ସ୍ୱଦେଶୀ ଲଢୁଆ ବିମାନ 'ତେଜସ୍' ବାୟୁସେନାରେ ସାମିଲ୍ । ଏହାର ନାମ 'ଫ୍ଲାଇଙ୍ଗ୍ ଡ୍ରାଗର୍ସ-୪୫' ରଖାଯାଇଛି ।

୩ । ୭-- ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସ୍ମାର୍ଟ ସିଟି ତାଲିକାରେ ଆଉ ୯ଟି ସହର ସାମିଲ୍ ।

୧୧। ୭ ।-- ନୀତି ଆୟୋଗର ଉପଦେଷ୍ଟା ଅରବିନ୍ଦ ପାନ୍‌ଗାରିଆ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରବର୍ତ୍ତୀ ଗଭର୍ଣ୍ଣର ହେବେ ।

(ଅବଶିଷ୍ଟାଂଶ ୫୨ ପୃଷ୍ଠାରେ)

EDITED, PRINTED & PUBLISHED BY ANASUYA NANDA AT SANSAR PRESS, TALATELENGA BAZAR, CUTTACK-753009, Ph : 2420075, 2422597